୨୬ତମ ପ୍ରତିଷ୍ଠା ଦିବସ ସମାରୋହ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.26 . No.204 Bhubaneswar Saturday September 21 2024 | ୨୬ତମ ବର୍ଷ ସଂଖ୍ୟା-୨୦୪ ଭୁବନେଶ୍ୱର, ଶନିବାର, ସେପ୍ଟେମ୍ବର ୨୧, ୨୦୨୪ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹1.50 | (Air Surcharge - 0.50P) | Member-INS

## ସନ୍ଦେହ ଘେରରେ ଭୁବନେଶ୍ୱର ଡିସିପିଙ୍କ ଭୂମିକା, ହାଇକୋର୍ଟଙ୍କୁ ନିଜ ଆଡୁ ହସ୍ତକ୍ଷେପ ପାଇଁ ସେନାର ଅନୁରୋଧ

ଭୁବନେଶ୍ୱର,୨୦।୯(ପି.ଏନ): ଭରତପୁର ଥାନାରେ ମେଜର ଗୁରୁବଂଶ ସିଂ ଓ ତାଙ୍କ ବାନ୍ଧବୀଙ୍କୁ ଅମାନବୀୟ ନିର୍ଯାତନା ଘଟଣାକୁ ନେଇ ଭୁବନେଶ୍ୱର କମିଶନରେଟ ପୁଲିସର ଭୂମିକା ସନ୍ଦେହଘେରକୁ ଆସିଛି । ଏହି ଘଟଣାରେ ତୁରନ୍ତ ଦୋଷୀ ପୁଲିସ ଅଫିସରମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ବିଭିନ୍ନ ମହଲରୁ ଦାବି ସହ ଘଟଣାର ବିଚାରବିଭାଗୀୟ ତଦନ୍ତ ନିମନ୍ତେ ଦୁଇ ମୁଖ୍ୟ ବିରୋଧୀ ଦଳ ବିଜେଡି ଓ କଂଗ୍ରେସ ଦାବି କରିଛନ୍ତି ।ସେପଟେ ଓଡିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂଙ୍କୁ ଚିଠି ଲେଖି ଏହି ମାମଲାରେ ନିଜଆଡୁ ହସ୍ତକ୍ଷେପ କରିବା ପାଇଁ ସେନାର ବରିଷ୍ଠ ଅଧିକାରୀ ସେଂଟ୍ରାଲ ଇଣ୍ଡିଆର କମାଣ୍ଡିଂ ଜେନେରାଲ ଅଫିସର ଲେଫ୍ଟନାଂଟ ଜେନେରାଲ ପିଏସ୍ ଶେଖାୱତ ଅନୁରୋଧ କରିଛନ୍ତି । ଏତେସବୁ ପରେ ମଧ ଭୁବନେଶ୍ୱର ଡିସିପି ପ୍ରତୀକ ସିଂ ଭରତପୁର ଥାନା ଘଟଣା ପାଇଁ ସେନା ଅଫିସର ଓ



ତାଙ୍କ ବାନ୍ଧବୀଙ୍କୁ ଦାୟୀ କରିବାକୁ ପଛାଇନାହାନ୍ତି । ଆଉ ଭୁବନେଶ୍ୱର ପୁଲିସ କମିଶନର ସଞ୍ଜୀବ ପଣ୍ଡା ମଧ ଏହି ଘଟଣାକୁ ନେଇ ଅସମ୍ଭବ ନିରବତା ଅବଲମ୍ବନ କରିଛନ୍ତି ।ସୂଚନା ଅନୁସାରେ, ସେପ୍ଟେମ୍ବର ୧୫ତାରିଖ ରାତିରେ ରୋଡ୍ ରୋମିଓମାନେ ଦୁର୍ବ୍ୟବହାର କରିବା ଘଟଣାରେ ପୁଲିସର ସହାୟତା ଲୋଡିବାକୁ ଭରତପୁର ଥାନାକୁ ଯାଇ ଆକ୍ରୋଶର ଶିକାର ହୋଇଥିବା ସେନା ମେଜର ଗୁରୁବଂଶ ସିଂ ଓ ତାଙ୍କ ବାନ୍ଧବୀଙ୍କ ସମର୍ଥନରେ ଏବେ ସବୁଆଡୁ ଚାପ ବ଼ିବାରେ ଲାଗିଛି । ସେନାର କମାଣ୍ଡିଂ ଜେନେରାଲ ଅଫିସର ଲେଫ୍ଟନାଂଟ ଜେନେରାଲ ଶେଖାୱତ ଏହି ଘଟଣାରେ ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ ଶରଣ ସିଂଙ୍କୁ ଚିଠି ଲେଖି ନିଜଆଡୁ ହସ୍ତକ୍ଷେପ ପାଇଁ ଅନୁରୋଧ କରିଛନ୍ତି ।

### ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କ ଘରେ ରେଡ୍, ଏକକାଳୀନ ୩ଟି ସ୍ଥାନରେ ଚଢ଼ାଉ

ବାଲେଶ୍ୱର,୨୦।୯(ପି.ଏନ): ସକାଳୁ ସକାଳୁ ଭିଜିଲାନ୍ସ ରେଡ୍ । ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କ ଘରେ ପଶିଲା ଭିଜିଲାନ୍ସ । ବାଲେଶ୍ୱରର ଅଧୀକ୍ଷଣ ଯନ୍ତ୍ରୀ ଏନ ଭି ହରିହର ରାଓଙ୍କ ଘରେ ରେଡ୍ ହେଉଥିବା ସୂଚନା ରହିଛି ।ତେବେ ସରକାରୀ ଅଫିସ ସହିତ ବାସ ଭବନରେ ମଧ ଚଢ଼ାଉ କରାଯାଇଛି । ଏକକାଳୀନ ୩ଟି ସ୍ଥାନରେ ରେଡ ଜାରି ରହିଛି । ବାଲେଶ୍ୱର, ଭୁବନେଶ୍ୱର ଏବଂ ବ୍ରହ୍ମପୁରରେ ରେଡ୍ ଜାରି ରଖିଛି ଭିଜିଲାନ୍ସ ଟିମ୍ ।

### ଘୋଷଣା

ଯାନ୍ତ୍ରିକ ତ୍ରୁଟି ଯୋଗୁଁ 'ପର୍ଯ୍ୟବେକ୍ଷକ' ୨୦ ତାରିଖ ସଂସ୍କରଣଟି ପ୍ରକାଶ ପାଇ ପାରିନଥିଲା। ଏହି ଅନିଚ୍ଛାକୃତ ତ୍ରୁଟି ପାଇଁ ଆମେ ଦୁଃଖିତ।

-ପ୍ରକାଶକ

## ସୁଭଦ୍ରା ଯୋଜନା ପଞ୍ଜିକରଣ ପାଇଁ ଖର୍ଚ୍ଚାନ୍ତ ହେଉଛନ୍ତି ମହିଳା

ନିମାପଡା,୨୦।୯(ପି.ଏନ): ରାଜ୍ୟ ସରକାର ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ସୁଭଦ୍ରା ଯୋଜନା ଆରମ୍ଭ କରିଛନ୍ତି ।ମହିଳା ମାନଙ୍କୁ ୫ବର୍ଷରେ ୫୦ ହଜାର ଟଙ୍କା ଦେବା ପାଇଁ ସ୍ଥିର ମଧ କରିଛନ୍ତି ଯାହା ସ୍ୱାଗତଯୋଗ୍ୟ ପଦକ୍ଷେପ ।କିଛି ମହିଳାଙ୍କୁ ଗତ ୧୭ ତାରିଖରେ ସୁଭଦ୍ରା ଯୋଜନାର ପ୍ରଥମ କିସ୍ତିରେ ୫ହଜାର ଟଙ୍କା ମଧ ମିଳିସାରିଛି ।କିନ୍ତୁ ଆଉ କିଛି ମହିଳାଙ୍କୁ ସୁଭଦ୍ରା ଟଙ୍କା ମିଳିନାହିଁ। ଏଣୁ ସେମାନେ ଦ୍ୱନ୍ଦ୍ୱରେ ଥିବା ବେଳେ ସମସ୍ତଙ୍କୁ ସୁଭଦ୍ରା ଯୋଜନାରେ ଟଙ୍କା ମିଳିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିବା ପରେ ଏବେ ସମସ୍ତେ ଆଧାର ସଂଶୋଧନ,ଆଧାର ସହ ଫୋନ୍ ନମ୍ବର ସଂଯୋଗ ଓ ସୁଭଦ୍ରା ଫର୍ମ ଆବେଦନ କରିବା ପାଇଁ ଲାଗିପଡିଛନ୍ତି ।ଗତ କିଛିଦିନ ହେବ ଆଧାର ସଂଶୋଧନ ଏବଂ ଫୋନ୍ ନମ୍ବର ସଂଯୋଗ କରିବା ପାଇଁ ନିମାପଡା ଅଞ୍ଚଳର ଅନେକ ଜନସେବା କେନ୍ଦ୍ରଗୁଡିକରେ ମହିଳା ମାନଙ୍କ ଭିଡ଼ ଦେଖିବାକୁ ମିଳୁଛି । ସେହିପରି ବ୍ୟାଙ୍କ ମାନଙ୍କରେ କେୱାଇସି ପାଇଁ ମଧ ମହିଳା ମାନଙ୍କ ଭିଡ଼ ଜମୁଛି। କିନ୍ତୁ ଦୁଃଖର କଥା ମହିଳାମାନେ ଟଙ୍କା ଖର୍ଚ୍ଚ କରି ବ୍ୟାଙ୍କ ଓ ଜନସେବା କେନ୍ଦ୍ରକୁ ଛୋଟ ଛୋଟ ପିଲାମାନଙ୍କୁ ଧରି ଆସି ଦିନ ତମାମ ଅପେକ୍ଷା କରି ବହୁ ହଇରାଣ ହରକତ ହେଉଛନ୍ତି ।ଆସିଥିବା ଛୋଟଛୋଟ ପିଲା ମାନେ ଏକା ଏକା ରାସ୍ତା ପାର ହେବାଯୋଗୁଁ ଛୋଟବଡ଼ ଦୁର୍ଘଟଣା ମଧ ହେଉଛି । କିଛି ମହିଳାମାନେ ବହୁବାର ଟଙ୍କା ଖର୍ଚ୍ଚକରି ଜନସେବା କେନ୍ଦ୍ରକୁ ଆସିବା ପରେ ତାଙ୍କ କାମ ନ ହେବାରୁ ନିରାଶ ହୋଇ ଫେରୁଥିବାର ଦେଖିବାକୁ ମିଳୁଛି ।ଆର୍ଥିକ ଅଭାବ ଯୋଗୁଁ ଆଉଥରେ ଜନସେବା କେନ୍ଦ୍ର କି ବ୍ୟାଙ୍କକୁ ଆସିବା ପାଇଁ ଇଚ୍ଛା ପ୍ରକାଶ କରୁନଥିବା ଜଣାପଡିଛି ।ଦିନ ମଜୁରୀ କରି ପରିବାର ପୋଷଣ କରୁଥିବା ମହିଳାମାନେ କାମଧନ୍ଦା ଛାଡି ଦିନଦିନ ଧରି ଜନ ସେବା କେନ୍ଦ୍ରକୁ ଆସିବା ପରେ ମଧ କାମ ହେଉନଥିବା ବେଳେ ଏବେ ଶହ ଶହ ମହିଳା ଏକ କାଳୀନ ଜନସେବା କେନ୍ଦ୍ର ଗୁଡିକରେ ଆସି ଗହଳି କରୁଛନ୍ତି ।ସୁଭଦ୍ରା ଯୋଜନାରେ ସାମିଲ ହେବା ପାଇଁ ଫର୍ମ ଅନଲାଇନ ଆବେଦନ କରିବାର ସମୟ ସୀମା ନ ଥିବା ବେଳେ ମହିଳାମାନେ ସଚେତନତା ଅଭାବ ଯୋଗୁଁ ଜନସେବା କେନ୍ଦ୍ରରେ ଗହଳି କରିବା ସହ ହଇରାଣରେ ପଡୁଛନ୍ତି ।ତେଣୁ ପ୍ରଶାସନ ପକ୍ଷରୁ ବ୍ୟାପକ ସଚେତନତା ସୃଷ୍ଟି କରିବା ସହ ଛୋଟବଡ଼ ଦୁର୍ଘଟଣାକୁ ଏଡେଇ ଦିଆଯାଇପାରେ। ନିମାପଡା ବିଧାୟିକା ତଥା ରାଜ୍ୟ ଉପ ମୁଖ୍ୟମନ୍ତ୍ରି ଏଥିପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହେଉଛି।

### ଭିଶୋଇ ଘରେ ଭିଜିଲାନ୍ସ ଚଢ଼ାଉ, ଶଳାଙ୍କ ଘରୁ ମିଳିଲା ନଗଦ ୪୬ ଲକ୍ଷ

ଭୁବନେଶ୍ୱର,୨୦।୯(ପିଏନ): ବାଲେଶ୍ୱର ରୁରାଲ୍ ୱର୍କସ ସର୍କଲଙ୍କ ଘରେ ଆଜି ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇ ବିପୁଳ ସଂପତ୍ତି ଠାବ କରାଯାଇଛି।ତା' ମଧ୍ୟରେ ରହିଛି ୨ଟି କୋଠା, ଗୋଟିଏ ଫ୍ଲାଟ ଓ ୪ଟି ପ୍ଲଟ୍। ସେହିପରି ତାଙ୍କର ଦୁଇଟି ବେନାମୀ ଫ୍ଲାଟ ଠାବ କରାଯାଇଛି। ବ୍ୟାଙ୍କରେ ସେ ୧.୧୧ କୋଟି ଟଙ୍କା ଜମା ରଖିଥିବା ବେଳେ ତାଙ୍କର ଅନ୍ୟାନ୍ୟ ଜମା ଓ ନିବେଶ ନେଇ ଭିଜିଲାନ୍ସର ତଦନ୍ତ ଜାରି ରହିଛି।

## ପାରାଦୀପ ରିଫାଇନାରୀ ପକ୍ଷରୁ ଆପାତକାଳୀନ ମକ୍ ଡ୍ରିଲ୍ ଅନୁଷ୍ଠିତ

ପାରାଦୀପ,୨୦।୯(ପି.ଏନ): ପାରାଦୀପ ରିଫାଇନାରୀ ପକ୍ଷରୁ ଗୁରୁବାର ଦିନ ଆପାତକାଳୀନ ମକ୍ ଡ୍ରିଲ୍ ଅପରାହ୍ନରେ ଅନୁଷ୍ଠିତ ହୋଇଥିଲା। ଯଦି କୌଣସି ସମୟରେ କିଛି ଅଘଟଣ ଘଟେ ତାହାକୁ କିପରି ତୁର' ରକ୍ଷା କରାଯାଇପାରିବ ତାହାର ନମୁନା ପ୍ରଦର୍ଶିତ ହୋଇଥିଲା । ଏହି ମକ୍ ଡ୍ରିଲ୍ ସମୟରେ ଅଗ୍ନିକାଣ୍ଡ, ଆମ୍ବୁଲାନ୍ସ ଯାତାୟତ, ଦମକଳର ଯାତାୟତ କିପରି ସହଜ ହୋଇପାରିବ ତାହା ପ୍ରଦର୍ଶିତ ହୋଇଥିଲା । ପାରାଦୀପ ରିଫାଇନାରୀ ଅନୁମୋଦିତ ଇମରଜେନ୍ସି ରେସପନ୍ସ ଆଣ୍ଡ ଡିଜାଷ୍ଟର ମ୍ୟାନେଜମେଣ୍ଟ ପ୍ଲାନ୍



ଅନୁଯାୟୀ ରିଫାଇନାରୀ, ସିଆଇଏସଏଫ ଫାୟାର ବିଭାଗ, ଜରୁରୀକାଳୀନ ସୁରକ୍ଷା ଟିମ୍ ସଦସ୍ୟମାନେ ଏହି ମକ୍ ଡ୍ରିଲରେ ସାମିଲ ହୋଇଥିଲେ । ଓଡିଶା ସରକାରଙ୍କ ପକ୍ଷରୁ ପର୍ଯ୍ୟବେକ୍ଷକ ଭାବେ ସହକାରୀ ନିର୍ଦ୍ଦେଶକ(କାରଖାନା ଏବଂ ବଏଲର) ଚନ୍ଦ୍ର ଶେଖର ବେହେରା ଉପସ୍ଥିତ ଥିଲେ। ପିପିଏଲ, ଇଫକୋ, ପାରାଦୀପ ବନ୍ଦର ଏବଂ ଆଇଓସିଏଲ୍ ପାଇପ ଲାଇନ୍‌ର ପ୍ରତିନିଧିମାନେ ଏହି ଅଭ୍ୟାସରେ ଅଂଶଗ୍ରହଣ କରିଥିଲେ । ପାରାଦୀପ ରିଫାଇନାରୀର ଏଆରୟୁ ୟୁନିଟ୍‌ରେ ଯଦି ଏଚଟୁଏସ୍ ଗ୍ୟାସର ଲିକ୍ ହୁଏ, ତାହାକୁ ସଫଳତାର ସହିତ କିପରି ମୁକାବିଲା କରାଯିବ ସେ ସମ୍ପର୍କରେ ମକ୍ ଡ୍ରିଲ୍ ପ୍ରଦର୍ଶିତ ହୋଇଥିଲା। ପାରାଦୀପ ରିଫାଇନାରୀର କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଏବଂ ରିଫାଇନାରୀ ମୁଖ୍ୟ କୌଶିକ ବସୁଙ୍କ ଅଧକ୍ଷତାରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା ।

## ଏନସିଡବ୍ଲ୍ୟୁ ରିପୋର୍ଟ ମାଗିବା ପରେ ଚେତିଲେ: କୁର୍ସି ବଂଚାଇବା ଚକ୍କରରେ ରାଜ୍ୟ ମହିଳା କମିଶନ

ଭରତପୁର ଥାନାରେ ଭାରତୀୟ ସେନାର ମେଜର ଗୁରୁବଂଶ ସିଂ ଓ ତାଙ୍କ ବାନ୍ଧବୀଙ୍କୁ ପୁଲିସର ଅମାନବୀୟ ନିର୍ଯାତନା ଘଟଣାକୁ ନେଇ ସମଗ୍ର ଦେଶରେ ହଇଚ଼ଇ ସୃଷ୍ଟି ହୋଇଛି । ଏହି ସଙ୍ଗୀନ ଘଟଣାକୁ ନେଇ ଗଣମାଧମରେ ଖବର ପ୍ରକାଶିତ ହେବାପରେ ଜାତୀୟ ମହିଳା କମିଶନ(ଏନସିଡବ୍ଲ୍ୟୁ) ନିଜଆଡୁ ମାମଲା ରୁଜୁ କରି ରାଜ୍ୟ ପୁଲିସ ଡିଜିପିଙ୍କୁ ରିପୋର୍ଟ ତଲବ କରିବାର ୨ଦିନ ପରେ 'ଓଡିଶା ରାଜ୍ୟ ମହିଳା କମିଶନ' ସକ୍ରିୟତା ଦେଖାଇଛନ୍ତି । ବିଭିନ୍ନ ମହଲରୁ ଚାପ ପଡିବା ସହ ରାଜ୍ୟ ମହିଳା କମିଶନଙ୍କ କାର୍ଯ୍ୟକୁ ନେଇ ପ୍ରଶ୍ନ ଉଠିବା ପରେ ଆଜି ମହିଳା କମିଶନ ଅଧକ୍ଷା ମିନତୀ ବେହେରା ଭରତପୁର ଥାନାକୁ ଯାଇ ତଦନ୍ତ କରିଥିବା ଜଣାପଡିଛି । ପୂର୍ବ ବିଜେଡି ସରକାର ନିଜର ଦଳୀୟ ନେତ୍ରୀମାନଙ୍କୁ ରାଜ୍ୟ ମହିଳା କମିଶନରେ ଥଇଥାନ କରିଥିବାବେଳେ ଏବେ ସମ୍ପୃକ୍ତ ନେତ୍ରୀମାନେ ନିଜର କୁର୍ସି



ବଂଚାଇବା ଚକ୍କରରେ ସମ୍ବେଦନଶୀଳ ମହିଳା ହିଂସା ଘଟଣାରେ ମଧ ତ୍ୱରିତ୍ ସକ୍ରିୟତା ଦେଖାଇପାରୁନଥିବା ଚର୍ଚ୍ଚା ହେଉଛି ।ସୂଚନା ଅନୁସାରେ, ଭରତପୁର ଥାନାରେ ସେପ୍ଟେମ୍ବର ୧୫ତାରିଖ ରାତିରେ ସେନା ଅଫିସର ଓ ତାଙ୍କ ବାନ୍ଧବୀଙ୍କ ସହ ପୁଲିସର ଅମାନବୀୟ ଅତ୍ୟାଚାର ଘଟଣାକୁ ନେଇ ଗଣମାଧମରେ ଖବର ପ୍ରକାଶ ପାଇବା ପରେ ସେପ୍ଟେମ୍ବର ୧୭ତାରିଖରେ ଜାତୀୟ ମହିଳା କମିଶନ ଆକ୍ସନ ମୋଡକୁ ଆସିଥିଲେ । ନିଜଆଡୁ ମାମଲା ରୁଜୁ କରି ରାଜ୍ୟ ପୁଲିସ ଡିଜିଙ୍କୁ ଚିଠି ଲେଖି ୩ଦିନ ମଧରେ(୨୦ତାରିଖ ସୁଦ୍ଧା) କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦେବାକୁ ମଧ ନିର୍ଦ୍ଦେଶ ଦେଇଥିଲେ । ସମ୍ପୃକ୍ତ ପୁଲିସ ଅଫିସରମାନଙ୍କ ବିରୁଦ୍ଧରେ ତୁରନ୍ତ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ କରାଯିବ ବୋଲି କମିଶନ ଆଶାବ୍ୟକ୍ତ କରିଥିଲେ। ଏହି ଘଟଣାରେ ଏନସିଡବ୍ଲ୍ୟୁଙ୍କ ଏଭଳି ତତ୍ପରତା ଓ ଭାରତୀୟ ସେନା ପକ୍ଷରୁ ତୀବ୍ର ଆପତ୍ତି ଉଠାଯିବା ପରେ ଭରତପୁର ଥାନା ଆଇଆଇସିଙ୍କ ସମେତ ମୋଟ ୫ଜଣ ପୁଲିସ କର୍ମଚାରୀଙ୍କୁ ରାଜ୍ୟ ପୁଲିସ ଡିଜି ତତ୍କାଳ ପ୍ରଭାବରୁ ନିଲମ୍ବନ କରିଥିଲେ । ସେନାର ଅବସରପ୍ରାପ୍ତ ଅଫିସର ଓ କର୍ମଚାରୀମାନେ ମଧ କମିଶନରେଟ ପୁଲିସ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସହ ନ୍ୟାୟ ଦାବି କରିଥିଲେ । ଏପରିକି ୧୯ତାରିଖରେ ସେନା ଅଫିସରଙ୍କ ବାନ୍ଧବୀ ନିଜେ ଗଣମାଧମ ସମ୍ମୁଖକୁ ଆସି ତାଙ୍କ ସହ ପୁଲିସର ଅମାନବୀୟ ଓ ବର୍ବର କାର୍ଯ୍ୟ ସମ୍ପର୍କରେ ସର୍ବସାଧାରଣଙ୍କୁ ଅବଗତ କରାଇଥିଲେ । କିନ୍ତୁ ଏତେ ପରେ ବି ରାଜ୍ୟ ମହିଳା କମିଶନ ଏହି ଘଟଣାରେ ସକ୍ରିୟତା ଦେଖାଇନଥିଲେ ।

## ଟୁକଡେ ଟୁକଡେ ଗ୍ୟାଙ୍ଗ, ଅର୍ବାନ ନକ୍ସଲ: ରାହୁଲ ଗାନ୍ଧିଙ୍କ ନାଁ ନ ନେଇ ବର୍ଷିଲେ ମୋଦି

ଭୁବନେଶ୍ୱର,୨୦।୯(ପିଏନ):ଆମେରିକାରେ ରାହୁଲ ଗାନ୍ଧି ଦେଇଥିବା ବିଭିନ୍ନ ମନ୍ତବ୍ୟକୁ ନେଇ ଆଜି ତାଙ୍କ ଉପରେ ନିଜର ଆକ୍ରମଣକୁ ଆହୁରି ଜୋରଦାର କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ବିଦେଶ ମାଟିରେ କଂଗ୍ରେସ ନେତା ପ୍ରୟୋଗ କରିଥିବା ଭାଷା ଓ ସେମାନଙ୍କ ଭାରତ ବିରୋଧୀ ଏଜେଣ୍ଡା ଦର୍ଶାଉଛି ଯେ ଦଳ ଟୁକଡେ ଟୁକଡେ ଗ୍ୟାଙ୍ଗ ଓ ଅର୍ବାନ ନକ୍ସଲମାନଙ୍କ ଦ୍ୱାରା ପରିଚାଳିତ ବୋଲି ମୋଦି କହିଛନ୍ତି। ଭାରତକୁ ଭାଙ୍ଗିବାକୁ ଓ ଭାଗଭାଗ କରିବାକୁ ଚାହୁଁଥିବା ଲୋକଙ୍କ ବିରୋଧରେ ପ୍ରଧାନମନ୍ତ୍ରୀ ମୋଦି ଓ ବିଜେପି ନେତାମାନେ ସବୁବେଳେ



ଟୁକଡେ ଟୁକଡେ ଗ୍ୟାଙ୍ଗ, ଅର୍ବାନ ନକ୍ସଲ ଭଳି ଶବ୍ଦ ପ୍ରୟୋଗ କରିବାର ନଜିର ରହିଛି ।ପ୍ରଧାନ ବିଚାରପତି ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡଙ୍କ ଘରେ ଆୟୋଜିତ ଗଣେଷ ପୂଜା କାର୍ଯ୍ୟକ୍ରମରେ ଯୋଗ ଦେଇ ପ୍ରଧାନମନ୍ତ୍ରୀ ତୀବ୍ର ସମାଲୋଚନାର ଶିକାର ହୋଇଥିଲେ। ଏ ପ୍ରସଙ୍ଗରେ ମଧ ମୋଦି ସଫେଇ ଦେବାକୁ ଚେଷ୍ଟା କରିଛନ୍ତି।

## ଖାଇକୁ ଖସିଲା ବସ୍: ୪ ବିଏସ୍ଏଫ ଯବାନ ମୃତ, ୩୨ ଆହତ

ଭୁବନେଶ୍ୱର,୨୦।୯(ପି.ଏନ): ଜମ୍ମୁ ଓ କଶ୍ମୀରର ବୁଡଗାଁଓ ଜିଲ୍ଲାରେ ଆଜି ବିଏସ୍ଏଫ୍ ଯବାନଙ୍କୁ ନେଇ ଯାଉଥିବା ଏକ ବସ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ୪ ଜଣ ଯବାନଙ୍କ ମୃତ୍ୟୁ ଘଟିଛି। ୩୨ ଜଣ ଯବାନ ଆହତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୬ ଜଣଙ୍କ ଅବସ୍ଥା ଗୁରୁତର ରହିଛି ।ବୁଡଗାଁଓର ବ୍ରେଲ ୱାଟରହେଲ ଅଞ୍ଚଳରେ ଏହି ଘଟଣା ଘଟିଛି। ନିର୍ବାଚନ ଡ୍ୟୁଟିରେ ନିୟୋଜିତ ହୋଇଥିବା ୩୬ ଜଣ ବିଏସ୍ଏଫ୍ ଯବାନଙ୍କୁ ନେଇ ବସ୍‌ଟି



ଯାଉଥିଲା। ଏହା ଏକ ଘରୋଇ ବସ୍ ଥିଲା। ବିଏସ୍ଏଫ୍ ଯବାନଙ୍କୁ ସ୍ଥାନାନ୍ତର କରିବାକୁ ଏହାକୁ ଭଡା ସୂତ୍ରରେ ନିଆଯାଇଥିଲା।

## ଏସବିଆଇ ବ୍ୟାଙ୍କରେ ଭୟାବହ ଅଗ୍ନିକାଣ୍ଡ, ଧୂଆଁ ବାହାରୁଥିବା ଦେଖି ଛାନିଆ ଲୋକେ

ଭୁବନେଶ୍ୱର,୨୦।୯(ପି.ଏନ): ଏସବିଆଇ ବ୍ୟାଙ୍କ ଶାଖାରେ ଭୟଙ୍କର ଅଗ୍ନିକାଣ୍ଡ । ଆନନ୍ଦପୁର ପୌରାଞ୍ଚଳ, ଘଷିପୁରା ଥନା ସାମ୍ନାରେ ଥିବା ଘଷିପୁରା ଷ୍ଟେଟ୍ ବ୍ୟାଙ୍କ ଶାଖାରେ ନିଆଁ ଲାଗିଯାଇଥିବା ସୂଚନା ରହିଛି । ବିଳମ୍ବିତ ରାତିରେ ନିଆଁ ଲାଗିଥିବା ନେଇ ଅନୁମାନ କରାଯାଉଥିବା ବେଳେ ଆଜି ସକାଳେ ସ୍ଥାନୀୟ ଲୋକେ ଦେଖିଥିଲେ । ବ୍ୟାଙ୍କ ଭିତରୁ ଧୂଆଁ ବାହାରୁଥିବା ଦେଖିବା ପରେ ଶାଖା ପରିଚାଳକଙ୍କ ସମେତ ଅଗ୍ନିଶମ ବିଭାଗକୁ ମଧ ଖବର ଦିଆଯାଇଥିଲା ।ତେବେ ଖବର ପାଇ ଅଗ୍ନିଶମ ବାହୀନି ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ତେବେ ଅଗ୍ନିକାଣ୍ଡରେ ବ୍ୟାଙ୍କ ଫିଲ୍ଡ ଅଫିସରଙ୍କ ପ୍ରକୋଷ୍ଠ ର କିଛି କାଗଜ ପତ୍ର ସହ ଏକ କମ୍ପ୍ୟୁଟର ପୋଡି ଯାଇଥିବା ଜଣାପଡିଛି । ତେବେ କୌଣସି ବଡ ଧରଣର କ୍ଷତି ଘଟିନଥିବା ସୂଚନା ଦେଇଛନ୍ତି ଶାଖା ପରିଚାଳକ । ବର୍ତ୍ତମାନ ଅଗ୍ନିକାଣ୍ଡର କାରଣ ସ୍ପଷ୍ଟ ହୋଇନଥିବା ବେଳେ ସର୍ଟସର୍କିଟ ପାଇଁ ନିଆଁ ଲାଗିଥିବା ଅନୁମାନ କରାଯାଉଛି ।

## ଆମେରିକାରେ ଅଚ୍ୟୁତ ସାମନ୍ତଙ୍କ ନାମରେ ଖୋଲିବ ଗବେଷଣା କେନ୍ଦ୍ର

**ଭୁବନେଶ୍ୱର, ୨୦।୯(ପି.ଏନ):** ଆମେରିକାର ଅନ୍ୟତମ ଖ୍ୟାତି ସମ୍ପନ୍ନ ସରକାରୀ ବିଶ୍ୱବିଦ୍ୟାଳୟ ସିଟି ୟୁନିଭରସିଟି ଅଫ୍ ନିଉୟର୍କ (କ୍ୟୁନି) ବିଶ୍ୱବିଦ୍ୟାଳୟରେ ଶିକ୍ଷାବିତ୍, ସମାଜସେବୀ ତଥା କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ନାମରେ ଖୁବ୍ ଶୀଘ୍ର ଏକ ଗବେଷଣା କେନ୍ଦ୍ର ଖୋଲାଯିବ। ଆସନ୍ତା ମାସରେ 'ଅଚ୍ୟୁତ ସାମନ୍ତ ଇଣ୍ଡିଆ ଇନିସିଏଟିଭ୍ ଅଫ୍ ଦି କ୍ୟୁନି କ୍ରେଷ୍ଟ ଇନ୍‌ଷ୍ଟିଚ୍ୟୁଟ୍ (ଏଏସ୍ଆଇଆଇସିସିଆଇ) ନାମରେ ଏହି ଗବେଷଣା କେନ୍ଦ୍ର ସ୍ଥାପନ କରାଯିବ। ଆଜି କିଟ୍‌ରେ ଏ ନେଇ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କ୍ୟୁନି ବିଶ୍ୱବିଦ୍ୟାଳୟର ସଭାପତି ଡ. ମିଲଟନ୍ ସାଣ୍ଟିଆଗୋ ଘୋଷଣା କରିଛନ୍ତି। ଏହି ଗବେଷଣା କେନ୍ଦ୍ରରେ ସେହି ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଅଧାପକମାନେ ଓଡ଼ିଶାର କଳା, ସଂସ୍କୃତି, ପରମ୍ପରା ଉପରେ ଗବେଷଣା, ଶିକ୍ଷା ବିନିମୟ ସହ ଅଚ୍ୟୁତ ସାମନ୍ତଙ୍କ କାର୍ଯ୍ୟକଳାପ ଉପରେ ମଧ ଗବେଷଣା ଓ ଅଧୟନ କରିବେ ।କ୍ୟୁନି ବିଶ୍ୱବିଦ୍ୟାଳୟ ସଭାପତି ଡ ସାଣ୍ଟିଆଗୋ, ମୁମ୍ବାଇ ଏବଂ ହାଇଦ୍ରାବାଦସ୍ଥିତ ଆମେରିକା କନ୍‌ସୁଲ୍



ଜେନେରାଲଙ୍କ ପ୍ରତିନିଧିଙ୍କୁ ନେଇ ଏକ ୧୫ ଜଣିଆ ପ୍ରତିନିଧିମଣ୍ଡଳ ଗତ କାଲି କିଟ୍ ଓ କିସ୍ ପରିଦର୍ଶନରେ ଆସିଥିଲେ। ସେମାନେ କିଟ୍ ଓ କିସ୍ ପରିଦର୍ଶନ କରିବା ସହ ଶିକ୍ଷା, ସମାଜସେବା ଓ ଗବେଷଣା କ୍ଷେତ୍ରରେ କିଟ୍ ଓ କିସ୍ କାର୍ଯ୍ୟକ୍ରମ ଦେଖି ବେଶ ପ୍ରଭାବିତ ହୋଇଥିଲେ। ଆସନ୍ତା ମାସରେ କ୍ୟୁନି ବିଶ୍ୱବିଦ୍ୟାଳୟରେ ପ୍ରତିଷ୍ଠା ହେବ ଏଏସ୍ଆଇଆଇସିସିଆଇ ଗବେଷଣା କେନ୍ଦ୍ର। ଗବେଷଣା କେନ୍ଦ୍ର ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଯୋଗଦେବା ନେଇ ଡ. ସାଣ୍ଟିଆଗୋ ଆଜି ଶ୍ରୀ ସାମନ୍ତଙ୍କୁ ନିମନ୍ତ୍ରଣ କରିଥିଲେ। ଏହି ପ୍ରସ୍ତାବରେ ଶ୍ରୀ ସାମନ୍ତ ସମ୍ମତି ପ୍ରକାଶ କରିବା ସହ ପ୍ରଥମ ଥର ପାଇଁ ତାଙ୍କ ନାମରେ ଆମେରିକାର ଏକ ବିଶ୍ୱବିଦ୍ୟାଳୟରେ ଏକ ଗବେଷଣା କେନ୍ଦ୍ର ଖୋଲୁଥିବା ଜାଣି ସନ୍ତୋଷ ବ୍ୟକ୍ତ କରିଥିଲେ। ଓଡ଼ିଶାର କଳା ଓ ସଂସ୍କୃତି ଉପରେ ଆମେରିକାର ଏକ ଖ୍ୟାତି ସମ୍ପନ୍ନ ବିଶ୍ୱବିଦ୍ୟାଳୟରେ ଶିକ୍ଷା ବିନିମୟ ଓ ଗବେଷଣା କରାଯିବା ଓଡ଼ିଶା ପାଇଁ ଏକ ଗୌରବର ବିଷୟ ବୋଲି ଶ୍ରୀ ସାମନ୍ତ କହିଥିଲେ। ସୂଚନାଯୋଗ୍ୟ ସିଟି ୟୁନିଭରସିଟି ଅଫ୍ ନିଉୟର୍କ (କ୍ୟୁନି) ବିଶ୍ୱବିଦ୍ୟାଳୟ ଆମେରିକାର ଅନ୍ୟତମ ବହୁ ପୁରାତନ ଓ ସରକାରୀ ବିଶ୍ୱବିଦ୍ୟାଳୟ। ଭାରତର ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଭଳି ଆମେରିକାର କ୍ୟୁନି ବିଶ୍ୱବିଦ୍ୟାଳୟର ବେଶ ନାଁ ଅଛି। ଏଠାରେ ବିଶ୍ୱର ୧୨୨ଟି ଦେଶର ଛାତ୍ରଛାତ୍ରୀ ଅଧୟନ କରୁଥିବା ବେଳେ ଏଠାରୁ ୧୩ଜଣ ନୋବେଲ ବିଜେତା ସୃଷ୍ଟି ହୋଇଛନ୍ତି। କ୍ୟୁନି ବିଶ୍ୱବିଦ୍ୟାଳୟ ଅଧୀନରେ ୨୫ଟି ମହାବିଦ୍ୟାଳୟ ରହିଛି। ଆଜି କାର୍ଯ୍ୟକ୍ରମରେ ହାଇଦ୍ରାବାଦସ୍ଥିତ ଆମେରିକା କନ୍‌ସୁଲ୍ ଜେନେରାଲ ପ୍ରତିନିଧି ଆଲେକଜାଣ୍ଡର ମାକ୍ ଲର୍ନ, ମୁମ୍ବାଇସ୍ଥିତ ଆମେରିକା କନ୍‌ସୁଲ୍ ଜେନେରାଲ୍ ପ୍ରତିନିଧି ସୀତା ରାଇଟର, କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, ଉପକୁଳପତି ପ୍ରଫେସର ଦେବାଶିଷ ବନ୍ଦୋପାଧ୍ୟାୟ, କୁଳସଚିବ ଡ. ଜ୍ଞାନ ରଞ୍ଜନ ମହାନ୍ତି, କିସ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦୀପକ ବେହେରା, ମହାନିର୍ଦ୍ଦେଶକ ଡ. କାହ୍ନୁ ଚରଣ ମାହଲି, କୁଳସଚିବ ଡ. ପ୍ରଶାନ୍ତ କୁମାର ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ଭାରତୀୟ ତଟରକ୍ଷୀ ବାହିନୀ ପକ୍ଷରୁ ପ୍ରଦୂଷଣ ପ୍ରତିକ୍ରିୟା କର୍ମଶାଳା ଅନୁଷ୍ଠିତ



ପାରାଦୀପ,୨୦।୯(ପି.ଏନ): ସମୁଦ୍ରରେ ଜାହାଜ, ମାଛଧରା ବୋଟ ତଥା ଅନ୍ୟ ତୈଳ ପରିବହନ ସମୟ ଆଦିରୁ ବେଳେବେଳେ ତୈଳ ନିର୍ଗତ ହୋଇ ସମୁଦ୍ର ଜଳରାଶି ପ୍ରଦୂଷିତ ହୋଇଥାଏ। ଏହା ଦ୍ୱାରା ସମୁଦ୍ର ଜୀବ ବିବିଧତାରେ ଗୁରୁତର କ୍ଷତି ହୋଇଥାଏ । ମତ୍ସ୍ୟ ଉତ୍ପାଦନ ଓ ପର୍ଯ୍ୟଟନ ଉପରେ ନିର୍ଭର କରୁଥିବା ସ୍ଥାନୀୟ ଅର୍ଥନୀତିକୁ ପ୍ରଭାବିତ କରିଥାଏ । ଏହାର ପୁନଃସ୍ଥାପନ ଅତ୍ୟ' ବ୍ୟୟ ସାପେକ୍ଷ ହୋଇଥାଏ। ଏହା ଦ୍ୱାରା ପୁନଃସ୍ଥାପନ ବହୁତ ଧିର ଓ ଅନିଶ୍ଚିତ ଥାଏ କାରଣ ଅବଶେଷ ପ୍ରଦୂଷଣ ଦୀର୍ଘ ସମୟ ପର୍ଯ୍ୟ' ରହିଥାଏ। ପରିବେଶ ସୁରକ୍ଷା, ସାମୁଦ୍ରିକ ଜୀବବିବିଧତାକୁ ରକ୍ଷା କରିବା, ସାମୁଦ୍ରିକ ଜୀବବିବିଧତାକୁ ବଂଚାଇବା ଓ ଉପକୂଳ ଅର୍ଥନୀତିକୁ ସୁରକ୍ଷିତ କରିବା ପାଇଁ ଭାରତୀୟ ତଟରକ୍ଷୀ ବାହିନୀ ପକ୍ଷରୁ ଦୁଇ ଦିନିଆ କର୍ମଶାଳା ଜିଲ୍ଲା ମୁଖ୍ୟାଳୟ-୭ ପାରାଦୀପ ଠାରେ ଅୟୋଜିତ ହୋଇଥିଲା। ପାରାଦୀପ ବନ୍ଦର, ଧାମରା ବନ୍ଦର, ଗୋପାଳପୁର ବନ୍ଦର, ବିପିସିଏଲ୍, ଏଚପିସିଏଲ୍, ଆଇଓସିଏଲ, ଓଡିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ପ୍ରତିନିଧିମାନେ ଏହି ଦୁଇ ଦିନିଆ କର୍ମଶାଳାରେ ଯୋଗ ଦେଇଥିଲେ।








# ଟି ଟାଇମ୍

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ପଲ୍ଲୀ କବି ନନ୍ଦ କିଶୋର ବଳ



ଓଡିଶା ସାହିତ୍ୟର ପ୍ରାକ୍- ଆଧୁନିକ କାଳରେ ଜଣେ କବି ଥିଲେ। ସେ ଓଡିଶାର ପୁରପଲ୍ଲୀ ଉପରେ କାବ୍ୟ ରଚନା କରିଥିବାରୁ ତାଙ୍କୁ ପଲ୍ଲୀ କବି ବୋଲି ସମ୍ବୋଧନ କରାଯାଏ।
ସେ ଓଡିଶାର କଟକ ଜିଲ୍ଲା ଅନ୍ତର୍ଗତ କୁସୁପୁର ଗାଆଁରେ ଜନ୍ମଗ୍ରହଣ କରିଥିଲେ। ପିତାଙ୍କ ନାମ ଥିଲା ଭଜନାନନ୍ଦ ଜେନା ଓ ମାତାଙ୍କର ନାମ ହିରଣ୍ମୟୀ ଦେବୀ। ଶୈଶବରେ ସେ "ରସାନନ୍ଦ ଜେନା" ନାମରେ ପରିଚିତ ଥିଲେ। ପିଉସୀ ପୋଷ୍ୟପୁତ୍ର କରିନେବା ପରେ ସେ ନନ୍ଦକିଶୋର ବଳ ଭାବରେ ପରିଚିତ ହେଲେ। ବାଲ୍ୟ ଜୀବନ କୁସୁପୁରରେ ହିଁ କଟିଥିଲା। ଗାଁ ସ୍କୁଲରୁ ଆରମ୍ଭ କରି, ସେ କଟକ ଟାଉନ ସ୍କୁଲ, ରେଭେନ୍ସା କଲିଜିଏଟ ସ୍କୁଲ, କେନ୍ଦ୍ରାପଡା ଉଚ୍ଚ ଇଂରାଜୀ ବିଦ୍ୟାଳୟ ଓ ରେଭେନ୍ସା ମହାବିଦ୍ୟାଳୟରେ ଶିକ୍ଷାଲାଭ କରିଥିଲେ। ଭକ୍ତି କବି ବଧୁସୂଦନ ରାଓଙ୍କ ଦ୍ୱାରା ପ୍ରତିଷ୍ଠିତ କଟକରେ ଟାଉନ ସ୍କୁଲରୁ ନନ୍ଦ କିଶୋର ନିଜର ଚାକିରି ଜୀବନ ଆରମ୍ଭ କରିଥିଲେ। କିଛି ବର୍ଷ ପରେ, ସେ ସ୍କୁଲ ସବ୍‌ଇନସିପେକ୍ଟର ଭାବେ ପଦୋନ୍ନତି ପାଉଥିଲେ। ଏହି ଚାକିରିରେ ବାରମ୍ବାର ଗସ୍ତ ଓ ବଦଳି ଯୋଗୁଁ ତାଙ୍କ ଦେହ ଖରାପ ହେଉଥିଲା। ଏହି କାରଣରୁ ସେ ସ୍ୱେଚ୍ଛାକୃତ ଅବସର ନେଇ ଗାଁରେ ରହିବାକୁ ସ୍ଥିର କରିଥିଲେ। କିନ୍ତୁ ଚିକିତ୍ସା ପାଇଁ ତାଙ୍କୁ ପୁନର୍ବାର କଟକ ଆସିବାକୁ ପଡିଥିଲା। ୧୯୨୮ ମସିହା ଜୁଲାଇ ୧ ତାରିଖରେ ଇହଲିଲା ସମ୍ବରଣ କରିଥିଲେ।
ରଚନାବଳୀନନ୍ଦ କିଶୋର, କଲେଜରେ ପଢ଼ିଲା ବେଳୁହିଁ ପ୍ରବନ୍ଧ ଲେଖିବା ଆରମ୍ଭ କରିଥିଲେ। ନିଜର ପ୍ରଥମ ପ୍ରଥମ ପ୍ରବନ୍ଧକୁ ସେ "ପଲ୍ଲୀ ଚିତ୍ର" ନାମରେ କବିତାର ରୂପ ଦେଇଥିଲେ। ତାଙ୍କର ରଚନାବଳୀରେ ପଲ୍ଲୀ ପ୍ରକୃତିର ସୁନ୍ଦର ବର୍ଣ୍ଣନା ଫୁଟିଉଠିଥାଏ। ପିଲାମାନଙ୍କ ପାଇଁ ତାଙ୍କଦ୍ୱାରା ରଚିତ "ନାନା ବାୟା ଗୀତ" ଓଡିଶାର ପୁରପଲ୍ଲିରେ ବେଶ୍ ପ୍ରଚଳିତ। ସେ ୧୦୦ରୁ ଅଧିକ ସନେଟ ମଧ୍ୟ ଲେଖିଛନ୍ତି। ତାଙ୍କର ସନେଟ ଗୁଡିକ ପ୍ରକୃତି ଓ ଜନଜୀବନର ଛବିରେ ପୁଷ୍ଟ। ୧୯୨୫ରେ ସେ କନକଲତା (ଉପନ୍ୟାସ) ନାମରେ ଉପନ୍ୟାସଟିଏ ମଧ୍ୟ ରଚିଯାଇଛନ୍ତି।

## ପୁରାଣ କାହାଣୀ

# ରାମଙ୍କ ପିତୃସତ୍ୟ ପାଳନ



ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ବର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଙ୍କ ପୁତ୍ର ଭରତ ରାଜା ହେବେ। ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ। ଏହା ଶୁଣି ରାମ ଧୀର ଚିତ୍ତରେ ପିତୃ-ସତ୍ୟ ପାଳନ ନିମନ୍ତେ କିଞ୍ଚିତ ଦୁଃଖ ପ୍ରକାଶ କଲେ ନାହିଁ। ରାମଙ୍କର ଏହି ମହନୀୟତା ହିଁ ସାରା ରାମାୟଣରେ ଅନେକ ରୂପରେ ପ୍ରକାଶିତ ହୋଇଛି। ରାମଙ୍କର ଶତ ବାରଣ ସତ୍ତ୍ୱେ,ବନବାସ ବେଳେ ରାମଙ୍କର ଅନୁସରଣ କରିବା ପାଇଁ ଦେବୀ ସୀତା ଏବଂ ଭ୍ରାତା ଲକ୍ଷ୍ମଣ ଇଚ୍ଛା ପ୍ରକାଶ କଲେ। ରାମଙ୍କର ବାରଣର ଉତ୍ତରରେ ସୀତା କହନ୍ତି, ଆପଣଙ୍କ ପାଦ ଯେଉଁ ବନପ୍ରଦେଶରେ ପଡିମ ତାହା ମୋ ପାଇଁ ଅଯୋଧ୍ୟା ଆଉ ଆପଣଙ୍କ ବିନା ଆଯୋଧ୍ୟା ମଧ୍ୟ ମୋ ପାଇଁ ନର୍କ ସଦୃଶ। ଇତି ମଧ୍ୟରେ ଭାରତ, ଟିଏ କି ମାତୃଳଙ୍କ ଗୃହକୁ ବୁଲି ଯାଥିଲେ, ଏଖବର ଶୁଣି ଗଭୀର ଦୁଃଖ ପ୍ରକାଶ କଲେ। ରାଜା ହେବାର ସୁଯୋଗ ପରିତ୍ୟାଗ କରି ସେ ଭ୍ରାତା ରାମଙ୍କୁ ଦେଖା କରିବା ପାଇଁ ସେ ବନ ଗମନ କରି ରାମଙ୍କୁ ଦେଖା କଲେ। ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ। କିନ୍ତୁ ରାମ ପିତୃ-ସତ୍ୟ ପାଳନ ନିମନ୍ତେ ସମସ୍ତ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରି ବନବାସ ପୂର୍ବରୁ ରାଜ୍ୟକୁ ଫେରିବାକୁ ମନା କରିଦେଲେ। ତେବେ ଏକ ବିରଳ ଭ୍ରାତୃ ଭକ୍ତିର ଉଦାହରଣ ସ୍ୱରୂପ ଭରତ ଭ୍ରାତା ରାମଙ୍କ କଠଉ ଯୋଡିକ ମସ୍ତକରେ ଧାରଣ ପୂର୍ବକ ଫେରି ଆସିଲେ ଏବଂ ସିଂହାସନରେ ରାମଙ୍କ କଠଉ ସ୍ଥାପନ ପୂର୍ବକ ରାମଙ୍କ ପ୍ରତିନିଧି ଭାବରେ ରାଜ୍ୟ ଶାସନ କରିବାକୁ ଲାଗିଲେ।

## ରଣବୀର-କ୍ୟାଟ୍ରିନାଙ୍କୁ ନେଇ ଚର୍ଚ୍ଚା



ରଣବୀର କପୁର ଓ କ୍ୟାଟ୍ରିନା କୈଫଙ୍କ ଅଭିନୀତ ଫିଲ୍ମ 'ଜଗା ଜାସୁସ୍'ର ପ୍ରଥମ ପୋଷ୍ଟର ରିଲିଜ କରାଯାଇଛି। ୟୁଟିଭି ମୋଶନ ପିକଚର୍ସର ଟ୍ୱିଟରରେ ଏହି ପୋଷ୍ଟର ରିଲିଜ କରାଯାଇଛି। ଯେଉଁଥିରେ ଉଭୟ ରଣବୀର ଓ କ୍ୟାଟ୍ରିନାଙ୍କୁ ଓଟପକ୍ଷୀ ଉପରେ ବସି ଯାଉଥିବାର ଦେଖିବାକୁ ମିଳିଛି। ଦୁଇଜଣଙ୍କ ଲୁକ୍ ମଧ୍ୟ ଖୁବ୍ ମଜାଳିଆ ହୋଇଛି। ଯାହାକୁ ଦେଖିବା ପରେ ଫିଲ୍ମ ରିଲିଜର ଅପେକ୍ଷାରେ ରହିଛନ୍ତି ଦର୍ଶକ। ଫିଲ୍ମକୁ ନେଇ ବ୍ୟଗ୍ରତାର ଅନ୍ୟ ଏକ କାରଣ ହେଉଛି ବ୍ରେକଅପ୍ ପରେ ପୁଣିଥରେ ରଣବୀର ଓ କ୍ୟାଟ୍ରିନାଙ୍କୁ ଏଥିରେ ଏକାଠି ଦେଖିବାକୁ ମିଳିବ। ଯାହା ସେମାନଙ୍କ ପ୍ରଶଂସକଙ୍କ ପାଇଁ ଖୁସିର ମୁହୂର୍ତ୍ତ। ତେବେ ଅନୁରାଗ ବସୁଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ଚଳିତ ବର୍ଷ ୨୭ ନଭେମ୍ବରରେ ରିଲିଜ କରାଯାଇଥା'ନ୍ତା। ମାତ୍ର ରଣବୀର ଓ କ୍ୟାଟ୍ରିନାଙ୍କ ବ୍ରେକଅପ୍ ଏବଂ ଦୁଇଜଣଙ୍କ ବ୍ୟସ୍ତ ସିଡ୍ୟୁଲକୁ ନେଇ ଫିଲ୍ମଟି ନିର୍ଦ୍ଧାରିତ ସମୟରେ ଶେଷ ହୋଇପାରିନଥିଲା। ତେଣୁ ଏହାର ରିଲିଜ ଡେଟ୍‌କୁ ଘୁଞ୍ଚାଯାଇ ଆସନ୍ତା ବର୍ଷ ଅପ୍ରେଲ ୭ ତାରିଖକୁ ରଖାଯାଇଛି।

## ଉଚ୍ଚ ରକ୍ତଚାପରୁ ରକ୍ଷା କରିବ ଗଭୀର ନିଃଶ୍ୱାସ



ଶରୀରରେ ଯେକୌଣସି ରୋଗର ଉପସ୍ଥିତି ଅଧିକାଂଶ ଲୋକଙ୍କୁ ବହୁତ ଡେରିରେ ଜଣା ପଡ଼ିଥାଏ । ସେଭଳି ଏକ ରୋଗ ହେଉଛି ଉଚ୍ଚ ରକ୍ତଚାପ । ଉଚ୍ଚ ରକ୍ତଚାପକୁ ସାଇଲେଣ୍ଟ କିଲର କୁହାଯାଏ । ଯଦି ଆପଣ ସେଭଳି ସ୍ଥିତିରେ ଗତି କରୁଛନ୍ତି ଓ ଔଷଧପତ୍ର ଖାଇବା ଝାମେଲାରୁ ମୁକୁଳିବାକୁ ଚାହୁଁଛନ୍ତି ତେବେ ଆପଣ ଆପଣଙ୍କ ଲାଇଫ ଷ୍ଟାଇଲକୁ ବଦଳାନ୍ତୁ । ଦୀର୍ଘ ଶ୍ୱାସକ୍ରିୟାରେ ଆରାମ-କିଛି ବ୍ୟକ୍ତିଙ୍କର ରକ୍ତଚାପ ସନ୍ଧ୍ୟା ତୁଳନାରେ ସକାଳ ସମୟରେ ଅଧିକ ଥାଏ । ଏହାର କାରଣ ରାତିରେ ଅମ୍ଳଜାନର ଅଭାବ। ବିପି ନିୟନ୍ତ୍ରଣ ରଖିବା ପାଇଁ ଅମ୍ଳଜାନର ମୁଖ୍ୟ ଭୂମିକା ରହିଛି । ଏଥିପାଇଁ ଦିନବେଳେ ଶାନ୍ତ ପରିବେଶରେ ବସି ୧୦ ରୁ ୧୫ ଥର ପେଟ ଭିତରୁ ଦୀର୍ଘ ନିଃଶ୍ୱାସ ନେବା ଉଚିତ୍ । ଏସ୍‌ଏମ୍‌ଏସ୍ ଡାକ୍ତରଖାନାର ଫିଜିସିଆନ୍ ଡା. ସି.ଏଲ୍.ନବଲଙ୍କ କହିବା ଅନୁସାରେ ଗଭୀର ନିଃଶ୍ୱାସ ପ୍ରଶ୍ୱାସ ନେଲେ ଶରୀରରେ ଅମ୍ଳଜାନ ଓ ରକ୍ତ ସଞ୍ଚାଳନ ସୁଚାରୁ ରୂପେ ହୋଇଥାଏ । ତା'ସହିତ ମାନସିକ ରୂପରେ ଶାନ୍ତି ମିଳିଥାଏ ।

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

## ବିଲେଇକୁ ମିଳୁଛି ସରକାରୀ ଚାକିରି, ମୋଟା ଦରମା



ଲଣ୍ଡନ ଗୋଟିଏ ପଟେ ଦେଶରେ ବେରୋଜଗାରୀ ସମସ୍ୟା ବୃଦ୍ଧି ପାଉଥିଲା ବେଳେ ଅନ୍ୟପଟେ ଏଠି ବିଲେଇକୁ ପ୍ରଦାନ କରାଯାଉଛି ସରକାରୀ ଚାକିରି ଏବଂ ଚାକିରି ବାବଦରେ ମିଳୁଛି ମୋଟା ଦରମା। ନିକଟରେ ଦେଶର କ୍ୟାବିନେଟ୍ ଦୁଇ ବିଲେଇକୁ ସରକାରୀ ନିଯୁକ୍ତି ପାଇଁ ମଞ୍ଜୁର ଦେଇଛି। ଇବି ଏବଂ ଓସି ନାମକ ଏହି ଦୁଇ ବିଲେଇ ଏବେ ବ୍ରିଟିସ ସରକାରଙ୍କ କ୍ୟାବିନେଟ୍ କାର୍ଯ୍ୟାଳୟରେ ଚାକିରି କରୁଛନ୍ତି। ବିଲେଇଙ୍କୁ ନିଯୁକ୍ତି ଦିଆଯିବା ପୂର୍ବରୁ ବିଧିବଦ୍ଧ ଭାବେ ବିଜ୍ଞାପନ ଦିଆଯାଇଥିଲା। ବିଜ୍ଞାପନରେ ସେମାନଙ୍କର ଯୋଗ୍ୟତା ସହ ବାୟୋଡାଟା ମଧ୍ୟ ମଗାଯାଇଥିଲା। ଏହି ନିଯୁକ୍ତି ପାଇଁ ଅନେକ ଆବେଦନ ପତ୍ର ମିଳିଥିଲା ବେଳେ ଦକ୍ଷତାକୁ ଦୃଷ୍ଟିରେ ରଖି ଦୁଇ ବିଲେଇଙ୍କୁ ନିଯୁକ୍ତି ଦିଆଯାଇଛି। ଏମାନଙ୍କର ଦାୟିତ୍ୱ ହେଉଛି କ୍ୟାବିନେଟ୍ କାର୍ଯ୍ୟାଳୟରୁ ମୂଷା ମାରିବା। ଗତକିଛି ବର୍ଷ ଧରି ଏଠାର କ୍ୟାବିନେଟ୍ କାର୍ଯ୍ୟାଳୟରେ ମୂଷାଙ୍କ ଉତ୍ପାତ ବୃଦ୍ଧି ପାଉଥିଲା ବେଳେ ସେମାନଙ୍କ ଦ୍ୱାରା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ନଷ୍ଟ ହେବାରେ ଲାଗିଛି। ଯେଉଁ କାରଣରୁ ସରକାର ବାଧ୍ୟରେ ମୂଷା ନିୟନ୍ତ୍ରଣ ପାଇଁ ବିଲେଇ ନିଯୁକ୍ତି ଦେଇଛନ୍ତି।

# ଆଜିର ଭାଗ୍ୟ

**ମେଷ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** — ବନ୍ଧୁଙ୍କ ନିକଟରୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମୀୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** — ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** — ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

## ଶୀତ ଋତୁରେ ରୋଗ ବେଶୀ



ଶୀତଋତୁ ଆସିଲେ ବିଭିନ୍ନ ପ୍ରକାର ରୋଗ ମଧ୍ୟ ସାଙ୍ଗରେ ଆଣି ଆସିଥାଏ । ଯେପରି ଥଣ୍ଡା, ସଂକ୍ରମଣ, ଜ୍ୱର ଫାଟିବା ଇତ୍ୟାଦି । କେତେକ ଲୋକଙ୍କର ଭାବନା ରହିଥାଏ କି ସନସ୍କ୍ରିନ୍‌ର ପ୍ରୟୋଗ କେବଳ ଗ୍ରୀଷ୍ମ ଦିନମାନଙ୍କରେ କରାଯାଇଥାଏ କିନ୍ତୁ ଏପରି ଭାବିବା ସମ୍ପୂର୍ଣ୍ଣ ରୂପେ ଭୁଲ୍ । ଥଣ୍ଡା ଦିନମାନଙ୍କରେ ସୂର୍ଯ୍ୟ ଭୂପୃଷ୍ଠର ସବୁଠାରୁ ନିକଟତର ହୋଇଥାନ୍ତି । ଏଥିପାଇଁ ସୂର୍ଯ୍ୟଙ୍କ କିରଣ ଅଧିକ କ୍ଷତି ପହଞ୍ଚାଇଥାଏ । ଥଣ୍ଡା ଦିନମାନଙ୍କରେ କସରତ କରିବା କ୍ଷତିକାର ହୋଇପାରେ । ଏପରି ଭାବିବା ବିଲ୍‌କୁଲ୍ ଭୁଲ୍ । ବାସ୍ ଏହି କଥାର ଧାନ ରଖନ୍ତୁ କି ବାହାରକୁ ବାହାରିବା ପୂର୍ବରୁ ନିଜକୁ ଥଣ୍ଡାରୁ ବଞ୍ଚେଇବାର ସମସ୍ତ ଉପାୟକୁ ସାଙ୍ଗରେ ଧରି ଯାଆନ୍ତୁ । ଥଣ୍ଡା ଦିନମାନଙ୍କରେ ମଦ୍ୟପାନ କରିବା ଦ୍ୱାରା ଶରୀର ଗରମ ପହଞ୍ଚାଇଥାଏ ବୋଲି ଅନେକଙ୍କର ଭାବନା ରହିଥାଏ । କିନ୍ତୁ ବାସ୍ତବରେ ଏହା ଅଳ୍ପ କିଛି ସମୟ ପାଇଁ ଆପଣଙ୍କ ଶରୀରକୁ ଗରମ ରଖିଥାଏ । ଲମ୍ବା ସମୟ ପର୍ଯ୍ୟନ୍ତ ଏହା କାମ କରିନଥାଏ । ଅଧିକ ସମୟ ପର୍ଯ୍ୟନ୍ତ ଥଣ୍ଡାରେ ଘରଠୁ ବାହାରେ ରହିବା ଦ୍ୱାରା ରୋଗ ଆକ୍ରାନ୍ତ ହେବାର ଆଶଙ୍କା ଅଧିକ ରହିଥାଏ । ଏପରି ବିଲ୍‌କୁଲ୍ ନୁହେଁ । ଏହି ମୌସୁମୀରେ ଥଣ୍ଡା, କାଶ, କେବଳ ବ୍ୟାକ୍ଟେରିୟା ଏବଂ ସଂକ୍ରମଣ କାରଣରୁ ହିଁ ହୋଇଥାଏ । ଥଣ୍ଡା ମୌସୁମିରେ ଅଧିକ ଚିନ୍ତା ରହିଥାଏ । ଭିଟାମିନ୍ ସି ଇମ୍ୟୁନିଟିକୁ ବଢେଇଥାଏ ଏବଂ ଥଣ୍ଡା ଦିନମାନଙ୍କରେ ହେଉଥିବା ରୋଗ ମାନଙ୍କଠାରୁ ବଞ୍ଚେଇଥାଏ ।




# ଅଳିଆଗଦାରେ ପଡ଼ିଛି ଶିଳ୍ପ ନିରାପତ୍ତା ଆଇନ !

କେବଳ ଓଡ଼ିଶା ପାଇଁ ନୁହେଁ ସମଗ୍ର ଭାରତବର୍ଷର ଛୋଟଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତ ଶିଳ୍ପ ସମ୍ବନ୍ଧୀୟ କଳକାରଖାନା ପାଇଁ କଠୋର ଆଇନ ରହିଛି। ଶିଳ୍ପଜନିତ ଶ୍ରମିକଙ୍କ ସୁରକ୍ଷାକୁ ଅଗ୍ରାଧିକାର ଭିତ୍ତିରେ ମାନିବା ପାଇଁ ବିଭିନ୍ନ ସମୟରେ ଆଇନର ତର୍ଜମାକୁ କଠୋର ବି କରାଯାଇଛି। ମାନ୍ୟବର ସୁପ୍ରିମକୋର୍ଟଙ୍କଠାରୁ ହାଇକୋର୍ଟ ପର୍ଯ୍ୟନ୍ତ ବିଭିନ୍ନ ସମୟରେ ଶିଳ୍ପ ନିରାପତ୍ତା ଆଇନ ମାମଲାରେ ନିରପେକ୍ଷ ତଦନ୍ତ ସହ କଠୋର ଓ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରଶାସନକୁ କଡ଼ାକଡ଼ି ନିର୍ଦ୍ଦେଶ ବି ଦିଆଯାଇଛି। ୧୯୯୪ର ଅଗ୍ରୱାଲ ଇଣ୍ଡଷ୍ଟ୍ରିଜ୍ ବନାମ ମହାରାଷ୍ଟ୍ରର ସରକାର ମାମଲାଠାରୁ ୨୦୧୨ର ପଶ୍ଚିମବଙ୍ଗ ସରକାର ବନାମ ସିଂ ଟ୍ରେଡ଼ର୍ସ ଆଲଏଜ୍ ମାମଲାରେ ମାନ୍ୟବର ସୁପ୍ରିମକୋର୍ଟ ନିରୀହ ଶ୍ରମିକଙ୍କୁ ଯୂପକାଠିରେ ବଳିବୋଦା କରାଯାଉଥିବା ନେଇ ଘୋର ଉଦ୍‌ବେଗ ପ୍ରକାଶ କରି ଯେଉଁ କଡ଼ା ନିର୍ଦ୍ଦେଶାବଳୀ ଜାରି କରିଥିଲେ ତାହାକୁ ଭାରତର ଅଧିକାଂଶ ଛୋଟବଡ଼ ଶିଳ୍ପସଂସ୍ଥାମାନେ ଫୁତ୍‌କାରରେ ଉଡାଇ ଦେଇଛନ୍ତି। ପ୍ରକାରାନ୍ତରେ କହିବାକୁ ଗଲେ ଶିଳ୍ପ ନିରାପତ୍ତା ଆଇନ ଅଳିଆଗଦାରେ ହିଁ ପଡ଼ିରହିଛି। ଦିନକୁ ଦିନ ଶିଳ୍ପ ପ୍ରଗତିକୁ ଅଗ୍ରାଧିକାର ଦିଆଯାଉଥିବାରୁ ଶିଳ୍ପ କାରଖାନା ଛତୁ ଫୁଟିଲା ପରି ଗଢ଼ି ଉଠୁଛି। କିନ୍ତୁ ସରକାରୀ ପ୍ରଣୀତ ଆଇନକୁ ପଛରେ ପକାଇ ଏହି କଳକାରଖାନାର କର୍ତ୍ତୃପକ୍ଷ ନା ଆଇନକୁ ମାନୁଛନ୍ତି ନା ଶ୍ରମିକଙ୍କୁ ବୈଷୟିକ ତାଲିମ ଦେଉଛନ୍ତି। କେବଳ ସେତିକି ନୁହେଁ ସରକାରଙ୍କୁ ପ୍ରଭାବିତ କରି ନିୟମିତ ଅନୁଧ୍ୟାନ ଓ ଯାଞ୍ଚ ବ୍ୟବସ୍ଥାକୁ ରୋକିବାରେ ବି ସଫଳ ହେଉଛନ୍ତି। ବର୍ତ୍ତମାନ ସୁଦ୍ଧା ଓଡ଼ିଶାରେ ପାଖାପାଖି କାର୍ଯ୍ୟକ୍ଷମ ଅବସ୍ଥାରେ ଥିବା ଚାରିହଜାରରୁ ଊର୍ଦ୍ଧ୍ୱ ଛୋଟବଡ଼ ଶିଳ୍ପ କାରଖାନା କାର୍ଯ୍ୟକରୁଛି। ଏଥିରେ ଶ୍ରମିକ ଭାବେ କାର୍ଯ୍ୟକରୁଥିବା ଅଧିକାଂଶ ହେଉଛନ୍ତି ଦାରିଦ୍ର୍ୟ ପ୍ରପୀଡ଼ିତ ଯୁବକ, ବେକାରରେ ଛଟପଟ ହେଉଥିବା ଅଭାବୀ ଉଚ୍ଚଶିକ୍ଷିତ ପିଲା, ତଥା ଗ୍ରାମାଞ୍ଚଳ ଓ କୃଷିକ୍ଷେତ୍ରରୁ ଆସୁଥିବା ଅଣକୁଶଳୀ ଓ ଅନଭିଜ୍ଞ ଯୁବବର୍ଗ। ଦିନକୁ ଦିନ ରାଜ୍ୟରେ ଶିଳ୍ପ ପ୍ରଗତି ନାମରେ ଚଷାପୁଅର କ୍ଷତ ଉପରେ ଶିଳ୍ପର ଚିମିନ୍ ଧୂଆଁ ଉଠୁଥିବାରୁ ବେରୋଜଗାରୀ ଯୁବବର୍ଗମାନେ ଯାହା ପାଇଲେ ସନ୍ତୁଷ୍ଟ ନିଆଁରେ କମ୍ ମଜୁରୀରେ ଏହି ଶିଳ୍ପସଂସ୍ଥାରେ କାର୍ଯ୍ୟ କରୁଛନ୍ତି। ଏହି ଶ୍ରମଶକ୍ତି ହାତପାଆନ୍ତାରେ ଓ ଖୁବ୍ କମ୍ ମଜୁରୀରେ ମିଳିଯାଉଥିବାରୁ ପରବର୍ତ୍ତୀ ସମୟରେ ଶିଳ୍ପସଂସ୍ଥାମାନେ ସେମାନଙ୍କୁ ତାଲିମ ଦେବା ପାଇଁ ଉଚିତ୍ ନ ମଣି ବରଂ ସେମାନଙ୍କ ଜୀବନକୁ ତତଲା ଲୁହା ଭିତରକୁ ପୁରାଇ ଦେଉଥିବା ପରି ଅଭିଯୋଗ ବିଭିନ୍ନ ସମୟରେ ଗଣମାଧ୍ୟମରେ ଚର୍ଚ୍ଚିତ ଖବର ଭାବେ ପ୍ରକାଶ ପାଉଛି। କିଛିବର୍ଷ ତଳେ ଭାରତର ମହାଲେଖାକାର ଏଭଳି ପରିସ୍ଥିତି ପାଇଁ ଉଦ୍‌ବେଗ ପ୍ରକାଶ କରି ଶ୍ରମଜୀବୀଙ୍କୁ ବୈଷୟିକ ତାଲିମ ପ୍ରଦାନ ସହ ସେମାନଙ୍କ ଧନଜୀବନର ସୁରକ୍ଷା ପାଇଁ ବିଧିବଦ୍ଧ ଆଇନ ପ୍ରଣୟନ ପାଇଁ ସରକାରଙ୍କୁ ଯେଉଁ ପରାମର୍ଶ ଦେଇଥିଲେ, ତାହା ସରକାରୀ ନାଲିଫିତା ତଳେ ହିଁ ବନ୍ଧା ପଡ଼ିଯାଇଛି। ୨୦୦୬ରୁ ୨୦୦୮ ଦୁଇବର୍ଷ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଶିଳ୍ପସଂସ୍ଥାର ଶ୍ରମିକଙ୍କ ସୁରକ୍ଷାଜନିତ ପରିସ୍ଥିତିକୁ ତର୍ଜମା କରି ଭାରତର ମହାଲେଖାକାର ଯେଉଁ ରିପୋର୍ଟ ଦେଇଥିଲେ ତାହା ସରକାରଙ୍କ ଶୀତଳ ଭଣ୍ଡାରରେ ପଡ଼ିଛି। ଅବଶ୍ୟ ଏହାକୁ ଚାପିବା ପାଇଁ ଶିଳ୍ପସଂସ୍ଥାର ଅଦୃଶ୍ୟ ହାତର କରିସ୍ମା ହିଁ ଏସବୁ କିଛି ସମ୍ଭବ କରୁଥିବାର ଅଭିଯୋଗ ଉଠୁଛି।

ଶିଳ୍ପସଂସ୍ଥାର ଯାଞ୍ଚ ଓ ତନଖି ପାଇଁ ରାଜ୍ୟସରକାରଙ୍କ ଶ୍ରମ ବିଭାଗ ଓ ଫ୍ୟାକ୍ଟ୍ରି ଏଣ୍ଡ ବଏଲର ସେମାନଙ୍କ ଦାୟିତ୍ୱକୁ ସୁଚାରୁରୂପେ ସମ୍ପାଦନା କରୁନଥିବା ନେଇ ଖୋଦ୍ ମହାଲେଖାକାର ନିଜ ରିପୋର୍ଟରେ ଦର୍ଶାଇଛନ୍ତି। ଓଡ଼ିଶାରେ ଦୁଇବର୍ଷର ଶିଳ୍ପ ଅନୁଧ୍ୟାନ ସଂକ୍ରାନ୍ତ ମାମଲାରୁ ଯାହା ତଥ୍ୟ ବାହାରିଛି, ସେଥିରେ ପ୍ରକାଶ ପାଇଛି ଯେ ୩୨୭୬ ଥର ଯାଞ୍ଚ କରାଯିବାର ପ୍ରାସଙ୍ଗିକତା ଥିବାବେଳେ ମାତ୍ର ୯୯୩ ଥର ଯାଞ୍ଚ ହୋଇଛି । ପ୍ରତିଟି ଶିଳ୍ପସଂସ୍ଥାରେ ଜରୁରୀକାଳୀନ ରେସ୍‌ପନ୍ସ କେନ୍ଦ୍ର ଗଠନ କରିବା ପାଇଁ ସରକାରଙ୍କୁ ଯେଉଁ ପ୍ରସ୍ତାବ ଦିଆଯାଇଥିଲା ତାହାକୁ ଅଧିକାଂଶ ଶିଳ୍ପସଂସ୍ଥାମାନେ ମାନିନାହାଁନ୍ତି। ସେହିପରି ପାଞ୍ଚଶହରୁ ଊର୍ଦ୍ଧ୍ୱ ଶ୍ରମିକ କାର୍ଯ୍ୟରତ ଶିଳ୍ପ ସଂସ୍ଥାରେ ଜରୁରୀକାଳୀନ ଭାବରେ ଆମ୍ବୁଲାନ୍ସ ଓ ପ୍ରାଥମିକ ଚିକିତ୍ସା କେନ୍ଦ୍ର ଗଢ଼ିବାର ନିୟମକୁ ବି ଅଧିକାଂଶ ଶିଳ୍ପସଂସ୍ଥା ଗ୍ରହଣ କରିନାହାନ୍ତି। ନିକଟଅତୀତରେ ଭୂଷଣ ଇସ୍ପାତ କାରଖାନାରେ ଯେଉଁ ଭୟାବହ ବିସ୍ଫୋରଣରେ ଶ୍ରମଜୀବୀଙ୍କ ମୃତାହତ ପ୍ରସଙ୍ଗ ପରେ ଶିଳ୍ପ କାରଖାନାର ସୁରକ୍ଷା ଓ ଆଇନ ନେଇ ବିଭିନ୍ନ ଫୋରମ୍‌ରେ ପ୍ରଶ୍ନ ଉଠୁଛି । ଭୂଷଣ ମାମଲାରୁ ଯାହା ଜଣାଯାଇଛି ଏଠାରେ ୪୮ଟି ଅନୁବନ୍ଧିତ ନିର୍ମାଣ ଠିକା ସଂସ୍ଥା କାର୍ଯ୍ୟ କରୁଥିଲାବେଳେ ଅଣଅନୁବନ୍ଧିତ ସଂସ୍ଥାଙ୍କ ସଂଖ୍ୟା ଶତାଧିକରୁ ଊର୍ଦ୍ଧ୍ୱ। ଯାହାଦ୍ୱାରା ଦୁର୍ଘଟଣା ଦିନ ଶ୍ରମିକଙ୍କ ଉପସ୍ଥିତିର ତଥ୍ୟ ଦେବା ପାଇଁ ଭୂଷଣ କର୍ତ୍ତୃପକ୍ଷ ଟାଳଟୁଳ ନୀତି ଅବଲମ୍ବନ କରିଥିଲେ। ଶିଳ୍ପସଂସ୍ଥାରେ ଶ୍ରମିକଙ୍କ ନିରାପତ୍ତା ସୁରକ୍ଷା ସମ୍ବନ୍ଧୀୟ ଓଡ଼ିଶା ଫ୍ୟାକ୍ଟ୍ରିଜ୍ ରୁଲ ୧୯୫୯କୁ ଠିକ୍‌ଭାବେ ପାଳନ କରାଯାଉନାହିଁ ବୋଲି ବିଭିନ୍ନ ଟ୍ରେଡ୍ ୟୁନିୟନ ପକ୍ଷରୁ ଅଭିଯୋଗ ହେଉଛି। ରାଜ୍ୟରେ ଶିଳ୍ପ ଦୁର୍ଘଟଣାରେ ୧୯୯୬ରେ ମାତ୍ର ଚାରିଜଣ ମୃତ୍ୟୁଲାଭ କରିଥିବାବେଳେ ୨୦୦୯ରେ ୧୨୨ ଜଣଙ୍କର ମୃତ୍ୟୁ ହୋଇଛି । ସେହିପରି ରାଜ୍ୟର ଚାରୋଟି ଶିଳ୍ପ ଅଦାଲତ ଓ ଶ୍ରମ ଅଦାଲତରେ ପାଖାପାଖି ୬୩୪ଟି ମାମଲା ବିଚାରଧୀନ ରହିଛି। ପଶ୍ଚିମାଞ୍ଚଳ ପୌରନିର୍ବାଚନ ପାଇଁ ରାଜ୍ୟ ସରକାର ନିଜର କଳବଳ କୌଶଳକୁ ଲଗାଇ ଦେଇଥିବାରୁ ଭୂଷଣ ମାମଲାକୁ ଗମ୍ଭୀରତାର ସହ ନେଇ ନଥିବା ନେଇ ବିରୋଧୀ ଦଳଙ୍କ ଦାବୀ ହୋଇଥିଲା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଭୂଷଣ ପରି ଭୟାବହ ଶିଳ୍ପ ବିସ୍ଫୋରଣ ମାମଲା ପରଠାରୁ ମୁଖ୍ୟମନ୍ତ୍ରୀ ଗଣମାଧ୍ୟମକୁ ପଦୁଟିଏ ବି ପ୍ରତିକ୍ରିୟା ଦେଇନାହାଁନ୍ତି। ପ୍ରାରମ୍ଭିକ ସମୟରେ ଭୂଷଣର ଦୁର୍ଘଟଣା ପାଇଁ ଶ୍ରମମନ୍ତ୍ରୀ ମୁଖ୍ୟମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବଙ୍କ ଆଡ଼କୁ ଆଙ୍ଗୁଠି ଉଠାଇଥିଲେ ବି ପରବର୍ତ୍ତୀ ସମୟରେ ସେ ବି ପୁରାପୁରି ନୀରବ। ସେହିପରି ବିଭିନ୍ନ ଦଳର ନେତାମାନେ ପ୍ରଥମେ ତୁମ୍ବିତୋଫାନ ଦେଖାଉଥିଲେ ବି ପରେ କିନ୍ତୁ ପୁରାପୁରି ମାମଲାରୁ ଉଭାନ ହୋଇଯାଇଛନ୍ତି। ଭୂଷଣର ଏହି ଭୟାନକ ମାମଲାକୁ ମାଡ଼ି ମକ୍‌ଚି ଦଳି ଦେବାକୁ କମ୍ପାନୀଠାରୁ ସରକାର ସମସ୍ତେ ହିଁ ଯେପରି ତତ୍ପର ତାହାକୁ ନେଇ ଗଣମାଧ୍ୟମରେ ବିଭିନ୍ନ ଖବର ପ୍ରକାଶ ପାଇଛି । ଯାହାଦ୍ୱାରା ଭୂଷଣର ୨୫୬ ମେଗାୱାଟ ବିଶିଷ୍ଟ ପାୱାର ପ୍ଲାଣ୍ଟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ର ଅନୁମତି ନ ନେଇ ଚଳାଇବାର ଦୁଃସାହାସ କରିଛି। ଭୂଷଣର ବିସ୍ଫୋରଣର ପ୍ରସଙ୍ଗ ଶିଳ୍ପନିରାପତ୍ତା ଆଇନକୁ ଖୋଲାଖୋଲି ଜଳଜଳ କରି ସମସ୍ତଙ୍କୁ ହିଁ ଦେଖାଇ ଦେଉଛି। ପ୍ରଶାସନ ଓ ସରକାର ଏ ପ୍ରସଙ୍ଗକୁ ଚାପିଦେଲେ ରାଜ୍ୟରେ ପରବର୍ତ୍ତୀ ସମୟରେ ଭୂଷଣ ପରି ଭୟାନକ କାଣ୍ଡ କେତେ ନିରୀହ ମେହନତିଙ୍କ ଜୀବନଦୀପ ଯେ ନ ଲିଭାଇବ ତାହା କିଏ କହିବ ?

# ସ୍ୱପ୍ନ ସଂକଳ୍ପ ଓ ପ୍ରଗତିର ଅଗ୍ରଦୂତ: ଡକ୍ଟର କଳାମ

ଯୁଗେ ଯୁଗେ ମହାପୁରୁଷଙ୍କର ଆବିର୍ଭାବ ହୁଏ। ସାମାଜିକ ଜୀବନ ଯେତେବେଳେ କଳୁଷିତ, ମନୁଷ୍ୟ ପଥଭ୍ରଷ୍ଟ, ସମାଜରେ ଆସୁରିକ ଶକ୍ତି ବୃଦ୍ଧିପାଏ। ମାଟିରୁ ଆକାଶ, ମହାକାଶରୁ ମହାଶୂନ୍ୟ ପର୍ଯ୍ୟନ୍ତ ସ୍ୱପ୍ନକୁ ପରିବ୍ୟାପ୍ତ କରି ମନୁଷ୍ୟ ମନରେ ଆତ୍ମବିଶ୍ୱାସ, ପ୍ରେରଣା, ସାହସ ଓ ଶକ୍ତିର ଉତ୍ସ ସୃଷ୍ଟି କରୁଥିବା ଭାରତୀୟ କ୍ଷେପଣାସ୍ତ୍ରର ଜନକ, ଲୋକପ୍ରିୟ ରାଷ୍ଟ୍ରପତି ଡକ୍ଟର ଅବୁଲ ପାକିର ଜୈନୁଲ ଆବେଦିନ ଅବଦୁଲ କଲାମ ୧୯୩୧ ମସିହା ଅକ୍ଟୋବର ମାସ ୧୫ ତାରିଖରେ ମାଡ୍ରାସ (ଚେନ୍ନାଇ) ଅନ୍ତର୍ଗତ ରାମେଶ୍ୱର ଦ୍ୱୀପାଞ୍ଚଳର ଏକ ମଧ୍ୟବିତ୍ତ ପରିବାରରେ ଜନ୍ମଗ୍ରହଣ କରିଥିଲେ। ମାତାଙ୍କ ନାମ ଆସି ଆମା ଓ ପିତାଙ୍କ ନାମ ଜୈନୁଲ ବଦ୍ଦିନ୍ ମରକାୟାର। ତାଙ୍କର ଏକ ବଡଭାଇ ଥିଲେ ଏ.ପି.ଜେ ମୁଥାୟାର୍। ସେ ଶାନ୍ତ, ସରଳ, ଉଦାର ସ୍ୱଭାବର ପିଲା ଥିଲେ। ସେ ମା'ଙ୍କ ହାତରନ୍ଧା ଖାଦ୍ୟ ମା'ଙ୍କ ସହିତ ରୋଷେଇ ଘର ଚଟାଣରେ କଦଳୀପତ୍ରରେ ଖାଉଥିଲେ। ପିତାମାତାଙ୍କର କାଲାମ୍ ଥିଲେ ଗେହ୍ଲା ପୁଅ।

କଲାମ ରାମେଶ୍ୱର ଏଲିମେଣ୍ଟାରୀ ବିଦ୍ୟାଳୟରେ ପଞ୍ଚମ ଶ୍ରେଣୀରେ ପଢ଼ିବା ସମୟରେ ଆଗଧାଡିରେ ରାମାନନ୍ଦ ଶାସ୍ତ୍ରୀଙ୍କ ପାଖକୁ ଲାଗି ବସିଥାନ୍ତି। ରାମେଶ୍ୱର ମନ୍ଦିରର ମୁଖ୍ୟ ପୂଜକ ଥିବା ଲକ୍ଷ୍ମଣ ଶାସ୍ତ୍ରୀଙ୍କ ପୁଅ ରାମାନନ୍ଦ ଶାସ୍ତ୍ରୀ। ଶ୍ରେଣୀ ଶିକ୍ଷକ ଏହାକୁ ଗ୍ରହଣ କରିପାରି ନ ଥିଲେ। କଲାମଙ୍କୁ ଉଠାଇ ଶେଷ ବେଞ୍ଚରେ ବସିବାକୁ କହିଲେ। ଏହି ଘଟଣାରେ ଉଭୟ ଦୁଃଖିତ ହୋଇପଡିଲେ। ଲକ୍ଷ୍ମଣ ଶାସ୍ତ୍ରୀ ଏହା ଜାଣିବା ପରେ ଶିକ୍ଷକଙ୍କୁ କ୍ଷମା ମାଗିବାକୁ କହିଥିଲେ। ଦିନେ ବିଜ୍ଞାନ ଶିକ୍ଷକ ଶିବସୁବ୍ରମଣି ଆୟାର (ବ୍ରାହ୍ମଣ) କଲାମଙ୍କୁ ଖାଇବାକୁ ଘରକୁ ଡାକିଥିଲେ। ଶିକ୍ଷକଙ୍କ ପତ୍ନୀ କଲାମଙ୍କୁ ଦେଖି ମୁହଁ ଛିଞ୍ଚାଡି ଭୋଜନ ଦେବାକୁ ମନା କରିଦେଲେ। ଆୟାର ତାଙ୍କ ପତ୍ନୀ ଉପରେ ରାଗିଲେ ନାହିଁ ବରଂ ନିଜେ ବାଢ଼ିଲେ କଲାମଙ୍କ ପାଇଁ ଓ କଲାମଙ୍କ ପାଖରେ ଖାଇବାକୁ ବସିପଡିଲେ। କିଛିଦିନ ପରେ କଲାମଙ୍କୁ ପୁଣି ଘରକୁ ଖାଇବାକୁ ଡାକିଲେ। କଲାମ ଆଶ୍ଚର୍ଯ୍ୟ ହୋଇ ଶିକ୍ଷକଙ୍କ ଘରେ ପହଞ୍ଚିଲେ। ଶିକ୍ଷକଙ୍କ ପତ୍ନୀ କଲାମଙ୍କୁ ରୋଷେଇ ଘର ଭିତରକୁ ନେଇ ବସାଇଲେ ଓ ନିଜ ହାତରେ ଖାଇବାକୁ ବାଢ଼ି ଦେଇଥିଲେ। କଲାମ ରାମେଶ୍ୱରମ ଏଲିମେଣ୍ଟାରୀ ବିଦ୍ୟାଳୟରୁ ପ୍ରାଥମିକ ଶିକ୍ଷା ଓ ରାମନାଥପୁରମ୍ ସ୍କାଟିକ୍ ହାଇସ୍କୁଲରୁ ଶିକ୍ଷା ସମାପ୍ତି କରି ତିରୁଚିରାପଲ୍ଲୀ ସେଣ୍ଟ ଯୋସେଫ୍ କଲେଜରେ ଅଧ୍ୟୟନ କଲେ। କୃତିତ୍ୱର ସହିତ ବି.ଏସ୍‌ସି. ପାସ୍ କଲେ। କଲାମଙ୍କ ପିତା ଜୈନୁଲା ବଦ୍ଦିନ୍ ଜଣେ ନାବିକ ଥିଲେ। ପରିବାର ଚଳାଇବା ପାଇଁ ପିତାଙ୍କ ରୋଜଗାର ଯଥେଷ୍ଟ ନଥିଲା। ତେଣୁ ସେ ସ୍କୁଲ ପାଠପଢ଼ା ସମୟରେ ଖବରକାଗଜ ବିତରଣ କରୁଥିଲେ। ସ୍କୁଲରେ କଲାମ ଆଗଧାଡିର ଛାତ୍ର ନଥିଲେ ମଧ୍ୟ ଜଣେ ମେଧାବୀ ଭାବେ ପରିଚିତ। କବି ଜିବ୍ରାନଙ୍କ ଦ୍ୱାରା କଲାମ ପ୍ରଭାବିତ ହୋଇଥିଲେ। ସ୍ନାତକ ଡିଗ୍ରୀ ପରେ ୧୯୫୫ରେ କଲାମ ମାଡ୍ରାସ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି (ଏମ୍.ଆଇ.ଟି)ରୁ ଜଣେ ବୈମାନିକ ଇଞ୍ଜିନିୟର ଭାବେ ବାହାରିଥିଲେ। ୧୯୫୮ ମସିହାରେ କଲାମ୍ ହିନ୍ଦୁସ୍ଥାନ ଏରୋନଟିକ୍ସ ଟ୍ରେନିଂ ନେଲାପରେ ପ୍ରତିରକ୍ଷା ମନ୍ତ୍ରଣାଳୟରେ ଜଣେ ବରିଷ୍ଠ ବୈଜ୍ଞାନିକ ସହାୟକ ଭାବରେ ଯୋଗଦେଲେ। ଏହାପରେ ସେ କାନପୁରରେ ଅବସ୍ଥାପିତ ଏୟାର କ୍ରାଫଟ୍ ଆଣ୍ଡ ଅର୍ମାମେଣ୍ଟ କେନ୍ଦ୍ରରେ କାର୍ଯ୍ୟକରି ପ୍ରଶଂସା ଲାଭ କରିଥିଲେ। ବମ୍ବେରେ ପ୍ରତିଷ୍ଠିତ ମହାକାଶ ଗବେଷଣା କେନ୍ଦ୍ରରେ ରକେଟ୍ ଇଞ୍ଜିନିୟର ଭାବରେ ଯୋଗଦେଇ କର୍ମଦକ୍ଷତାର ପ୍ରତିପାଦନ କରିଥିଲେ। ରକେଟ ସମ୍ବନ୍ଧୀୟ ବିଶେଷ ଜ୍ଞାନ ପାଇଁ ଆମେରିକାର ନାସା କେନ୍ଦ୍ରରେ ଯୋଗଦେଇଥିଲେ। ସେଠାରେ ସେ ଛ' ମାସ ରହି ଜ୍ଞାନଲାଭ କରିଥିଲେ। ୧୯୬୯ରେ ଇସ୍ରୋର ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଉପଗ୍ରହ ଉତ୍‌କ୍ଷେପଣ ଯାନ (ଏସ୍.ଏଲ୍.ଭି-୩)ର ସେ ପ୍ରକଳ୍ପ ନିର୍ଦ୍ଦେଶକ ଭାବେ ଯୋଗଦେଇଥିଲେ। ଏସ୍.ଏଲ୍.ଭି-୩ ସଫଳତା ଯୋଗୁ ବମ୍ବେ ସ୍ଥିତ ନେହେରୁ ବିଜ୍ଞାନ କେନ୍ଦ୍ର ତରଫରୁ ସମ୍ମାନିତ ହୋଇଥିଲେ। କଲାମ ବାଙ୍ଗାଲୋର୍ ସ୍ଥିତ ବ୍ୟୋମଯାନ ଉନ୍ନୟନ ସଂସ୍ଥାରେ ଯୋଗଦେଇ ହୋଭର କ୍ରାଫଟ୍ ଯାନ ନିର୍ମାଣକାରୀ ଚାରିଜଣିଆ ଦଳର ନେତୃତ୍ୱ ନେଇଥିଲେ। ପ୍ରତିରକ୍ଷା ମନ୍ତ୍ରୀ ଭିକେ କୃଷ୍ଣମେନନ୍‌ଙ୍କୁ କଲାମ ଲାଞ୍ଜବିହୀନ ହୋଭର କ୍ରାଫଟ୍ 'ନନ୍ଦି'ରେ ବସାଇ ଆକାଶରେ ଉଡିଥିଲେ। ୧୯୮୦ ମସିହା ଜୁଲାଇରେ 'ରୋହିଣୀ' ଉପଗ୍ରହକୁ ମହାକାଶରେ ସ୍ଥାପିତ କରି ଭାରତ 'ଆନ୍ତର୍ଜାତୀୟ ମହାକାଶ କ୍ଲବ୍'ରେ ନିଜକୁ ସାମିଲ କରିଥିଲା। ଏହାପରେ କଲାମ ଇସ୍ରୋ ତ୍ୟାଗ କରି ଭାରତକୁ ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳ କରିବା ପାଇଁ ଇଣ୍ଟିଗ୍ରେଟେଡ୍ ଗାଇଡେଡ ମିସାଇଲ ଡେଭଲପ୍‌ମେଣ୍ଟ ପ୍ରୋଗ୍ରାମ ଆରମ୍ଭ କରିଥିଲେ। ତାଙ୍କର ପ୍ରଚେଷ୍ଟା ଓ ଗବେଷଣା ବଳରେ ତ୍ରିଶୂଳ (ଅଳ୍ପ ଉଚ୍ଚରେ ଉଡୁଥିବା ବିମାନକୁ ଲକ୍ଷ୍ୟଭେଦ କରିବାକୁ ସକ୍ଷମ କ୍ଷେପଣାସ୍ତ୍ର), ପୃଥ୍ୱୀ (ଭୂପୃଷ୍ଠରୁ ଭୂପୃଷ୍ଠକୁ ୧୫୦ କି.ମି. ପର୍ଯ୍ୟନ୍ତ ଲକ୍ଷ୍ୟଭେଦ କରିପାରୁଥିବା କ୍ଷେପଣାସ୍ତ୍ର), ଆକାଶ (୧୫ ସେକେଣ୍ଡରେ ୨୫ କି.ମି. ପର୍ଯ୍ୟନ୍ତ ଭୂପୃଷ୍ଠରୁ ଆକାଶକୁ ଭେଦ କରିପାରୁଥିବା ସୁରସୋନିକ କ୍ଷେପଣାସ୍ତ୍ର, ଯିଏ କି ଏକ ସମୟରେ ୪ଟି ଲକ୍ଷ୍ୟସ୍ଥଳକୁ ନିଶାଣ କରିବାକୁ ସକ୍ଷମ), ଅଗ୍ନି (୫୦୦୦ କି.ମି. ପର୍ଯ୍ୟନ୍ତ ଲକ୍ଷ୍ୟଭେଦ କରିପାରୁଥିବା ବଲିଷ୍ଟିକ୍ କ୍ଷେପଣାସ୍ତ୍ର) ଓ ବ୍ରହ୍ମୋସ (ରୁଷ ସହିତ ମିଳିତ ଭାବେ ବିକଶିତ କ୍ଷେପଣାସ୍ତ୍ର ଧ୍ୱନିଠାରୁ ଦ୍ରୁତଗତିରେ ଯାଉଥିବା ଏହି କ୍ଷେପଣାସ୍ତ୍ର ଭୂପୃଷ୍ଠ, ସମୁଦ୍ର ଓ ଆକାଶରେ ଲକ୍ଷ୍ୟଭେଦ କରିବାକୁ ସକ୍ଷମ)କୁ ବିକଶିତ କରିବାରେ କଲାମଙ୍କ ଅବଦାନ ରହିଛି। ତେଣୁ ତାଙ୍କୁ ଭାରତୀୟ କ୍ଷେପଣାସ୍ତ୍ରର ଜନକ ବା ମିସାଇଲ୍ ମ୍ୟାନ୍ କୁହାଯାଏ।

୧୯୮୯ ମସିହାରେ ଆଇଟିଆର୍ ପ୍ରତିଷ୍ଠା ହେବାପରଠାରୁ ସେ ବାରମ୍ବାର ଚାନ୍ଦିପୁର ଆସୁଥିଲେ। ତେଣୁ କଲାମଙ୍କ ସହ ଓଡିଶାର ନିବିଡ ସମ୍ପର୍କ ରହିଥିଲା। କଲାମ ୧୯୯୮ ମସିହା ମେ' ମାସ ୧୧ ଓ ୧୩ ତାରିଖରେ



ରାଜସ୍ଥାନର ପୋଖରାନଠାରେ ଆଣବିକ ପରୀକ୍ଷା କରି ସମଗ୍ର ବିଶ୍ୱବାସୀଙ୍କୁ ଚକିତ କରିଦେଇଥିଲେ। କଲାମ ନିଜର କର୍ମକୁ ମହାନ୍ ମନେକରୁଥିଲେ। ଏହିପରି ଜଣେ ବିରଳ ବ୍ୟକ୍ତିତ୍ୱକୁ ୪୦ଟି ବିଶ୍ୱବିଦ୍ୟାଳୟରୁ ସମ୍ମାନଜନକ ଡକ୍ଟରେଟ୍ ଉପାଧି ମିଳିଥିଲା। ୧୯୮୧ରେ ପଦ୍ମଭୂଷଣ, ୧୯୯୦ରେ ପଦ୍ମବିଭୂଷଣ ଓ ୧୯୯୭ରେ ଭାରତ ରତ୍ନ ଉପାଧିରେ ଭୂଷିତ ହୋଇଥିଲେ କଲାମ। କଲାମ ବହୁ ମୂଲ୍ୟବାନ ପୁସ୍ତକ ଲେଖିଯାଇଛନ୍ତି। ତାହା ଭିତରୁ ବିପୁଳ ପାଠକୀୟ ଆଦୃତି ପାଇଛି 'ୱିଙ୍ଗସ ଆପ୍ ଫାୟାର୍', 'ଇଣ୍ଡିଆ ୨୦୨୦-ଏ ଭିଜନ ଫର ଦ ନିଉ ମିଲେନିଅମ', 'ମାଇଁ ଜର୍ନି' ଓ ' ଇଗ୍ନାଇଟେଡ ମାଇଣ୍ଡସ ଅନଲିସିଂ ଦ ପାୱାର ୱିଦିନ ଇଣ୍ଡିଆ'। କଲାମ ଜଣେ ଅଣରାଜନୈତିକ ବ୍ୟକ୍ତି ଭାବେ ୨୦୦୨ ମସିହା ଜୁଲାଇ ୨୫ ତାରିଖରେ କ୍ୟାପ୍‌ଟେନ୍ ଲକ୍ଷ୍ମୀ ସେହେଗାଲଙ୍କୁ ହରାଇ ଭାରତର ଦ୍ୱାଦଶ ରାଷ୍ଟ୍ରପତି ଭାବରେ ଶପଥ ନେଇଥିଲେ। ଭାରତର ସର୍ବୋଚ୍ଚ ଆସନରେ ଅଳଙ୍କୃତ ହେବାପରେ ପ୍ରଥମ ଭାଷଣରେ ଦେଶ ନିମନ୍ତେ ପାଞ୍ଚଟି କଥା କହିଥିଲେ। ପ୍ରତିରକ୍ଷା, ପରମାଣୁ, ମହାକାଶ, ପ୍ରଯୁକ୍ତି ବିଦ୍ୟା ଓ ଦେଶର ସାମଗ୍ରିକ ବିକାଶ। ତାଙ୍କ ପାଖରେ ଛୁଆଁ ଅଛୁଆଁର ଭେଦଭାବ ନଥିଲା। ତାଙ୍କର ସ୍ନେହଶ୍ରଦ୍ଧା ପିଲାମାନଙ୍କ ପ୍ରତି ଅତ୍ୟନ୍ତ ଥିଲା। ସେଥିପାଇଁ ପିଲାମାନେ ତାଙ୍କୁ ସାର୍, ଅଙ୍କଲ, ଗ୍ରେଟ କଲାମ ସାର୍ ଓ ମ୍ୟାନ୍ ଅପ୍ ଦି ନେସନ ଭାବରେ ଅଭିହିତ କରୁଥିଲେ। ତେଣୁ ତାଙ୍କର ୭୯ତମ ଜନ୍ମଦିନକୁ ଜାତିସଂଘ ବିଶ୍ୱ ଛାତ୍ର ଦିବସ ଭାବେ ପାଳନ କରିଥିଲା। ସେ ରାଷ୍ଟ୍ରପତି ଭାବରେ ମହାତ୍ମା ଗାନ୍ଧୀଙ୍କ ସମାଧିସ୍ଥଳରେ ଶ୍ରଦ୍ଧାଞ୍ଜଳି ଦେବାକୁ ଯାଇ ଅନ୍ୟ ଦ୍ୱାରା ଜୋତା କାଢ଼ିବା ପରମ୍ପରାକୁ ଭଙ୍ଗକରି କାର୍ ଭିତରେ ଜୋତା ରଖିଥିଲେ। କଲାମ ରାଷ୍ଟ୍ରପତି ଭାବେ ପାଉଥିବା ସମସ୍ତ ପୁଞ୍ଜିକୁ ଏକ ଟ୍ରଷ୍ଟକୁ ଦାନ କରି ଦେଉଥିଲେ।

ଈଶ୍ୱରବିଶ୍ୱାସୀ କଲାମ ସାଧୁ, ସନ୍ନ୍ୟାସୀ ମାନଙ୍କୁ ଗଭୀର ସମ୍ମାନ କରୁଥିଲେ। ସେ ମୁସଲିମ୍ ପରିବାରରେ ଜନ୍ମ ହୋଇଥିଲେ ମଧ୍ୟ ସମସ୍ତ ଧର୍ମକୁ ସମ୍ମାନ କରୁଥିଲେ। ସେ ସମସ୍ତ ଧର୍ମର ଊର୍ଦ୍ଧ୍ୱରେ ଥିଲେ। ମଣିଷ ଗୋଟିଏ ଜାତି ବୋଲି ବୁଝିଥିଲେ। ରାଷ୍ଟ୍ରପତି ପଦରୁ ଅବସର ନେବାପରେ କଲାମ୍ ଆଇଆଇଏମ୍ ସିଲଂ, ଆଇଆଇଏମ୍ ଅହମ୍ମଦାବାଦ, ଆଇଆଇଏମ୍ ଇନ୍ଦୋରରେ ପରିଦର୍ଶନକାରୀ ପ୍ରଫେସର ଭାବେ କାର୍ଯ୍ୟ କରୁଥିଲେ। ଏହି ଲୋକପ୍ରିୟ ପୂର୍ବତନ ରାଷ୍ଟ୍ରପତି ଭାରତରତ୍ନ ଡଃ ଅବଦୁଲ କଲାମ ୨୦୧୫ ମସିହା ଜୁଲାଇ ୨୭ ତାରିଖ ସୋମବାର ଦିନ ଶିଲଂଠାରେ ଏକ ସଭାରେ ସମ୍ବୋଧିତ କରିବା ସମୟରେ ହୃଦ୍‌ଘାତରେ ୮୪ ବର୍ଷ ବୟସରେ ମହାପ୍ରାୟଣ ଲାଭ କଲେ। ତାଙ୍କର ପରଲୋକ ଗମନ ଦେଶବାସୀଙ୍କୁ ଦାରୁଣ ଦୁଃଖ ଦେଇଥିଲା। ସମ୍ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦାର ସହିତ ୨୦୧୫ ମସିହା ଜୁଲାଇ ୩୧ ତାରିଖ ଶୁକ୍ରବାର ଦିନ ତାଙ୍କର ଶେଷକୃତ୍ୟ ତାଙ୍କ ଜନ୍ମମାଟି ରାମେଶ୍ୱରରେ କରାଯାଇଥିଲା। ଜଣେ ଜ୍ଞାନୀ, ବିବେକୀ, ବିଦ୍ୱାନ, ବିଜ୍ଞାନୀ, ଧାର୍ମିକ ବ୍ୟକ୍ତି ଭାବରେ ବିଶ୍ୱବାସୀଙ୍କର ପ୍ରିୟ ଥିଲେ ଡଃ କଲାମ। ତାଙ୍କର ପ୍ରତିଭା, ଯଶ, କୀର୍ତ୍ତି, ଖ୍ୟାତି, ଦେଶପ୍ରେମ, ସେବା, କର୍ମ ଓ ମାନବୀୟ ଗୁଣ ପାଇଁ ମହାମାନବ ଭାବେ ସେ ଚିରଦିନ ଅମର ହୋଇ ରହିବେ।

# ଗାଡ଼ି ପାର୍କିଂର ମହାଘୋଟାଲା ପ୍ରତିବାଦରେ ବିଏମ୍‌ସି ଅଫିସ୍ ସମ୍ମୁଖରେ କିନ୍ନରମାନଙ୍କ ଧାରଣା

ଭୁବନେଶ୍ୱର (ପିଏନ୍): ଭୁବନେଶ୍ୱର ମହାନଗର ନିଗମ ତରଫରୁ ଦିଆଯାଇଥିବା ଗାଡ଼ି ପାର୍କିଂ ମହାଘୋଟାଲାର କ୍ରାଇମବ୍ରାଞ୍ଚ ଓ ଇଡ଼ି ତଦନ୍ତ ଦାବିରେ ଅଲ ଓଡ଼ିଶା କିନ୍ନର ଓ ତୃତୀୟ ଲିଙ୍ଗୀ ମହାସଂଘ ତରଫରୁ ହଜାର ହଜାର କିନ୍ନର ବିଏମ୍‌ସି ଅଫିସ୍ ସମ୍ମୁଖରେ ଧାରଣା ଦେଇଥିଲେ। ରାଜଧାନୀ ଭୁବନେଶ୍ୱରରେ କିନ୍ନରମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ୍ କରିବା ପାଇଁ ଭୁବନେଶ୍ୱର ମହାନଗର ନିଗମ ତରଫରୁ ରାଜଧାନୀର ବିଭିନ୍ନ ସ୍ଥାନରେ ଟିଜି ସ୍ୱୀକୃତି ଓ ପରିଚୟ ନାମକ ଏସ୍‌ଏଚ୍‌ଜିକୁ ଭୁବନେଶ୍ୱରର ଏଜି ଛକରୁ ରାଜମହଲ ଛକ (ୟୁନିଟ୍-୨) ଓ ରାଜମହଲ ଛକରୁ ମାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ଛକରୁ ମାଷ୍ଟର କ୍ୟାଣ୍ଟିନ ଓ ମାଷ୍ଟର କ୍ୟାଣ୍ଟିନରୁ ଶିଶୁଭବନ ଛକ ପର୍ଯ୍ୟନ୍ତ ଗାଡ଼ି ପାର୍କିଂ ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା। ଯେଉଁ ତିନୋଟି କିନ୍ନର ଏସ୍‌ଏଚ୍‌ଜିମାନଙ୍କୁ ଦାୟିତ୍ୱ ଦିଆଯାଇଥିଲା, ସେମାନେ ଗାଡ଼ି ପାର୍କିଂ ଷ୍ଟାଣ୍ଡରୁ ଅର୍ଥ ଆଦାୟ ପାଇଁ କିନ୍ନରମାନଙ୍କୁ ନିଯୋଜିତ ନକରି କିଛି ଅସାଧୁ ଯୁବକ ଏବଂ ଯୁବତୀଙ୍କୁ ନିଯୋଜିତ କରି ବିଏମ୍‌ସି ଚିହ୍ନଟ କରିଥିବା ଷ୍ଟାଣ୍ଡରେ ଦୁଇଚକିଆ ଓ ଚାରିଚକିଆ ଯାନ ରଖୁଥିବା ବ୍ୟକ୍ତିମାନଙ୍କଠାରୁ ଟିକେଟ ନଦେଇ ଅସାଧୁ ଉପାୟରେ ଅର୍ଥ ଆଦାୟ




କରିବା ଓ କିଛି ଲୋକଙ୍କୁ ଟିକେଟ ଦେଇ ଟିକେଟର ମୂଲ୍ୟଠାରୁ ଅଧିକ ଅର୍ଥ ଆଦାୟ କରିଥାନ୍ତି। ଯାହାକି ସାଧାରଣ ଲୋକଙ୍କ ମନରେ କିନ୍ନର ସମାଜ ପ୍ରତି ଘୃଣା ମନୋଭବ ଜାଗ୍ରତ ହୋଇଥାଏ। କିନ୍ତୁ ବଡ଼ ଦୁଃଖର ବିଷୟ, ବିଏମ୍‌ସିର ଅଧିକାରୀ ଓ କିନ୍ନର ଟିଜି ସ୍ୱୀକୃତି ଓ ପରିଚୟ ଯେଉଁ କିନ୍ନର ଏସ୍‌ଏଚ୍‌ଜିମାନଙ୍କୁ କେଉଁ ଆଧାରରେ ସାଇକେଲ ଷ୍ଟାଣ୍ଡର ଦାୟିତ୍ୱ ଦିଆଯାଇଥିଲା ତାହା ତଦନ୍ତସାପେକ୍ଷ ? ଅନ୍ୟ କିନ୍ନର ଏସ୍‌ଏଚ୍‌ଜିମାନଙ୍କୁ ନ ଡ଼ାକି କାହିଁକି ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀର କିନ୍ନରମାନଙ୍କୁ ଦାୟିତ୍ୱ ଦେଇଥିଲେ ତାହା ବୁଝାପଡୁନାହିଁ। ଯାହାର ଫାଇଦା ନେଇ ଏହି ଏସ୍‌ଏଚ୍‌ଜିମାନେ ବେଆଇନ ଭାବେ ଲୋକଙ୍କ ଠାରୁ ଅର୍ଥ ଆଦାୟ କରୁଥିବା ଏବେ ନଜରକୁ ଆସିଛି। ଖାଲି ସେତିକି ନୁହେଁ, ବିନା କାରଣରେ ସାମ୍ବାଦିକ ତଥା ଲେଖକ ଦେବେନ୍ଦ୍ର ପରିଜାଙ୍କୁ ମିଛ ରେପ୍ କେସ୍‌ରେ ଫସାଇବାକୁ ଧମକାଇବା, ଷ୍ଟାଣ୍ଡରେ ବିନା କାରଣରେ ସାଧାରଣ ଲୋକଙ୍କୁ ମାଡ଼ ମାରିବା, ଦୁଇ ତିନିଜଣ ସାମ୍ବାଦିକଙ୍କୁ ଧମକ ଦେବା ଭଳି ଅନେକ ଅନୈତିକ କାର୍ଯ୍ୟରେ ଏହି କିନ୍ନରମାନେ ଲିପ୍ତ ଅଛନ୍ତି। ଯେଉଁ ବାହାର ପିଲାମାନଙ୍କ ମାଧ୍ୟମରେ ସାଇକେଲ ଷ୍ଟାଣ୍ଡରେ ପଇସା ଆଦାୟ କରୁଥିଲେ, ସେମାନଙ୍କ ଦରମା ୧୨ ହଜାର ଥିବାବେଳେ ସେମାନଙ୍କୁ ୭ ହଜାର ଟଙ୍କା ଦେଇ ବାକି ପଇସାକୁ ନିଜେ ଆତ୍ମସାତ କରୁଥିଲେ। ଏତଦ୍‌ବ୍ୟତୀତ ସାଇକେଲ ଷ୍ଟାଣ୍ଡରୁ ମଧ୍ୟ ମାସିକ ପାଖାପାଖି ୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଆତ୍ମସାତ୍ କରୁଥିଲେ। ଆମ୍ଭର ଦାବିଗୁଡ଼ିକ ମଧ୍ୟରେ ମେଘନା ସାହୁ, ନିଲମ କିନ୍ନର ଓ ଟିଜି ସ୍ୱୀକୃତି ଏସ୍‌ଏଚ୍‌ଜି ବିଏମ୍‌ସି, ପରିଚୟ ଏସ୍‌ଏଚ୍‌ଜିଠାରୁ ଦୁଇଚକିଆ ଯାନ ପାର୍କିଂ ପାଇଁ ନେଇଥିବା ବ୍ୟକ୍ତିବିଶେଷଙ୍କ ବିରୁଦ୍ଧରେ କ୍ରାଇମବ୍ରାଞ୍ଚ / ଇଡ଼ି ତଦନ୍ତ କରାଯାଉ, ବିଏମ୍‌ସିର ଦୁଇଚକିଆ ଯାନ ପାର୍କିଂରେ ଚାକିରୀ କରିଥିବା ବ୍ୟକ୍ତି ଓ ମହିଳାମାନଙ୍କୁ ଦରମା ନଦେଇ ସେମାନଙ୍କ ଅର୍ଥକୁ ହଡ଼ପ କରିଥିବା ଟିଜି ଏସ୍‌ଏଚ୍‌ଜି ସଦସ୍ୟମାନଙ୍କୁ ଗିରଫ କରାଯାଉ, ବରିଷ୍ଠ ସାମ୍ବାଦିକ ଦେବେନ୍ଦ୍ର ପରିଜାଙ୍କୁ ମିଛ ରେପ୍ କେସ୍‌ରେ ଫସାଇ ଧମକ ଦେଉଥିବା ମେଘନା କିନ୍ନରଙ୍କୁ ଗିରଫ କରାଯାଉ, ଗାଡ଼ି ପାର୍କିଂ ନାମରେ ସାରା ଓଡ଼ିଶାରେ କିନ୍ନରମାନଙ୍କୁ ବଦନାମ କରିଥିବା କିନ୍ନର ଏସ୍‌ଏଚ୍‌ଜିମାନଙ୍କ ବିରୋଧରେ କ୍ରାଇମ ବ୍ରାଞ୍ଚ ତଦନ୍ତ କରାଯାଉ। ଗତକାଲିର ଏହି କାର୍ଯ୍ୟକ୍ରମରେ ମହାସଂଘର ସଭାପତି ସୁଇଟି ସାହୁ ସଭାପତିତ୍ୱ କରିଥିବା ବେଳେ କାର୍ଯ୍ୟକାରୀ ସଭାପତି ମେନକା ପରିଡ଼ା ପରିଚାଳନା କରିଥିଲେ। ଏଥିରେ ସୋନମ କିନ୍ନର, ପୂଜା କିନ୍ନର, ମିଠି କିନ୍ନର, ଶ୍ରାବଣୀ କିନ୍ନର, ରୀନା କିନ୍ନର, ପାୟଲ କିନ୍ନର, ସୋନାଲି କିନ୍ନର, ଖୁସି କିନ୍ନର, ପଦ୍ମିନୀ କିନ୍ନର ପ୍ରମୁଖ ଧାରଣା ଦେଇଥିଲେ। ପରିଶେଷରେ ମୁଖ୍ୟମନ୍ତ୍ରୀ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମାନନୀୟା ମହାନଗରପାଳ ସୁଲୋଚନା ଦାସ ଓ ବିଏମ୍‌ସି କମିଶନରଙ୍କ ଜରିଆରେ ପାଞ୍ଚଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଥିଲା। ଯଦି ରାଜ୍ୟ ସରକାର ୭ ଦିନ ମଧ୍ୟରେ ଏହି ଦାବି ନ ଶୁଣନ୍ତି, ତେବେ କିନ୍ନରମାନେ ବାଧ୍ୟ ହୋଇ ନବୀନ ନିବାସ ଘେରାଉ କରିବେ ବୋଲି ସଭାପତି ସୁଇଟି ସାହୁ ଚେତାବନୀ ଦେଇଛନ୍ତି।

# ପ୍ଲାଷ୍ଟିକ୍‌ର ବିଷ ବଳୟରେ ବିଶ୍ୱ: ରାଣୀ ଗୁମ୍ଫାରୁ ଆରମ୍ଭ ହେଲା ସ୍ୱଚ୍ଛ ଭାରତ ଅଭିଯାନ

ଭୁବନେଶ୍ୱର (ପିଏନ୍): ଗାଆଁରୁ ସହର ଯୁଆଡ଼େ ଦେଖିବ କୁଢ କୁଢ ପ୍ଲାଷ୍ଟିକ୍ ଆବର୍ଜନାର ପାହାଡ଼। ପ୍ଲାଷ୍ଟିକ୍‌ର ବ୍ୟବହାର କମାଇବା ପାଇଁ ଏବେ ଦେଶବ୍ୟାପୀ ଆରମ୍ଭ ହୋଇଛି ସ୍ୱଚ୍ଛ ଭାରତ ଅଭିଯାନ। ଏକକ ବ୍ୟବହାର ପ୍ଲାଷ୍ଟିକର ଉତ୍ପାଦନ, ସଂରକ୍ଷଣ, ବିକ୍ରୟ ଏବଂ ବ୍ୟବହାର ଉପରେ ସରକାର ସମ୍ପୂର୍ଣ୍ଣ ପ୍ରତିବନ୍ଧକ ଲଗାଇଛନ୍ତି। ତଥାପି ପ୍ଲାଷ୍ଟିକ୍‌ର ବ୍ୟବହାର ବହୁ ମାତ୍ରାରେ ବଢିଚାଲିଛି। ଯଦ୍ୱାରା ସ୍ଥଳଭାଗ ହେଉକି ଜଳଭାଗ ହେଉ ସବୁଠି ପ୍ଲାଷ୍ଟିକ୍ ଅଳିଆ। କହିବାକୁ ଗଲେ ପ୍ଲାଷ୍ଟିକର ବିଷବଳୟରେ ସାରା ବିଶ୍ୱ। ଏହାର ଭୟାବହତାକୁ ନେଇ ସାରା ବିଶ୍ୱ ଚିନ୍ତାରେ। ପ୍ଲାଷ୍ଟିକ୍‌ଠାରୁ ଦୂରେଇ ରହି ପ୍ଲାଷ୍ଟିକ୍ ମୁକ୍ତ ପରିବେଶ ତଥା ସୁସ୍ଥ ବାତାବରଣ ସୃଷ୍ଟି କରିବା ସମଗ୍ର ମଣିଷ ସମାଜ ପାଇଁ ଆହ୍ୱାନ ସୃଷ୍ଟି କରିଛି। ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ନେହେରୁ ଯୁବକେନ୍ଦ୍ର, ଖୋର୍ଦ୍ଧା ଐତିହ୍ୟ ସଂପନ୍ନ ଖଣ୍ଡଗିରି ପାହାଡ଼ର ରାଣୀଗୁମ୍ଫାରୁ ଏହି ଅଭିଯାନର ଶୁଭ୍ ଉଦ୍‌ଘାଟନ ଅନୁଷ୍ଠିତ ହୋଇଯାଇଛି। ଅଭିଯାନକୁ ଆନୁଷ୍ଠାନିକ ରୂପେ ଜୟଦେବ ନିର୍ବାଚନ ମଣ୍ଡଳୀର ବିଧାୟକ ଅରବିନ୍ଦ ଢାଲି ମୁଖ୍ୟ ଅତିଥି ରୂପେ ଯୋଗଦେଇ ଉଦ୍‌ଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ରୂପେ ନେହେରୁ ଯୁବକେନ୍ଦ୍ରର ଉପ-ନିର୍ଦ୍ଦେଶକ ବିମଲ ପାଟ୍ରିକ୍ ଶାହା, ଯୁବ ଅଧିକାରୀ ବିପିନ୍ କୁମାର, ଜାତୀୟ ଯୁବପୁରସ୍କାରପ୍ରାପ୍ତ ସାମାଜିକ କର୍ମୀ ଶୀବ ପ୍ରସାଦ ପଟ୍ଟଯୋଶୀ ପ୍ରମୁଖ ଯୋଗ ଦେଇଥିଲେ। ଅଭିଯାନରେ ପାଖାପାଖି ୫୦ରୁ ଊର୍ଦ୍ଧ୍ୱ ଜାତୀୟ ଯୁବ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଥିଲେ। ପାହାଡ଼ର ଚତୁଃପାର୍ଶ୍ୱ ଏବଂ ରାସ୍ତା ଉପରେ ପଡ଼ିଥିବା ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁଗୁଡ଼ିକୁ ସ୍ୱେଚ୍ଛାସେବୀମାନଙ୍କ ଦ୍ୱାରା ସଂଗୃହିତ କରାଯାଇଥିଲା। କାର୍ଯ୍ୟକ୍ରମକୁ କେନ୍ଦ୍ରର କୁଳମଣି ମଲ୍ଲିକ, ଶୁଭେନ୍ଦ୍ର ନାଥ ସାହୁ ଏବଂ ଅନ୍ୟାନ୍ୟ କର୍ମଚାରୀମାନେ ପରିଚାଳନାରେ ସହଯୋଗ କରିଥିଲେ। ସୂଚନାଯୋଗ୍ୟ, ଏହି ଅଭିଯାନ ଅକ୍ଟୋବର ୧ରୁ ୩୧ ତାରିଖ ପର୍ଯ୍ୟନ୍ତ ଖୋର୍ଦ୍ଧା ଜିଲ୍ଲାର ୧୦ଟି ବ୍ଲକରେ ଚାଲୁ ରହିବ ବୋଲି ଜଣାପଡ଼ିଛି।

## ଅନ୍ୱେଷଣ ଥିଏଟର ଗ୍ରୁପ ପକ୍ଷରୁ ମଞ୍ଚସ୍ଥ ନାଟକ 'ସମ୍ପର୍କର ବୋଝ'

ଯାଜପୁର (ପିଏନ୍): ଯାଜପୁରର ଅଗ୍ରଣୀ ସ୍ୱେଚ୍ଛାସେବୀ ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଯାଜପୁର ଟାଉନସ୍ଥିତ ସଂସ୍କୃତି ଭବନ ପରିସରରେ ଏକ କ୍ଷୁଦ୍ର ନାଟକ 'ସମ୍ପର୍କର ବୋଝ' ମଂଚସ୍ଥ ହୋଇଯାଇଛି। ଏହି ନାଟକଟିକୁ ଅନୁଷ୍ଠାନର ନାଟ୍ୟ ନିର୍ଦ୍ଦେଶକ ଅନିଲ କୁମାର ଜେନା ଓ ଏଥିରେ ଅଭିନୟ କରିଛନ୍ତି ବରିଷ୍ଠ ଅଭିନେତା ଉପେନ୍ଦ୍ର ଜେନା, ଅଚ୍ୟୁତ ସ୍ୱାଇଁ, ବିଶ୍ୱଜିତ ମଲ୍ଲିକ, ସବିତା ମିଶ୍ର, ମୋନାଲିସା ଓଝା, ପ୍ରିୟଙ୍କା ସାହୁ, ତପସ୍ୱିନୀ ମଲ୍ଲିକ ପ୍ରମୁଖ ଅଭିନୟ କରିଥିବା ବେଳେ ଅନୁଷ୍ଠାନର ଉପଦେଷ୍ଟା ତଥା ଉତ୍କଳ ସାମ୍ବାଦିକ ସଂଘ ଯାଜପୁର ଜିଲ୍ଲା ସଭାପତି ହରିହର ସ୍ୱାଇଁ, ସଭାପତି ବୃନ୍ଦାବନ ମିଶ୍ର, ସମ୍ପାଦକ ଅଭିମନ୍ୟୁ ମିଶ୍ର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶେଷରେ ଯାଜପୁର ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସରୋଜ ଶତପଥି କଳାକାରମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ।

# ଚୋରି ସ୍କ୍ରାପ୍ ଜବତ, ୭ ଗିରଫ

ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା ହରିଦାସପୁରସ୍ଥିତ ରାମକୋ ସିମେଣ୍ଟ କାରଖାନାରୁ ହୋଇଥିବା ସ୍କ୍ରାପ୍ ଚୋରି ଘଟଣାରେ ପୁଲିସ୍ ୭ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ସେମାନେ ହେଲେ ଶ୍ରୀରାମପୁର ଗ୍ରାମର ବିପିନବିହାରୀ ସେଠୀ, ପ୍ରଶାନ୍ତ କୁମାର ସେଠୀ, ଧନେଶ୍ୱର ଦେହୁରୀ, ଭାଗ୍ୟଧର ଦେହୁରୀ, ଜଳଧର ଦେହୁରୀ, ଧନେଶ୍ୱର ମଲିକ ଓ ସ୍କ୍ରାପ୍ କିଣିଥିବା ମୁଣ୍ଡମାଳ ଗ୍ରାମର ଭୀମସେନ ସେଠୀ। ସମସ୍ତଙ୍କୁ ଚଣ୍ଡିଖୋଲ କୋର୍ଟ ଚାଲାଣ କରାଯାଇଛି । ପ୍ରକାଶ ଯେ, ରାମକୋ ସିମେଣ୍ଟ କାରଖାନା ପରିସରରୁ ଗତ ୫ ତାରିଖ ରାତିରେ ସ୍କ୍ରାପ୍ ଚୋରି ହୋଇଥିଲା। ଏ ସଂପର୍କରେ ରାମ୍‌କୋ ପକ୍ଷରୁ ଗତ ୬ ତାରିଖରେ ଥାନାରେ ଏତଲା ଦିଆଯାଇଥିଲା। ଅଭିଯୋଗ ପାଇ ପୁଲିସ୍ ୫୪୮/୨୨ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିଲା । ବିଭିନ୍ନ ସ୍ଥାନରେ ଚଢ଼ଉ କରି ପୁଲିସ୍ ଏହି ଘଟଣାରେ ୭ ଜଣଙ୍କୁ ଗିରଫ କରିବାକୁ ସକ୍ଷମ ହୋଇଥିବା ବେଳେ ଚୋରି ହୋଇଥିବା ସ୍କ୍ରାପ୍ ଜବତ କରିଥିବା ଜଣାପଡ଼ିଛି ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪




**ଭୁବନେଶ୍ୱର, ୨୦୨୪, ସେପ୍ଟେମ୍ବର ୨୧**

# ସଂପ୍ରତି ଗଣତନ୍ତ୍ରର ସ୍ଥିତି ଓ ଗତି


ହିମାଂଶୁ ଶେଖର ଆଚାର୍ଯ୍ୟ

ଗଣତନ୍ତ୍ର କୌଣସି ନିର୍ଦ୍ଦିଷ୍ଟ ରାଷ୍ଟ୍ର ବା ଅଞ୍ଚଳର ନୁହେଁ, ଏହା ସମଗ୍ର ବିଶ୍ୱର।" ଅନ୍ୟ ଅର୍ଥରେ କହିଲେ ଗଣତାନ୍ତ୍ରିକ ଶାସନରେ ମୂଲ୍ୟବୋଧ ଭିତ୍ତିକ ଗଣତନ୍ତ୍ରର ପ୍ରତିଷ୍ଠା ପାଇଁ ଗୁରୁତ୍ୱ ଆରୋପ କରାଯାଇଥାଏ । ୨୦୦୮ ମସିହାରୁ ସେପ୍ଟେମ୍ବର ୧୫ତାରିଖକୁ ସାରା ବିଶ୍ୱରେ ଗଣତନ୍ତ୍ର ଦିବସ ରୂପେ ପାଳନ କରାଯାଉଛି। ୨୦୦୭ ନଭେମ୍ବର ୮ତାରିଖରେ ଜାତିସଂଘ ସାଧାରଣ ପରିଷଦର ସଭ୍ୟ ରାଷ୍ଟ୍ରବୃନ୍ଦ ସେପ୍ଟେମ୍ବର ୧୫ତାରିଖକୁ ବିଶ୍ୱ ଗଣତନ୍ତ୍ର ଦିବସ ରୂପେ ପାଳନ କରିବାକୁ ପ୍ରସ୍ତାବ ଗ୍ରହଣ କରିଥିଲେ। ଉଦ୍ଦେଶ୍ୟ ହେଉଛି ପରିବର୍ତ୍ତନଶୀଳ ଦୁନିଆରେ ଗଣତନ୍ତ୍ରର ମୂଲ୍ୟବୋଧ ପ୍ରତିଷ୍ଠା ସହ ମାନବିକ ଅଧିକାର ପ୍ରତି ସମ୍ମାନ ପ୍ରଦାନ କରିବା। ଯାହାକି ଗଣତନ୍ତ୍ରର ଅତ୍ୟାବଶ୍ୟକ ଉପାଦାନ। ମିଳିତ ଜାତିସଂଘ ବିଶ୍ୱ ଶାନ୍ତିରେ ବିଶ୍ୱାସ କରେ। ମାନବିକ ଅଧିକାର ଓ ଆଇନର ଶାସନ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ସୁରକ୍ଷିତ ରହିଥାଏ। ଖାଲି ସେତିକି ନୁହେଁ, ଲୋକମାନଙ୍କର ଶକ୍ତ ଇଚ୍ଛା ଓ ସ୍ୱତଃସ୍ଫୁର୍ତ୍ତ ଆଗ୍ରହ ଉପରେ ଏହା ନିର୍ଭର କରେ। ଏହି କଥାକୁ ଆଖିରେ ରଖି ବିଗତ ଦିନ ମାନଙ୍କରେ ଏହି ଦିବସ ପାଇଁ ଭିନ୍ନ ଭିନ୍ନ ବିଷୟ ବସ୍ତୁ ରହିଆସିଛି। ସମ୍ପ୍ରତି ବିଶ୍ୱର ଜନସଂଖ୍ୟାର ଏକ ପଞ୍ଚମାଂଶ ହେଉଛନ୍ତି ୧୫ରୁ ୨୫ବର୍ଷ ବୟସର। ଅନେକ ବିକାଶମୁଖୀ ରାଷ୍ଟ୍ରରେ ଏହି ଯୁବକ ମାନଙ୍କ ସଂଖ୍ୟା ଆହୁରି ଅଧିକ। ବିଭିନ୍ନ ସର୍ବେକ୍ଷଣରୁ ଜଣାପଡିଛି ଯେ କେତେକ କାରଣରୁ ଯୁବକ ମାନେ ଗଣତାନ୍ତ୍ରିକ ବ୍ୟବସ୍ଥା ପ୍ରତି ବୀତସ୍ପୃହ ହେବାସହ ଅଣପାରମ୍ପରିକ ଶୈଳୀରେ ଗଣତନ୍ତ୍ରକୁ ଆଦରି ନେବାକୁ ଚାହୁଁଛନ୍ତି। ଫଳରେ ଗଣତନ୍ତ୍ରର ପ୍ରକୃତ ମୂଲ୍ୟବୋଧର ଅବକ୍ଷୟ ଘଟୁଛି। ଏଦିଗରେ ସେମାନଙ୍କୁ ସଚେତନ କରିବାପାଇଁ ମିଳିତ ଜାତିସଂଘ ତରଫରୁ ପ୍ରୟାସ ଜାରି ରହିଛି। ଏତଦ୍‌ବ୍ୟତୀତ ରାଜନୀତିରୁ ସହନଶୀଳତା, ଶାଳୀନତା, ସଂଯମତା ଅପସରି ଯାଉଛି। ଅନୀତିକୁ ନୀତି କରିବାର କୌଶଳକୁ ନିର୍ବାଚିତ ପ୍ରତିନିଧିମାନେ ଗ୍ରହଣ କରୁଛନ୍ତି। ଗଣ ସ୍ୱାର୍ଥ ବ୍ୟକ୍ତି ସ୍ୱାର୍ଥ ନିକଟରେ ବଳିପଡୁଛି। ଫଳରେ ଗଣତନ୍ତ୍ର ଶାସନର ସୁଫଳ ସାଧାରଣ ଲୋକଙ୍କ ନିକଟରେ ପହଞ୍ଚିପାରୁନାହିଁ ଏହାହିଁ ବିଡମ୍ବନା।

ସମଗ୍ର ବିଶ୍ୱରେ ଭାରତର ଗଣତନ୍ତ୍ର ସର୍ବଜନାଦୃତ ଓ ଲୋକପ୍ରିୟ ହୋଇପାରିଛି। ୧୯୫୨ମସିହା ମେ ୧୩ ତାରିଖରେ ଆମ ଲୋକସଭାର ପ୍ରଥମ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ସଂପ୍ରତି ପୃଥିବୀର କେତକ ଦେଶରେ ସାମରିକ ଶାସନ ବା ଏକଛତ୍ରବାଦୀ ଶାସନ ଯୋଗୁଁ ଗଣତନ୍ତ୍ର ପ୍ରତି ବିପଦ ସୃଷ୍ଟି ହୋଇଥିବା ବେଳେ ବହୁ ଘାତପ୍ରତିଘାତ ମଧ୍ୟରେ ପୃଥିବୀର ଦ୍ୱିତୀୟ ଜନବହୁଳ ରାଷ୍ଟ୍ର ଭାରତ ଆଜି ତାର ସୁସ୍ଥ ଓ ଦୃଢ ଗଣତାନ୍ତ୍ରିକ ବ୍ୟବସ୍ଥା ପାଇଁ ବେଶ୍ ପ୍ରଶଂସିତ ହୋଇପାରିଛି। ଏସବୁ ସଫଳତା ସତ୍ତ୍ୱେ ବର୍ତ୍ତମାନ ସବୁଠାରୁ ବଡସମସ୍ୟା ହେଉଛି ଆମ ଗଣତାନ୍ତ୍ରିକ ବ୍ୟବସ୍ଥା ଭିତରକୁ ପଶି ଆସୁଛନ୍ତି ଅପରାଧ ପୃଷ୍ଠଭୂମିର ଲୋକମାନେ। ଶସ୍ତା ରାଜନୀତି ଦେଶ ପାଇଁକାଳ। ଜର୍ଜ ବର୍ଣ୍ଣାଡ ସ ଙ୍କ ମତରେ ବୁଦ୍ଧିଜୀବୀ ମାନେ ରାଜନୀତିକୁ "ସୈତାନର ଆଶ୍ରୟ ସ୍ଥଳୀ" ବୋଲି ଭାବୁଛନ୍ତି। ତେଣୁ ସେମାନେ ନିର୍ବାଚନ ପ୍ରକ୍ରିୟାରୁ ନିରାପଦ ଦୁରତାରେ ରହିବାକୁ ପସନ୍ଦ କରୁଛନ୍ତି। ଫଳରେ ଅପରାଧ ପୃଷ୍ଠଭୂମି ଥିବା ବ୍ୟକ୍ତି ବିଶେଷ ସଂସଦ ଓ ବିଧାନ ସଭାକୁ ନିର୍ବାଚିତ ହୋଇଆସୁଛନ୍ତି । ଏହି ପରମ୍ପରା କ୍ରମଶଃ ବଢିବାରେ ଲାଗିଛି। ଗତନିର୍ବାଚନରେ ବିଧାନସଭାକୁ ନିର୍ବାଚିତ ବିଧାୟକ ମାନଙ୍କ ମଧ୍ୟରୁ ୩୫ପ୍ରତିଶତ ଜଣଙ୍କ ନାମରେ ଅପରାଧ ମାମଲା ଥିବାବେଳେ ସେଥିମଧ୍ୟରୁ ୭୬ ଜଣ କୋଟିପତି ତାଲିକାରେ ଅଛନ୍ତି । ସେହିପରି ୩୪ ପ୍ରତିଶତ ସାଂସଦଙ୍କ ବିରୁଦ୍ଧରେ ଅପରାଧ ମାମଲା ଥିବା ବେଳେ ୮୨ ପ୍ରତିଶତ ସାଂସଦ କୋଟିପତି ତାଲିକାରେ ଅଛନ୍ତି । ଚଳିତ ନିର୍ବାଚନରେ ଏହି ସଂଖ୍ୟା ଆହୁରି ବଢିଛି। ଏପରି ହେଲେ ଗଣତନ୍ତ୍ର କିପରି ଗୁଣାତ୍ମକ ହେବ ତାହା ଏବେ ଚିନ୍ତା କରିବାର ସମୟ ଆସିଛି ।

ଗଣତନ୍ତ୍ର ଶାସନରେ ସଂସଦ ଓ ବିଧାନସଭାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ।ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ଏଠାରେ ଦେଶ ଓ ରାଜ୍ୟ ପାଇଁ ଶାସନ ଖସଡା ତିଆରି ହୁଏ । ଏବେ ଦିନକୁ ଦିନ ଆମ ସଂସଦୀୟ କାର୍ଯ୍ୟ ପ୍ରଣାଳୀରେ ଘୋର ଅବକ୍ଷୟ ଦେଖାଗଲାଣି। ଅଧିବେଶନ ଗୁଡିକର କାର୍ଯ୍ୟଦିବସ ଦିନକୁ ଦିନ କମିବାରେ ଲାଗିଛି। ପରିସଂଖ୍ୟାନ କୁହେ ୧୯୯୮ ପରଠାରୁ ସଂସଦର କାର୍ଯ୍ୟଦିବସ ଯଥେଷ୍ଟ ହ୍ରାସପାଇଛି। ଏବେ ଗୃହ କାର୍ଯ୍ୟ ୫୦ ରୁ ୬୦ଦିନ ଭିତରେ ସୀମିତ ରହୁଛି। ସୂଚନା ଯୋଗ୍ୟ ଯେ୧୯୫୨ମସିହାରେ ୧୫୦ଟି ଅଧିବେଶନ ବସିଥିଲା। ଅପରପକ୍ଷରେ ଅଧିବେଶନ ମାନଙ୍କରେ ସଭ୍ୟ ମାନଙ୍କର ଉପସ୍ଥିତି ମଧ୍ୟ ଆଶାନୁରୂପ ହେଉନାହିଁ। ଏପରିକି କେତକ ସଦସ୍ୟ ଦୀର୍ଘ ଦିନଧରି ଅନୁପସ୍ଥିତ ରହିବାର ଘଟଣା ଦେଖିବାକୁ ମିଳୁଛି। ସେହିପରି ଗୋଟିଏ ନିର୍ଦ୍ଦିଷ୍ଟ ପ୍ରସଙ୍ଗକୁ ଆଳକରି ହୋ-ହାଲ୍ଲା କରିବା ସହ ଅଧିବେଶନକୁ ଜୋର ଜବରଦସ୍ତ ମୁଲତବୀ କରାଇବା ଏକ ଅଭ୍ୟାସରେ ପରିଣତ ହେଲାଣି। ଏଭଳି ଘଟଣା ମଧ୍ୟ ରାଜ୍ୟ ବିଧାନସଭାକୁ ବ୍ୟାପିଲାଣି। ସବୁଠୁ ବଡ କଥା ହେଉଛି ରାଜନୀତିକୁ ପରିବାରବାଦ ଗ୍ରାସ କରିଛି। ଏହା ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ।

ସମଗ୍ର ବିଶ୍ୱରେ ଗଣତନ୍ତ୍ର ଏକ ଅପ୍ରୀତିକର ସ୍ଥିତିରେ ଗତିକରୁଛି। ବିଗତଦିନରେ ବାଙ୍ଗାଲୋରର ଜଣେ ବିଶିଷ୍ଟ ସାମ୍ବାଦିକ ଗୌରୀ ଲଙ୍କେଶଙ୍କୁ ଜଣେ ଆତତାୟୀ ହତ୍ୟା କରିଛି। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ସତ୍ୟନିଷ୍ଠ ଖବର ପ୍ରକାଶପାଇଁ କେବଳ ଆମ ଦେଶରେ ନୁହେଁ, ବିଶ୍ୱର ବିଭିନ୍ନ ଦେଶରେ ଏହିଭଳି ଘଟଣାମାନ ଘଟୁଛି। ଏକ ତଥ୍ୟ ଅନୁସାରେ ୨୦୧୬ରେ ବିଶ୍ୱରେ ୧୨୨ଜଣ ସାମ୍ବାଦିକ ଓ ଗଣମାଧ୍ୟମର କର୍ମଚାରୀଙ୍କୁ ହତ୍ୟା କରାଯାଇଅଛି। ଭାରତରେ ମଧ୍ୟ ୫ଜଣଙ୍କୁ ମୁକ୍ତମତ ପ୍ରକାଶ କରିଥିବାରୁ ହତ୍ୟା କରାଯାଇଛି। ଉଲ୍ଲେଖଯୋଗ୍ୟଯେ, ଗଣତନ୍ତ୍ରର ସୁପରିଚାଳନାପାଇଁ ବ୍ୟବସ୍ଥାପିକା, କାର୍ଯ୍ୟପାଳିକା ଓ ବିଚାର ବିଭାଗର ଯେତିକି ଦାୟିତ୍ୱ ରହିଛି ଚତୁର୍ଥ ସ୍ତମ୍ଭ ଭାବେ ଗଣମାଧ୍ୟମର ମଧ୍ୟ ସେତିକି ଗୁରୁତ୍ୱ ରହିଛି। ଇଣ୍ଟରନେଟ୍ ଓ ବୈଦ୍ୟୁତିକ ଗଣମାଧ୍ୟମର ବହୁଳ ପ୍ରସାର-ପ୍ରଚାର ଗଣତନ୍ତ୍ରର ସୁରକ୍ଷାକୁ ଆହୁରି ଶକ୍ତ ଓ ଦୃଢ କରିପାରିଛି। କିନ୍ତୁ ବେଳେ ବେଳେ ବେଳେ ସମ୍ବାଦପତ୍ର ସତ୍ୟ, ନିର୍ଭୀକ ଓ ନିରପେକ୍ଷ ସମ୍ବାଦ ପରିବେଷଣ କରିପାରେ ନାହିଁ। ଫଳରେ ଗଣମାଧ୍ୟମର ସ୍ୱର ସଙ୍କୁଚିତ ହୋଇଯାଏ । ଏଥିପ୍ରତି ସମସ୍ତେ ସଜାଗ ରହିଲେ ଗଣତନ୍ତ୍ରର ପ୍ରକୃତ ଲକ୍ଷ୍ୟ ସାଧିତ ହୋଇପାରିବ। ଏହାହିଁ ଆନ୍ତର୍ଜାତିକ ଗଣତନ୍ତ୍ର ଦିବସର ଅନୁଚିନ୍ତା।

*ଜଗତସିଂହପୁର*
*ମୋ - ୯୯୩୭୧୫୧୦୫୨*

# ଓଡିଆର ଅସ୍ମିତା:- ସେଦିନର ଓ ଆଜିର


ଉମାଶଙ୍କର ପ୍ରସାଦ

ଓଡିଆ ଅସ୍ମିତା କହିଲେ ଓଡିଆ ଜାତିର ଅହଂଜ୍ଞାନ, ଗୋଟିଏ ମହାନ ଜାତିର ଅହଂସଚେତନତା। ଏହା ତାର ଅହଂକାର ନୁହେଁ; ଅହଂବୋଧ। ଯେତେବେଳେ ଏହି ଅହଂବୋଧ ଶାଣିତ ହୋଇଯାଏ ମଣିଷ ଭିତରେ ଆଣିଥାଏ ଆତ୍ମପରିଚିତି। ଏହି ଆତ୍ମ ପରିଚିତି ସୃଷ୍ଟି କରିଥାଏ ବିଶ୍ୱ ଦୃଷ୍ଟି, ବିଶ୍ୱ ବୋଧ। ଓଡିଆ ଜାତି କେବେଠାରୁ ତାର ଆତ୍ମ ପରିଚୟ ପାଇଲାଣି ତାର ସଠିକ୍ ଇତିହାସ ହୁଏତ ମିଳେନାହିଁ। ମାତ୍ର ଯଦି ଅନୁଧ୍ୟାନ କରାଯାଏ ତେବେ ସ୍ପଷ୍ଟ ଭାବେ ପ୍ରମାଣିତ ହୁଏ ଓଡିଆ ଅସ୍ମିତାର ଅତିତ ଥିଲା ପ୍ରକୃତରେ ଗୌରବମୟ। ତାହା ବର୍ତ୍ତମାନ ପରି ଗୋଲାମୀତ୍ୱର ନିଦର୍ଶନ ନଥିଲା ; ଥିଲା ସ୍ୱାଭିମାନ ଓ ସ୍ୱାଧିକାର ବୋଧର ନିଦର୍ଶନ। ହୁଏତ ଖୁବ ଦୁରକୁ ଦୃଷ୍ଟିପାତ କଲେ ଓଡିଶା ବୋଲି ଗୋଟିଏ ରାଷ୍ଟ୍ର ନଥିଲା, ଓଡିଆ ଭାଷା ନଥିଲା, ଜଗନ୍ନାଥ ଓ ଜଗନ୍ନାଥ ସଂସ୍କୃତି ନଥିଲା, ଥିଲା କଳିଙ୍ଗ ଓ ଉତ୍କଳ। ଥିଲା ମଧ୍ୟ କଙ୍ଗୋଦ ଓ କୋଶଳ। ଉଡ୍ର ଥିଲା ମାତ୍ର ତାର ଅସ୍ତିତ୍ୱ ଏତେ ସ୍ପଷ୍ଟ ନୁହେଁ। ଯେତେବେଳେ କଳିଙ୍ଗର ଗୌରବ ଥିଲା ସେତେବେଳେ ମଗଧ ସମ୍ରାଟ ଅଶୋକ ବିପୁଳ ସେନାବାହିନୀ ଧରି କଳିଙ୍ଗ ଆକ୍ରମଣ କଲେ, କଳିଙ୍ଗକୁ ଧ୍ୱସ୍ତ ବିଧ୍ୱସ୍ତ କଲେ, ରକ୍ତ ନଦୀ ବୁହାଇଲେ। କଳିଙ୍ଗ ପରାଜିତ ହେଲା ମାତ୍ର ଅସ୍ମିତା ହରାଇଲା ନାହିଁ। ପରାଜୟ ସ୍ୱୀକାର କଲାନାହିଁ। ଅଶୋକଙ୍କ ର ହେଲା ହୃଦୟ ପରିବର୍ତ୍ତନ । ଧର୍ମ ଆଡକୁ ନିଜକୁ ନେଇ ବୌଦ୍ଧଧର୍ମ ଗ୍ରହଣ କଲେ। ଏବଂ ମୁକ୍ତ କଣ୍ଠରେ ଘୋଷଣା କଲେ ତରବାରୀର ଜୟ ପ୍ରକୃତ ଜୟ ନୁହେଁ। ଚଣ୍ଡାଶୋକରୁ ହେଲେ ଧର୍ମାଶୋକ। ଧଉଳି ପାହାଡ ଉପରେ ପ୍ରତିଷ୍ଠା କଲେ ସ୍ତୂପ, ଖୋଦନ କଲେ ଐତିହାସିକ ଶିଳା ଲେଖ। ମନେହୁଏ ଅଶୋକଙ୍କ ଏହି କୀର୍ତ୍ତି ତାଙ୍କର ନୁହେଁ; ଓଡିଆ ଜାତିର ଅସ୍ମିତାର ବିଜୟ ସ୍ତମ୍ଭ। କଳିଙ୍ଗ-ଅସ୍ମିତା ବା ଓଡିଆ ଅସ୍ମିତା ମରିଗଲା ନାହିଁ। ପୁଣି ବିକଶି ଉଠିଲା ମାତ୍ର କେତୋଟି ବର୍ଷ ପରେ- ଖାରବେଳ ଙ୍କ ସମୟରେ। ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀର ମଧ୍ୟ ଭାଗରୁ ଖ୍ରୀଷ୍ଟପୂର୍ବ ଦ୍ୱିତୀୟ ଶତାବ୍ଦିର ମଧ୍ୟ ଭାଗ- ମଝିରେ ମାତ୍ର ସତୁରୀ / ଅଶୀ ବର୍ଷର ବ୍ୟବଧାନ; ଖାରବେଳ ହୋଇଗଲେ ଓଡିଆ ଅସ୍ମିତାର ମହାଦୀପ। ଓଡିଆ ଅସ୍ମିତା ସତ୍ୟ ଶାନ୍ତି ଦୟା କ୍ଷମା ତ୍ୟାଗ ଓ ତିତିକ୍ଷାର ଅସ୍ମିତା। ଖରବେଳ ହେଲେ ଏହାର ଜୀବନ୍ତ ପ୍ରତିଭୂ। ସେ ରାଜା ଅଥଚ ତାଙ୍କୁ ସିଂହାସନ ମୋହଗ୍ରସ୍ତ କରି ନଥିଲା। ଭୋଗ ବିଳାସ ତାଙ୍କୁ ଆକର୍ଷଣ କରିପାରିଲା ନାହିଁ। ଯଦିଓ ସେ ଜୈନ ମାତ୍ର କୌଣସି ଧର୍ମ ପ୍ରତି ସେ ଅସହିଷ୍ଣୁ ନୁହଁନ୍ତି। ସେ ଥିଲେ ଧର୍ମ ନିରପେକ୍ଷ ସମ୍ରାଟ। ରାଜା ବା ଶାସକ ଯେଉଁଠି ମୋହଗ୍ରସ୍ତ ହୁଏ, ଭୋଗୀ ହୁଏ , ସ୍ୱେଚ୍ଛାଚାରୀ ହୁଏ, ବିମୁଢ ଅହଂକାରୀ ହୁଏ ସେଠି ସେ ରାଷ୍ଟ୍ର ବା ଜାତିକୁ ଗୌଣ ମନେକରେ, ଜାତିର ଅସ୍ମିତାକୁ ଅବଜ୍ଞା କରେ। ଯେଉଁଠି ଏସବୁ ନଥାଏ ସେଠି ଜାତିର ଅସ୍ମିତା ପ୍ରତି ସମ୍ମାନ ପ୍ରକାଶ ପାଏ। ତାଙ୍କର ଗୋଟିଏ ବର୍ଷ ଲୋକ-କଲ୍ୟାଣ-କର୍ମ, ଗୋଟିଏ ବର୍ଷ ଯୁଦ୍ଧ-ଯାତ୍ରା, କୃଷିର ଉନ୍ନତି ପାଇଁ ଜଳସେଚନର ବ୍ୟବସ୍ଥା, ରାଷ୍ଟ୍ରର ସୁରକ୍ଷା ପାଇଁ ବିପୁଳ ସେନାବାହିନୀ ଗଠନ, ସଂଗୀତ ନାଟକାଦିର ବିକାଶ ଇତ୍ୟାଦି କାର୍ଯ୍ୟ ସହିତ ସାରା ଭାରତ ବର୍ଷରେ ବିଜୟ ବାନା ଉଡାଇଥିଲେ। ମଗଧକୁ ଶାସ୍ତି ଦେଇ ଓଡିଆ ଅସ୍ମିତାର ପରିଚୟ ଦେଲେ, ମହାପଦ୍ମନନ୍ଦ ନେଇଯାଇଥିବା ଜୀନମୂର୍ତ୍ତିକୁ ନେଇ ଆସିବା ସହ ରାଷ୍ଟ୍ରିକ, ଭୋଜକ୍ ଆଦି ଦେଶ ଜୟ କଲେ ମାତ୍ର କାହାରିକୁ ଅଧିକାର କଲେନାହିଁ। ସ୍ୱାଧୀନ ଭାବରେ ଶାସନ କରିବାକୁ ପ୍ରୋତ୍ସାହନ ଦେଲେ। ଗ୍ରୀକ ମାନଙ୍କୁ ଭାରତରୁ ବିତାଡିତ କରି ଖାଇବର ଗୀରି ପାଖରେ ଛାଡି ଦେଇ ଆସିଲେ। ତାଙ୍କ ଚରିତ୍ରର ବୈଶିଷ୍ଟ୍ୟ ଉଦାର ମାନବିକତା, ଜାତୀୟ ସଂହତି ପ୍ରତିଷ୍ଠା ଏବଂ ତାଙ୍କରିଠାରୁ ଯେଉଁ ଓଡିଆ ଅସ୍ମିତାର ଉନ୍ମେଷ ଘଟିଲା ତାହାହିଁ ବହୁକାଳ ପର୍ଯ୍ୟନ୍ତ ଓଡିଆ ଜାତିକୁ ଆଗେଇ ନେଇଥିଲା। ସପ୍ତମ ଶତାବ୍ଦୀ ବେଳକୁ ଉତ୍କଳ ମଣ୍ଡଳ ଏହି ସମନ୍ୱିତ ରାଷ୍ଟ୍ରର ପରିକଳ୍ପନା କରି 'ସକଳ ଉତ୍କଳ' ଘୋଷଣା କରିଥିଲେ ମାତ୍ର ତାହା ସଫଳ ହେଲା ପରବର୍ତ୍ତୀ ସୋମବଂଶ ଶାସନ କାଳରେ। ଫଳରେ କଳିଙ୍ଗ-ଉତ୍କଳ-କଙ୍ଗୋଦ-ଉତ୍କଳ-ଉଡ୍ର ଆଦି କ୍ଷୁଦ୍ର କ୍ଷୁଦ୍ର ଅଂଚଳ ଏକ ଶାସନାଧୀନରେ ରହି ବୃହତର ରାଷ୍ଟ୍ରର ପରିକଳ୍ପନା କଲେ, ଯାହା ହେଲା 'ଉତ୍କଳ' ଓ ପରେ ପଂଚଦଶ ଶତାବ୍ଦୀ ବେଳକୁ କପିଳେନ୍ଦ୍ର ଦେବଙ୍କ ରାଜତ୍ୱ କାଳରେ 'ଓଡିଶା' ରୂପେ ପରିଚିତ ହେଲା। ଏବଂ ସମଗ୍ର ଭାରତ ବର୍ଷରେ ଗୌରବ ଅର୍ଜନ କଲା। ଆଜି ଓଡିଶାର ଅସ୍ମିତା ବିପଦରେ ! ଆମ ଅସ୍ମିତାର ଆଦର୍ଶ, ତ୍ୟାଗ, ବୀରତ୍ୱ, ବିଶ୍ୱବୋଧ ସଂପର୍କରେ ଆମେ ଅବହିତ ହେବା ଦରକାର। ଉତ୍କଳ ମଣିଙ୍କ ଉକ୍ତିକୁ ଆମେ ମନେ ରଖିବା-' ଉତ୍କଳେ ନେତାର ନାହିଁ ପ୍ରୟୋଜନ / ଉତ୍କଳର ନେତା ସ୍ୱୟଂ ନାରାୟଣ'। ଆମେ ସମସ୍ତେ ମନେ ରଖିବା ଦରକାର ଦେଶ ଆଗେ, ଜାତି ଆଗେ, ଭାଷା ଆଗେ। ଜାତିପାଇଁ ଆତ୍ମବଳିଦାନ ହେଉ ଆମର ନୀତି। ରାଜନୀତି ତା ବାଟରେ ଯାଉ। ରାଜନୀତି କୁ ନେଇ ଓଡିଆ ଜାତିକୁ ଭାଗ ଭାଗ କରାନଯାଉ। ଜାତି ବଂଚିଲେ ଆମେ ବଂଚିବା, ଭାଷା ବଂଚିଲେ ଆମେ ସଂପ୍ରସାରିତ ହେବା।

*ଉମାଶଙ୍କର ପ୍ରସାଦ, ସମ୍ପାଦକ,*
*ମାର୍ଗଦର୍ଶୀ ଖୋର୍ଦ୍ଧା*
*(୬୩୭୦୬ ୭୫୫୬୨)*

# ଧୈର୍ଯ୍ୟ,ସହନଶୀଳତା ଏବଂ ଶାନ୍ତିର ଆବଶ୍ୟକତା

**ମୌଲାନା ଫଜଲ ହକ ଖାନ୍**

ଈଶ୍ୱର ମଣିଷକୁ ସଂସାରରେ ସର୍ବଶ୍ରେଷ୍ଠ ପ୍ରାଣୀ ରୂପେ ଜନ୍ମ ଦେଇଛନ୍ତି । ମଣିଷ ଭଳି ପଶୁ-ପକ୍ଷୀମାନେ ବି ରହିବା ପାଇଁ ବାସ ସ୍ଥଳି ଖୋଜିଥାନ୍ତି ଏବଂ ତିଆରି ବି କରିଥାନ୍ତି। ପକ୍ଷୀ ଅଣ୍ଡା ଦେଇଥିବା ବେଳେ ପଶୁମାନେ ଛୁଆ ଜନ୍ମ କରିଥାନ୍ତି। ଘର ସଂସାର ବି କରିଥାନ୍ତି। ମଣିଷ ବି ଏହି ଭଳି କରିଥାଏ । କିନ୍ତୁ ମଣିଷ ଓ ପଶୁ-ପକ୍ଷୀଙ୍କ ମଧ୍ୟରେ ଗୋଟିଏ ଫରକ ରହିଛି । ଯାହା ମଣିଷକୁ ସେମାନଙ୍କ ଠାରୁ ସର୍ବଶ୍ରେଷ୍ଠ ଭାବେ ମର୍ଯ୍ୟାଦା ଦେଇପାରିଛି । ତାହା ହେଲା ବିବେକ। ଭଲ-ମନ୍ଦ ବିଚାର କରିବାର ଶକ୍ତି । ବୁଝି-ବିଚାରି କାର୍ଯ୍ୟ କରିବାର ପ୍ରତିଭା । ବିଶ୍ୱର ବିକାଶ ଓ ଉନ୍ନତି ପ୍ରଖର ଗତିରେ ହେବା ସହ ସମସ୍ୟା ମଧ୍ୟ ବଢିଚାଲିଛି । ଉତ୍କୃଷ୍ଟ ମଣିଷ ପାଖେ ସେ ସବୁ ସମସ୍ୟାର ସମାଧାନ ଓ ସାଧନା ରହିଛି । କିନ୍ତୁ ବିଡ଼ମ୍ବନା ଏତିକି ହେଲା ଯେ ଉଚିତ୍ ସମୟରେ ବୁଝି-ବିଚାରି ତାକୁ ପ୍ରୟୋଗ କରି ପାରୁନାହିଁ । ତା' ପ୍ରତି ପ୍ରୟାସ କରି ପାରୁନାହିଁ । ଗୋଟିଏ ମେଣ୍ଢା ପାଣିକୁ ଡ଼େଇଁଲା ମାତ୍ରେ ସବୁ ମେଣ୍ଢା ତା' ଦେଖାଦେଖି ପାଣିକୁ ଡ଼େଇଁ ପଡ଼ିଥାନ୍ତି । ସେହିଭଳି ଅନେକ ବ୍ୟକ୍ତି ବୁଦ୍ଧି-ଜ୍ଞାନ ଥାଇ ମଧ୍ୟ, ବିବେକ ହରା ହୋଇ ଯାଇଥାଆନ୍ତି । ଫଳସ୍ୱରୂପ ସମାଜରେ ଭିନ୍ନ ଭିନ୍ନ ସମସ୍ୟା ଉପୁଜିଥାଏ । ଅରାଜକତା,ମନମାଳିନତା ଓ ତିକ୍ତତା ବଢିଥାଏ । ଏପରିକି ଭାଇ-ଭାଇ ମଧ୍ୟରେ,ବନ୍ଧୁ-ବାନ୍ଧବଙ୍କ ମଧ୍ୟରେ,ସାଙ୍ଗ-ସାଥିମାନଙ୍କ ମଧ୍ୟରେ,ଶାସକ ଓ ଜନତା ମଧ୍ୟରେ, ଧର୍ମ-ଧର୍ମ ମଧ୍ୟରେ ଏବଂ ଗୋଷ୍ଠୀ-ଗୋଷ୍ଠୀ ମଧ୍ୟରେ ବର୍ଷ ବର୍ଷ ଧରି ରହିଥିବା ବନ୍ଧୁତା ଓ ଭାଇଚାରାର ସୁନ୍ଦର ପରିବେଶ ଦୂଷିତ ଓ ଅଶାନ୍ତ ହୋଇ ଉଠିଥାଏ । ଏହିଭଳି ପରିବେଶ ଏବେ ସମଗ୍ର ବିଶ୍ୱରେ ଦେଖିବାକୁ ମିଳୁଛି । ଏହାଦ୍ୱାରା ମାନବିକତାର କ୍ଷୟ-କ୍ଷତି ଓ ପ୍ରାଣ ହାନି ଘଟୁଛି । ଭାଇଚାରା ଓ ବନ୍ଧୁତାର ବଳି ପଡୁଛି । ଈଶ୍ୱର ମଣିଷକୁ ମାଂସ,ହାଡ଼ ଓ ରକ୍ତରେ ତିଆରି କରିଛି । ଅନେକ ପର୍ଯ୍ୟାୟ ଦେଇ ଗତି କରି ମଣିଷଟିଏ ହୋଇପାରିଛି । ପ୍ରଦୂଷିତ ପରିବେଶର ରଙ୍ଗରେ ପଡ଼ି ବିବେକ ହରା ହୋଇ ମଣିଷ, ମଣିଷ ସହ ଶତ୍ରୁତା କରୁଛି । ଘୋର ସଂଘର୍ଷ କରୁଛି । ସେହି ସମୟରେ ଯଦି ସେ ଟିକିଏ ଧୈର୍ଯ୍ୟ ଧରା ହୁଅନ୍ତା ଏବଂ ବିବେକକୁ କାର୍ଯ୍ୟରତ କରିପାରନ୍ତା । ମଣିଷ, ମଣିଷକୁ ଚିହ୍ନି ପାରନ୍ତା। ତା' ହେଲେ ସେ ବଡ଼ ବଡ଼ ଆଘାତ ଓ କ୍ଷୟ-କ୍ଷତିରୁ ବର୍ତୀ ପାରନ୍ତା । ଆଘାତ,ପ୍ରତିଘାତ ଏବଂ ହତ୍ୟା କରିବାକୁ ସେ ଉଦ୍ୟମ କରନ୍ତା ନାହିଁ । ପ୍ରଭୁ ଫୁସତରେ ବହୁ ସମୟ ନେଇ ଏ ମଣିଷକୁ ତିଆରି କରିଛନ୍ତି। ରାଗ-ରୋଷ କ୍ଷଣକ ପାଇଁ ବିନା କ୍ଷୟ-କ୍ଷତିରେ ହୋଇବି ପାରନ୍ତା। କିନ୍ତୁ ସେହି ରାଗ-ରୋଷ ଦ୍ୱାରା କୌଣସି ମାନବର ହତ୍ୟା ହୋଇଥାଏ, ତେବେ ଏହା ବହୁତ ଦୁଃଖ ଓ ଦୁର୍ଭାଗ୍ୟର କଥା । ଏ ଯୁବ ସମାଜ ଏତେ ପାଠୁଆ ଏବଂ ଜ୍ଞାନ-ବିଜ୍ଞାନରେ ପରିପୂର୍ଣ୍ଣ ଥାଇ,ଏ ଧରାପୃଷ୍ଠରେ ଏତେ ଧର୍ମ ଆସି ମଧ୍ୟ ମଣିଷ ଶିଖିଲା କ'ଣ ? ଶିକ୍ଷା ଦେଲା କ'ଣ ? ପାଇଲା କ'ଣ ? ହଜାଇ ବସିଲା କ'ଣ ? କୁହାଯାଏ ଧର୍ମ ଏକାସିନା ମହତ ପଣିଆ ଆଉ ସବୁ କିଛି ଅଢେଇ ଦିନିଆ । ସକଳ ଧର୍ମରେ ଧୈର୍ଯ୍ୟ, ସହନଶୀଳତା,ଶାନ୍ତି ଏବଂ ଭାଇଚାରାର ଶିକ୍ଷା ମିଳିଥାଏ । ଆମେ ମଣିଷ ସବୁ ଭାଇଭାଇ । ବେସୁଧୈବକୁଟୁମ୍ବକମ୍ ଆମର ପରିଚୟ । ଏ ଧରା ଆମ ମାଁ । ଆମେ ମାନବ ଜାତି ଏକ କୁଟୁମ୍ବ । କେହି ବଡ଼-ଛୋଟ, ଉଚ୍ଚ-ନିଚ୍ଚ, ଗୋରା-କଳା ଏବଂ ଧନି-ଗରୀବ ନୁହେଁ । ସମସ୍ତେ ପ୍ରଭୁଙ୍କ ଦରବାରରେ ସମାନ। ଧର୍ମ ଆମକୁ ଶାନ୍ତି,ସହନଶୀଳତ ।, ସତ୍‌ମାର୍ଗ, ସଦ୍‌ଭାବନା, ସମନ୍ୱୟତା, ସରଳତା, ସତ୍ୟତା, ସଂଯମତା, ସାଧୁତା,ସଫଳତା ଏବଂ ସକାରତ୍ମକତାର ଶିକ୍ଷା ଦେଇଥାଏ । ଏକତା ଓ ଅଖଣ୍ଡତା ଆମର ଗୌରବ । ହିନ୍ଦୁ,ମୁସଲିମ,ଶିଖ,ଇସାଇ ହମ୍ ସବ୍ ହୈ ଭାଇ ଭାଇ/ଭାଇକୋ ହୈ ଭାଇ ପ୍ୟାରା ଐସା ୱତନ୍ ରହେ ହମାରା । ମାଁ,ମାଟି ଓ ମାତୃକା ଠାରୁ ବଳି ଆଉ କିଏବା ବଡ଼ । ଏଇ ଆମ ଜନ୍ମ ଭୂମି ଏଇ ଆମ ଧ୍ୱଜା । ଏଇ ଗାଁ ମଷାଣୀରେ ଆମର ଶେଷ କ୍ରିୟାକର୍ମ ହୋଇଥାଏ । ଏଇ ଗାଁ ମାଟିରେ ଆମେ କବର ପାଇଥାଉ। ପରମବ୍ରହ୍ମ ପରମେଶ୍ୱର ଏକ । ଆମେ ତାଙ୍କ ସନ୍ତାନ । ଆସ ଆମେ ସଭିଁଏ ଏକ ମନ ଏକ ପ୍ରାଣ ହୋଇ ଏବେ ମାନବିକତାକୁ କ୍ଷୟ-କ୍ଷତି ହେବାରୁ ରକ୍ଷା କରିବା । ଆମ ମନ ଓ ମସ୍ତିକକୁ ସ୍ୱଚ୍ଛ ଓ ନିର୍ମଳ କରିବା । ଖରାପ ଦେଖିବା ନାହିଁ, ଖରାପ କହିବା ନାହିଁ, ଖରାପ ଶୁଣିବା ନାହିଁ ଏବଂ ଖରାପ ଚିନ୍ତା କରିବା ନାହିଁ । ଆସନ୍ତୁ ଆମେ ସମସ୍ତେ ମିଳିମିଶି ଭାଇଚାରାର ଏକ ଅଭେଦ୍ୟ ଦୁର୍ଗ ନିର୍ମାଣ କରିବା । ମନ ମାଳିନତା, ଶତ୍ରୁତା,ଅରାଜକତା, ଈର୍ଷାପରାୟଣତା ଏବଂ ଅହଂକାରୀତାର ଶତ୍ରୁକୁ ଧୂଳିଚଟାଇବା । ତାକୁ ପରାସ୍ତ କରିବା । ଭାରତ ବର୍ଷର ବିକାଶ, ଏକତା ଓ ଅଖଣ୍ଡତାକୁ ବଜାୟ ରଖିବା ପାଇଁ ଦୃଢ ସଂକଳ୍ପ ନେବା । ହାତକୁ ହାତ ମିଳାଇ କାନ୍ଧକୁ କାନ୍ଧ ଲଗାଇ ଭାରତ ମାତାର ଟେକ ରଖିବା । ଆମେ ଭାରତକୁ ମହାନ କରିବା । ଜୟ ହିନ୍ଦ । ଜୟ ଭାରତ ।

*ମଙ୍ଗଳାବାଗ-କଟକ*
*ମୋ:୯୬୯୨୨୨୫୦୫୭*

# ଅଶାନ୍ତସ୍ୟ କୁତଃ ସୁଖଂ

ଆଜିର ପାର୍ଥିବ ଓ ଜାଗତିକ ସଂସାରରେ ସମସ୍ତେ ଶାନ୍ତିପୂର୍ଣ୍ଣ ସହବସ୍ଥାନ ଚାହାଁନ୍ତି। କହିବାକୁଗଲେ ସର୍ବଦା ଶାନ୍ତି ପ୍ରାପ୍ତ ନିମିତ୍ତ ସମସ୍ତେ ଆଶା ରଖନ୍ତି। ମାତ୍ର ଏହି ଶାନ୍ତି କେଉଁଠାରୁ ପ୍ରାପ୍ତ ହେବ ସେ ସମ୍ବନ୍ଧରେ କେହି କେବେ ଚିନ୍ତାର ଅବକାଶ ରଖନ୍ତିନାହିଁ। କିନ୍ତୁ ପ୍ରକୃତ କଥା ହେଉଛି ଶାନ୍ତି ଆମ ଭିତରୁ ସୃଷ୍ଟି ହୋଇ ବାହାରକୁ ଖେଳିଯିବା ଦରକାର । ଆମ ସମସ୍ତଙ୍କ ଜୀବନ ଅନେକ ପ୍ରକାରେ ଖଣ୍ଡବିଖଣ୍ଡିତ ହୋଇଛି । ଆମେ ଏମିତି ଜୀବନ କାଟୁଛେ ଯେଉଁଥିରେ ବ୍ୟକ୍ତି ଅନେକ ଭାଗରେ ବାଣ୍ଟି ହୋଇଯାଉଛି । ଆମ ପାଖରେ ଏକ ଭୌତିକ ଶରୀର ଅଛି, ମନ ଓ ବୁଦ୍ଧି ଅଛି, ଭାବନା ଅଛି ଏବଂ ଆମର ଏକ ଆଧ୍ୟାତ୍ମିକ ପକ୍ଷ ମଧ୍ୟ ଅଛି । ଅଧିକାଂଶ ଲୋକ ନିଜର ଆଧ୍ୟାତ୍ମିକ ପକ୍ଷ ପ୍ରତି ସଚେତନ ନୁହଁନ୍ତି । ଏହି ପ୍ରସଙ୍ଗରେ ଯୁଗାବତାର ଭଗବାନ ପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି – ଶାନ୍ତ ଭାବ ମାନେ ସାମ୍ୟ ଅବସ୍ଥା। ପ୍ରବୃତ୍ତି ଅଭିଭୂତି ଓ ସ୍ୱାର୍ଥାନ୍ଧତାର ଆକୁଳ ବିକୁଳ ଯେତେ କମିଯାଏ, ମନୁଷ୍ୟ ସେତେ ଶାନ୍ତ ହୁଏ। ଶାନ୍ତ ଅବସ୍ଥାରେ ସତ୍ ବା ଅସ୍ତିତ୍ୱ ପ୍ରତି ପ୍ରେମ ଜାଗେ। ମନୁଷ୍ୟ ଗୁରୁମୁଖୀ ଓ ଈଶ୍ୱରମୁଖୀ ହୁଏ। ଅନ୍ତର ଭିତରେ ସେବା ମନୋଭାବ ଜାଗି ଉଠେ। ଗୁରୁ ହେଉଛନ୍ତି ଭଗବାନଙ୍କର ସାକାର ମୂର୍ତ୍ତି ଓ ଅଖଣ୍ଡ। ଗୁରୁଙ୍କୁ ସେବା କରୁ କରୁ ମନୁଷ୍ୟ ଭିତରେ ଦାସ୍ୟ ଭାବ, ସଖ୍ୟ ଭାବ, ବାତ୍ସଲ୍ୟଭାବ, ମଧୁରଭାବ ଓ ସନ୍ନ୍ୟାସଭାବ ଜାଗ୍ରତ ହୁଏ। ମଧୁର ଭାବର ତାତ୍ପର୍ଯ୍ୟ ହେଉଛି, ନିଜର ଜୀବନ ଓ ଚରିତ୍ରକୁ ସର୍ବତୋ ଭାବରେ ଗୁରୁଙ୍କର ଉପଭୋଗ୍ୟ କରି ଉଠାଇ ନିଜେ ସୁଖୀ ହେବା। ଆଉ ଏହା ହିଁ ହେଉଛି ଶାନ୍ତ ବା ସମାହିତ ଅବସ୍ଥା। ଶାନ୍ତିର ପ୍ରଥମ ସୋପାନ ଅହିଂସା । ଏଥିପାଇଁ ସବୁଠାରୁ ପ୍ରଥମେ ଶବ୍ଦରେ ଅହିଂସା ଆଚରଣ କରିବାକୁ ହେବ । ଲକ୍ଷ୍ୟ ରଖିବାକୁ ହେବ ଯେପରି ଆମ ଓଠରୁ ଏମିତି ଶବ୍ଦ ବାହାରି ନଯାଉ ଯାହା ଅନ୍ୟାକୁ କଷ୍ଟ ଦେବ । ଯଦି ସମ୍ଭବ ଆମର କଥା ଏମିତି ହେବା ଦରକାର ଯାହା ଦୁଃଖୀ ହୃଦୟ ପାଇଁ ମଲମ ହେବ । ଯଦି ହୃଦୟରେ କେହି ଦୁଃଖର ବୋଝ ନେଇ ଆମ ପାଖକୁ ଆସିଛି, ସେ ଆମ ପାଖରୁ ଯିବାବେଳେ ତା' ହୃଦୟର ଦୁଃଖ ହାଲ୍‌କା ହୋଇଯାଇଥିବା ଆବଶ୍ୟକ । ତା'ର ହୃଦୟକୁ ଶାନ୍ତି ମିଳିବା ଉଚିତ । ଏଥିସହ ମନରୁ ଚିନ୍ତା ଓ ଡ଼ର ମଧ୍ୟ ଚାଲିଯିବା ଦରକାର । ଶାନ୍ତିର ଦ୍ୱିତୀୟ ସୋପାନ ପ୍ରେମ । ଆମ ଭିତରେ ଏମିତି ପ୍ରେମଭାବ ରହିବା ଆବଶ୍ୟକ ଯାହା ସବୁ ସୀମାର ବନ୍ଧନରୁ ମୁକ୍ତ ହୋଇଥିବ । ଆମ ପାଖକୁ ଯିଏ ବି ଆସୁ, ସେ ଯେଉଁ ଧର୍ମର, ଯେଉଁ ଲିଙ୍ଗର, ଯେଉଁ ଦେଶର ହୋଇଥାଉ ନା କାହିଁକି, ଆମେ ତାକୁ ପ୍ରେମର ବନ୍ଧନରେ ବାନ୍ଧିନେବା ଆବଶ୍ୟକ । ବାହ୍ୟ ସୌନ୍ଦର୍ଯ୍ୟରେ ବିମୋହିତ ହୋଇଯିବା ଅପେକ୍ଷା ଆମେ ସମସ୍ତଙ୍କ ହୃଦୟର ସୌନ୍ଦର୍ଯ୍ୟକୁ ବୁଝିପାରିବା ଆବଶ୍ୟକ । ଆମ ଦୁଆରକୁ ଯିଏ ବି ଆସୁ, ସେ ପ୍ରେମର ଅନନ୍ୟ ଅନୁଭବ ନେଇ ଫେରୁ, ଯାହା କି ସେ ଅନ୍ୟ କେଉଁଠାରେ ମଧ୍ୟ ପାଇ ନଥିବ । ଏହାପରେ ଆମ ଠାରୁ ଅନ୍ୟଜଣେ ଯାହା ବି ପାଇବ ତାହା ଅଶାନ୍ତିର କାରଣ ହେବନି ।

ଶାନ୍ତି ମିଳିବାର ତୃତୀୟ ସୋପାନ ସତ୍ୟ । ଆମେ ସବୁବେଳେ ନିଜ ପ୍ରତି ସ୍ୱଚ୍ଛ ରହିବା, ଜୀବନର ପ୍ରତି ମୋଡ଼ରେ ସତ୍ କହିବା ଓ ସତ୍ ଜୀବନ ଜିଇବା । ଆମେ କାହାକୁ ଧୋକା ଦେବାନି କିମ୍ବା କାହାପ୍ରତି କପଟ ଆଚରଣ କରିବା ନାହିଁ । ଆଖପାଖର ସମସ୍ତେ ଅସ୍ୱଚ୍ଛ ହୋଇଗଲେ ବି ଆମେ ଆଦର୍ଶରୁ ବିଚ୍ୟୁତ ହେବାନାହିଁ । ଆମେ ଆମର ସମ୍ବନ୍ଧ ପ୍ରତି ନିଷ୍ଠାବାନ ଓ ସଚ୍ଚୋଟ ରହିବା । ଯାହାକୁ ଆମେ ଭଲପାଏ ତାକୁ ମିଛ କହିଲେ ସେ ଜାଣିପାରେ ଓ କଷ୍ଟପାଏ ସେଥିରେ । ଏହାଦ୍ୱାରା ଆମର ସମ୍ପର୍କ ଓ ଚରିତ୍ର ଉଭୟ ନଷ୍ଟ ହୁଏ । ତେଣୁ ଯେଉଁ ବିଚାର ହୃଦୟରେ ଅଛି ତାହା ବାକ୍ୟ ଓ କର୍ମରେ ପ୍ରକାଶିତ ହେବା ଉଚିତ୍ ।


ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ଆମେ ଅଳ୍ପ କିଛି ସମୟ ପାଇଁ ଅନ୍ୟକୁ ଧୋକା ଦେଇପାରିବା, ମାତ୍ର ଈଶ୍ୱରଙ୍କ ଦୃଷ୍ଟିକୁ ଧୋକା ଦେଇପାରିବା ନାହିଁ । ସବୁବେଳେ ସତ୍ୟର ହିଁ ବିଜୟ ହୁଏ । ଶାନ୍ତିର ମୂଳଦୁଆ ନମ୍ରତା । ନମ୍ରତାର ଅର୍ଥ ଆମ ମନରେ ଏହି ବିଚାର ଆସିବ – ଆମେ ସମସ୍ତେ ଗୋଟିଏ ସୃଷ୍ଟିର ଅଂଶ । କେବଳ ଈଶ୍ୱର ହିଁ ମହାନ । ଈଶ୍ୱରଙ୍କ ଆଗରେ ଆମେ ସାମାନ୍ୟ ବାଳକ । ତାଙ୍କ ବିନା ଆମର ଅସ୍ତିତ୍ୱ ନାହିଁ । ନମ୍ରତା ଦ୍ୱାରା ଅନ୍ୟର ବିଶେଷତ୍ୱର ସମ୍ମାନ କରିବା ଶିଖନ୍ତୁ ଏବଂ ନିଜ ପାଖରେ ଥିବା ଗୁଣ ନିମନ୍ତେ ଈଶ୍ୱରଙ୍କ ଠାରେ କୃତଜ୍ଞ ରୁହନ୍ତୁ । ନମ୍ରତାରେ ଆମେ ସେହି ଘୃଣା ଓ କଠୋରତାକୁ ଶେଷ କରିପାରିବା ଯାହାକି ଆଜି ବିଭିନ୍ନ ଧର୍ମ, ଜାତି, ଭାଷା ଓ ସମ୍ପ୍ରଦାୟ ମଧ୍ୟରେ ଖେଳିଯାଇଛି । ନମ୍ରତା ଆମ ସମସ୍ତଙ୍କୁ ଏକ କରିପାରିବ, ହିଂସା ଓ ଯୁଦ୍ଧକୁ ଶେଷ କରିପାରିବ । ଯେତେବେଳେ ଆମେ ଆମର ଆତ୍ମା ସହ ସଂଯୁକ୍ତ ହୁଏ, ସେତେବେଳେ ଈଶ୍ୱରଙ୍କ ସହ ମଧ୍ୟ ସଂଯୁକ୍ତ ହୁଏ । ଈଶ୍ୱରଙ୍କ ପାଖରେ ସବୁକିଛି ଅଛି ଏବଂ ସବୁକିଛି ପ୍ରଭୁଙ୍କର । ଏହି ଭାବନା ଆମ ମନରେ ଶାନ୍ତି ଦିଏ । ଯେତେବେଳେ ଆମେ ନିଜ ଆତ୍ମା ସହ ସଂଯୁକ୍ତ ହୁଏ ସେତେବେଳେ ପ୍ରେମ, ଶାନ୍ତି, ଆନନ୍ଦ ଓ ସନ୍ତୋଷ ନିଜ ଭିତରେ ପାଏ । ତେଣୁ ଆମର ସମସ୍ତେ ନିଜକୁ ସମ୍ପୂର୍ଣ୍ଣ କରିବାକୁ ଚେଷ୍ଟା କରିବା ଆବଶ୍ୟକ, ଏହାଦ୍ୱାରା ଆମେ ସାରା ଦୁନିଆକୁ ସମ୍ପୂର୍ଣ୍ଣ କରିପାରିବା । ସବୁଠାରୁ ବଡ଼ କଥା ଏହାଦ୍ୱାରା ଆମେ ଦୁନିଆକୁ ସୁସ୍ଥ ଓ ଶାନ୍ତିମୟ କରିପାରିବା ।

ଶାନ୍ତି ମାନେ ମନର ଗତିହୀନ ଅବସ୍ଥା ନୁହେଁ, ସୁକେନ୍ଦ୍ରିକ ଓ ସକ୍ରିୟ ଭାବେ ଚାଲିବା ଦ୍ୱାରା ମନର ଯେଉଁ ଅବସ୍ଥା ଆସେ ତାହା ହିଁ ଶାନ୍ତି। ସୁକେନ୍ଦ୍ରିକ କର୍ମ ମାଧ୍ୟମରେ ସାଫଲ୍ୟ ଆସିଲେ ହିଁ ଶାନ୍ତି ପ୍ରାପ୍ତି ହୁଏ। ଶାନ୍ତି ମାନେ ସାମ୍ୟହରା ଅବସ୍ଥା ନୁହେଁ, ନିନଡ ଅବସ୍ଥା ନୁହେଁ। ପରିବର୍ତ୍ତନ ମଧ୍ୟରେ ସମତା ହିଁ ଶାନ୍ତି। ଅତୁଟ ଭକ୍ତି ଓ ଅନୁରାଗ ଆମ୍ଭ ମାନଙ୍କୁ ଶାନ୍ତି ଆଣିଦେଇପାରେ। ସୁକେନ୍ଦ୍ରିକ ନ ହେଲେ ମନ ସ୍ୱତଃ ହିଁ ବିଚ୍ଛିନ୍ନ ହୁଏ ଓ ଭାଙ୍ଗିଯାଏ। ଶାନ୍ତିର ଏକମାତ୍ର ପଥ ହେଉଛି ପ୍ରବୃତ୍ତି-ଅଭିଭୂତିରୁ ମୁକ୍ତି ଓ ଇଷ୍ଟ ବା ଗୁରୁଙ୍କ ଠାରେ ଆତ୍ମ ସମର୍ପଣ। ପ୍ରବୃତ୍ତି ଅଭିଭୂତ ହେଲେ ସତ୍ତା ଜୀର୍ଣ୍ଣଶୀର୍ଣ୍ଣ ହୋଇଯାଏ। ଶାନ୍ତିର ପଥ ହେଲା ଇଷ୍ଟ ବା ସଦ୍‌ଗୁରୁଙ୍କ ଠାରେ ଅଚ୍ୟୁତ ନିଷ୍ଠା ଓ ଇଷ୍ଟସ୍ୱାର୍ଥପ୍ରତିଷ୍ଠାପନ୍ନ ହେବା। ଇଷ୍ଟ ହେଉଛନ୍ତି ଖୁଣ୍ଟି। ସତ୍ତା ସମ୍ବର୍ଦ୍ଧନା ସମ୍ବନ୍ଧୀୟ ଜ୍ଞାନ ଯିଏ ଆଚରଣ କରି ଜାଣିଛନ୍ତି ସେ ହିଁ ଇଷ୍ଟ। ଇଷ୍ଟଙ୍କ ଉପରେ ଅଚ୍ୟୁତ ଟାଣ ହିଁ ଶାନ୍ତିର ବଡ଼ଦାଣ୍ଡ। ଆମ୍ଭମାନଙ୍କ ଭିତରେ ସୁରତ ଅଛି, ସଂସକ୍ତିର ଆକୃତି ଅଛି, ଆସକ୍ତି ଅଛି ଓ ଏ ସବୁ ଇଷ୍ଟ ବା ଗୁରୁଙ୍କ ଠାରେ ଅଚ୍ୟୁତ ହେଲେ, ଇଷ୍ଟସ୍ୱାର୍ଥ ପ୍ରତିଷ୍ଠାର ଉପଚୟୀ ହେଲେ ଗୁରୁଙ୍କର ନୀତି ଗୁଡ଼ିକ ପ୍ରକାଶ ହୋଇଉଠେ ଚରିତ୍ରରେ। ସେତେବେଳେ ପ୍ରବୃତ୍ତି ଗୁଡ଼ିକ ସ୍ୱାଭାବିକ ଭାବରେ ନିୟନ୍ତ୍ରିତ ହୁଏ ଓ ଜ୍ଞାନ, ପ୍ରଜ୍ଞା ଓ ଚରିତ୍ରର ସମାହାରରେ ବ୍ୟକ୍ତିର ଆତ୍ମାଭିମୁଖୀ ପ୍ରକାଶ ଘଟେ। ସଙ୍ଗାତ୍ ସଞ୍ଜାୟତେ ଶ୍ରଦ୍ଧା, ଶ୍ରଦ୍ଧୟା ଦୃଷ୍ଟି ଶୁଦ୍ଧତା, ଦୃଷ୍ଟି ଶୁଦ୍ଧେର୍ହି ବିଶ୍ୱାସଃ, ବିଶ୍ୱାସାତ୍ ନିର୍ବିଚାରତା, ନିର୍ବିଚାରାତ୍ ଭବେତ୍ ପ୍ରେମ, ପ୍ରେମାଷ୍ଟାତ୍ମ ସମର୍ପଣଂ। ଶାନ୍ତିର ପଥ ହେଉଛି ଯୁଗାବତାର ପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ସ୍ୱହସ୍ତ ଲିଖିତ ପବିତ୍ର ସତ୍ୟାନୁସରଣ ପୁସ୍ତକର ଦେବବାଣୀ – ସଦ୍‌ଗୁରୁଙ୍କ ଶରଣାପନ୍ନ ହୁଅ, ସତ୍‌ନାମ ମନନ କର, ଓ ସତ୍‌ସଙ୍ଗର ଆଶ୍ରୟ ଗ୍ରହଣ କର, ମୁଁ ନିଶ୍ଚୟ କହୁଛି ତୁମକୁ ଆଉ ତୁମର ଶାନ୍ତି ଓ ଉନ୍ନୟନ ପାଇଁ ଭାବିବାକୁ ହେବନାହିଁ।' ଶ୍ରୀ ଶ୍ରୀ ଠାକୁର ବଜ୍ର ନିର୍ଘୋଷିତ କଣ୍ଠରେ ଆହ୍ୱାନ ଦେଲେ – ସଦ୍‌ଗୁରୁଙ୍କୁ ଧରିବାକୁ ପଡ଼ିବ, ନାମ କରିବାକୁ ପଡ଼ିବ, ସତ୍‌କର୍ମ କରିବାକୁ ପଡ଼ିବ। ଯେଭଳି ଶରୀର ପାଇଁ ଖାଦ୍ୟ ଆବଶ୍ୟକ ସେହିଭଳି ମନ-ପ୍ରାଣ ଓ ସୁରତକୁ ତା'ର ଉପଯୁକ୍ତ ଖାଦ୍ୟ ପ୍ରତିଦିନ ଦେବା ଆବଶ୍ୟକ। ଯଜନ, ଯାଜନ, ଇଷ୍ଟଭୃତି, ସ୍ୱସ୍ତ୍ୟୟନୀ ଓ ସଦାଚାର ହେଲା ମନ-ପ୍ରାଣ ଓ ସୁରତର ପ୍ରଧାନ ଖାଦ୍ୟ। ଗୁରୁ ହିଁ ପାଳନକର୍ତ୍ତା ଓ ରକ୍ଷାକର୍ତ୍ତା। ଗୁରୁମୟ ହେଲେ ହିଁ ଜୀବନ ଗୌରବମୟ ହୁଏ। ସମସ୍ତ ପ୍ରେରିତ ପୁରୁଷମାନେ ହିଁ ବୈଶିଷ୍ଟ୍ୟପାଳୀ ଆପୂରୟମାଣ। ଉତ୍ସମୁଖୀନତା ହିଁ ସେମାନଙ୍କର ଚରିତ୍ରଗତ ଲକ୍ଷଣ। ସେମାନେ ଅନନ୍ତ ଜ୍ଞାନ ଓ ଗୁଣର ଭଣ୍ଡାର ହେବା ସତ୍ତ୍ୱେ ମଧ୍ୟ କୌଣସି ହୀନମନ୍ୟ ଅହଙ୍କାରର ଅଧୀନ ହୁଅନ୍ତି ନାହିଁ। ତାଙ୍କ ସଂସ୍ପର୍ଶରେ ମନୁଷ୍ୟର ଆତ୍ମିକ ଚେତନା ସ୍ୱତଃ ହିଁ ଉଦ୍‌ବୋଧିତ ହୋଇଉଠେ। ସେମାନେ ନିଜେ ସମାହିତ ପ୍ରବୃତ୍ତିର ପୁରୁଷ ବୋଲି ଯେକୌଣସି ସମସ୍ୟାର ସମାଧାନର ପଥ ଦେଖାଇଥାନ୍ତି। ଇଷ୍ଟ ଗୁରୁ ଓ ପୁରୁଷୋତ୍ତମଙ୍କୁ ପ୍ରତ୍ୟାଶା ରହିତ ଭଲ ପାଇବା ମାଧ୍ୟମରେ ଶାନ୍ତି ଆସେ। ସେଥିପାଇଁ ଦ୍ୱାପର ଯୁଗରେ ପୁରୁଷୋତ୍ତମ ଭଗବାନ ଶ୍ରୀକୃଷ୍ଣ ଗୀତାରେ କହିଛନ୍ତି – ନାସ୍ତିବୁଦ୍ଧିରଯୁକ୍ତସ୍ୟ ନଚାଯୁକ୍ତସ୍ୟ ଭାବନା, ନ ଚାଭାବୟତଃ ଶାନ୍ତି ରଶାନ୍ତସ୍ୟ କୁତଃ ସୁଖଂ।

*ପ୍ରଫେସର, ହେପାଟୋଲୋଜି ବିଭାଗ,*
*କଟକ,*
*ଦୂରଭାଷ : ୯୪୩୭୦୫୧୯୫୭*




# ବାୟୋଫ୍ଲକ୍ ଖାଦ୍ୟ ଜରିଆରେ ସାମୁଦ୍ରିକ ଚିଙ୍ଗୁଡ଼ିର ପୋଷଣ ସନ୍ତୁଳିନ

ପ୍ରାଣୀମାନଙ୍କ ଦ୍ୱାରା ଗ୍ରହଣ କରାଯାଉଥିବା ନାଇଟ୍ରୋଜେନ ମୁଖ୍ୟତଃ ଅମିନୋ ଏସିଡ୍ ଦ୍ୱାରା ଗଠିତ ହୋଇଥାଏ ଯାହାକି ପ୍ରୋଟିନ୍ ଓ ବାୟୋମାସରସନ୍ତୁଳନରେ ସାହାଯ୍ୟ କରେ । ବୈଜ୍ଞାନିକ କାରଣ ଦର୍ଶାଇଛନ୍ତି ଯେ ବାୟୋଫ୍ଲକ ମୁଖ୍ୟତଃ ପ୍ରୋଟିନ୍, କାର୍ବୋହାଇଡ୍ରାଟେ ଏବଂ ଜୀବାଣୁରେ ଗଠିତ ହୋଇଥାଏ ଯାହାକି ଜଳଗୀବ ମାନଙ୍କର ଏକ ପ୍ରମୁଖ ଖାଦ୍ୟ । । ୟୋଫ୍ଲୋକରେ ମୁଖ୍ୟତଃ ଫ୍ୟାଟି ଏସିଡ୍ ଥାଏ ଯାହାକି ଚିଙ୍ଗୁଡ଼ି ମାନଙ୍କର ପୋଷକତ୍ତ୍ୱ ଗ୍ରହଣରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । ଚିଙ୍ଗୁଡ଼ିମାନଙ୍କର ଅନ୍ତର୍ଦେଶୀୟ ବିଭାଜନରେ ବାୟୋଫ୍ଲୋକ ପ୍ରଯୁକ୍ତି ବିଦ୍ୟା ମୁଖ୍ୟତଃ ନାଇଟ୍ରୋଜେନ ଓ ଫସଫରସ୍ ଯଥାକ୍ରମେ ୭୦ ଓ ୬୬ ଶତକଡ଼ା ବଢ଼ାଇ ଥାଏ । ଏ ଡି ସିର ପରିମାଣ କମିବା ସହିତ ପୋଷକତ୍ତ୍ୱ ମାନଙ୍କର ଆବଶ୍ୟକତା ମଧ୍ୟ କମିଥାଏ । ଏହା ପ୍ରଥମେ ବୈଜ୍ଞାନିକ ମାନଙ୍କ ଦ୍ୱାରା ଆବିଷ୍କାର କରାଯାଇଥିଲା । ଏଥିସହିତ ବାୟୋଫ୍ଲୋକ କାର୍ବନ ଓ ନାଇଟ୍ରୋଜେନର ସନ୍ତୁଳିତ ଆଧାରକୁ ପ୍ରାଧାନ୍ୟ ଦେଇଥାଏ । ବାୟୋଫ୍ଲୋକ ମୁଖ୍ୟତଃ ବିଭିନ୍ନ ଅମିନୋଆସିଡ୍ ଯେପରିକି ମ୍ୟୁରାମିକ ଏସିଡ୍ ଫାଇଟୋଷ୍ଟେରୋଲ ଆଦି ଧାରଣ କରିଥାଏ । ଏହି ସକ୍ରିୟ ଉପାଦାନ ଗୁଡ଼ିକ ଜଳଜୀବ ମାନଙ୍କର ବୃଦ୍ଧି ଘଟାଇଥାଏ । ଏଥି ସହିତ ଏହା ମଧ୍ୟ ସାମୁଦ୍ରିକ ଚିଙ୍ଗୁଡ଼ି ମାନଙ୍କର ଉତ୍ତମ ଗୁଣବତା ରକ୍ଷା କରେ । ଏହି ଉପାଦାନ ଗୁଡ଼ିକ ଉତ୍ତମ ପ୍ରକ୍ରିୟାରେ ସାହାଯ୍ୟ କରୁଥିବା ଏାଇମ୍ ଗୁଡ଼ିକୁ ସକ୍ରିୟ କରିବା ସହିତ କୋଷଗୁଡ଼ିକୁ ଜୀବାଣୁ ଆକ୍ରମଣରୁ ରକ୍ଷା କରିଥାଏ । ଏବର ସମୟରେ ସାମୁଦ୍ରିକ



ସାଧାରଣତଃ ସାମୁଦ୍ରିକ ଚିଙ୍ଗୁଡ଼ିର ବୃଦ୍ଧି ନିମନ୍ତେ ଅଧିକାଂଶ ଗବେଷଣା ଘରୋଇ ପଦ୍ଧତି ଜନ୍ମିତ ଅଂଶୁଜୀବାଣୁ ବ୍ୟବହାର କରି ହୋଇଥାଏ । ଯାହାହେଉ ଏଇ ଘରୋଇ ପର୍ଯ୍ୟବେଶିତ ପ୍ରଣାଳୀ ଅଣୁଜୀବାଣୁ ଏବଂ ଶୈବାଳ ମାନଙ୍କର ନିଃଶ୍ୱାସ ପ୍ରଶ୍ୱାସ ପାଇଁ ଅତିରିକ୍ତ ଅମ୍ଳଜାନ ଦରକାର ହୋଇଥାଏ । ଏତଦବ୍ୟତୀତ ସାମୁଦ୍ରିକ ଚିଙ୍ଗୁଡ଼ି ମଧ୍ୟ ଅଣୁଜୀବାଣୁ ଶୈବାଳ ମାନଙ୍କ ସହ ଆବଶ୍ୟକୀୟ ଅମ୍ଳଜାନ ଦରକାର । ଏଇ ପଦ୍ଧତି ସାଧାରଣତ ଉପାୟରେ ହେଉଥିବା ସାମୁଦ୍ରିକ ଚିଙ୍ଗୁଡ଼ି ଚାଷ ପ୍ରଣାଳୀ ଅପେକ୍ଷା ଅଧିକ ଅମ୍ଳଜାନ ଆବଶ୍ୟକ କରିଥାଏ। ଯାହା ଫଳରେ ଏହା ଅମ୍ଳଜାନ ଦ୍ରବିଭୂତ ପ୍ରଣାଳୀର ଖର୍ଚ୍ଚକୁ ଦୂରୀଭୂତ କରିଥାଏ । ଏହାପରେ ମଧ୍ୟ ବୟୋଫ୍ଲୋକ ପ୍ରଣାଳୀରେ ଉପଯୁକ୍ତ ଖାଦ୍ୟ ଉପଯୋଗ ଚାଷ ହେଉଥିବା ଜଳଗୀବମାନଙ୍କର ଚାରି ଖାଇବା ନୀତି ଉପରେ ନିର୍ଭରଶୀଳ ଥାଏ । ବର୍ତ୍ତମାନ ଯୁଗରେ ବୈଜ୍ଞାନିକ ମାନେ ବାୟୋଫ୍ଲୋକ କୌଶଳକୁ ଜଳଜୀବ ମାନଙ୍କର ପୋଷଣ ତତ୍ତ୍ୱରେ ଖାଦ୍ୟ ଶୃଙ୍ଖଳ ଭାବରେ ବ୍ୟବହାର କରୁଛନ୍ତି । ବର୍ତ୍ତମାନ ଦେଖାଯାଉଛି ଯେ ସାମୁଦ୍ରିକ ଚିଙ୍ଗୁଡ଼ି ଚାଷରେ ବ୍ୟବହୃତ ଖାଦ୍ୟରେ ଫିସ୍ ମିଲ ଏକ ମୁଖ୍ୟ ଉପାଦେୟର ଭୂମିକା ନେଉଛି । ଯେଉଁଥିପାଇଁ ବ୍ୟବହୃତ ମାଛ ଖାଦ୍ୟର ବଜାର ମୂଲ୍ୟ ଦିନକୁ ଦିନ ବଢ଼ିବାରେ ଲାଗିଛି । ଏଣୁ ଉପଯୁକ୍ତ ପ୍ରୋଟିନ୍ ପରିମାଣକୁ ବଢ଼ାଇ ରଖି ଏକ ବିକଳ୍ପ ପ୍ରୋଟିନ୍‌ର ଉତ୍ସ ଖୋଜି ପାଇବ । ଜଳଜୀବ ପାଳନ ଶିଳ୍ପ ଆଜି ଏକ ଚର୍ଚ୍ଚାର ମୁଖ୍ୟ କେନ୍ଦ୍ରବିନ୍ଦୁ । ଗବେଷଣାରୁ ଜଣା ପଡ଼ିଛି ସୋୟାବିନ୍ ଜାତୀୟ ପଦାର୍ଥ ଫିସ୍ ମିଲକୁ ପୁନଃ ସ୍ଥାପନ କରେ ଯାହାକି ପ୍ରୋଟିନ୍ ଓ ଖଣିଜ ଲବଣରେ ଭରପୁର ଅଟେ ଏବଂ ଚିଙ୍ଗୁଡ଼ି ମାନଙ୍କର ଏକ ପ୍ରମୁଖ ଖାଦ୍ୟ ଅଟେ ।



ବିଜ୍ଞାନ ମିହିର ରାଉତ



ଚିଙ୍ଗୁଡ଼ି ମାନଙ୍କର ଉତ୍ପାଦନ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଯାହା କେବଳ ବୟୋଫ୍ଲୋକ ପ୍ରଯୁକ୍ତିବିଦ୍ୟା ଦ୍ୱାରା ସମ୍ଭବ ହୋଇପାରିଛି ଏବଂ ସେ ଏହା ଦର୍ଶାଇଥିଲେ ଯେ ବାୟୋଫ୍ଲୋକ ୭୫ ରୁ ୮୦ ଶତକଡ଼ା ପ୍ରୋଟିନ୍ ଏବଂ ପୋଷାକତ୍ତ୍ୱ ଧାରଣ କରିଥାଏ । ଜଳଜୀବମାନଙ୍କ ଖାଦ୍ୟରେ ପ୍ରୋଟିନ୍‌ର ପରିମାଣ ମୁଖ୍ୟତଃ ଅମିନୋଆସିଡ୍‌ର ପରିମାଣ ଉପରେ ନିର୍ଭର କରିଥାଏ । ଏହି ବାୟୋଫ୍ଲୋକ ପ୍ରଯୁକ୍ତିବିଦ୍ୟା ଦେଖାଏ ଯେ ଜଳଜୀବ ବିଜ୍ଞାନ ଉତ୍ପାଦନ ବୃଦ୍ଧିହେବା ସହିତ ପରିବେଶ ଉପରେ ପଡୁଥିବା ଅନାବଶ୍ୟକ ବ୍ୟବସ୍ଥାର ହ୍ରାସ ଘଟେ । ବୟୋଫ୍ଲୋକରେ ଥିବା ପୋଷକତ୍ତ୍ୱ ମୁଖ୍ୟତଃ ଚିଙ୍ଗୁଡ଼ିମାନଙ୍କର ପ୍ରଧାନ ଖାଦ୍ୟ ଭାବେ ବ୍ୟବହୃତ ହୁଏ । ଏକ ପୋଷକତ୍ତ୍ୱ ସର୍ଭେରୁ ଜଣାପଡ଼ିଛି ଯେ ବାୟୋଫ୍ଲୋକରେ ୧୨୦ ଗ୍ରାମ/କେଜି ପ୍ରୋଟିନ୍ ଏବଂ ଫ୍ୟାଟିଆସିଡ୍ ୨୦ ଗ୍ରାମ/କେଜି ଥାଏ । ବୟୋଫ୍ଲୋକ ମୁଖ୍ୟତଃ ୨୯.୧% ନାଇଟ୍ରୋଜେନ ୩୯.୨% ଜୀବାଣୁ ଏବଂ ୮.୩% ଫାଇବର, ୪.୭% ଫାଟିଆସିଡ୍ ଧାରଣ କରିଥାଏ । ଜୀବାଣୁର ପରିମାଣ ଯେତେ ବୃଦ୍ଧି ପାଇଥାଏ ସାମୁଦ୍ରିକ ଚିଙ୍ଗୁଡ଼ିମାନଙ୍କର ବୃଦ୍ଧି ସେତେ ହୋଇଥାଏ । ୨୦ଟି ଆମିନୋଆସିଡ୍ ମଧ୍ୟରୁ ବାୟୋଫ୍ଲୋକ ମୁଖ୍ୟତଃ ୪ଟି ଫ୍ୟାଟିଆସିଡ୍‌କୁ ଗ୍ରହଣ କରିଥାଏ । ସେଗୁଡ଼ିକ ହେଉଛି ପଲମିଟିକ୍ ଏସିଡ୍, ଲିନୋଲେଇକ ଏସିଡ୍, ଓରେଇକ ଏସିଡ୍ ।

ମତ୍ସ୍ୟବିଜ୍ଞାନ,
ଏମ.ଏସ୍. ସ୍ୱାମୀନାଥନ କୃଷି ବିଶ୍ୱ ବିଦ୍ୟାଳୟ,
ପାରଳାଖେମୁଣ୍ଡି
ମୋ- ୭୯୭୮୧୯୬୮୩୪

## ହାଇଡ୍ରୋପନିକ୍ସ : ଅମଳ ଓ ଆତ୍ମନିର୍ଭରଶୀଳର ନୂଆ ସୋପାନ



ଆଜିକାଲିର ଯୁବଗୋଷ୍ଠୀ ଚାଷ କାର୍ଯ୍ୟ ପାଇଁ ବିମୁଖ। କିନ୍ତୁ ଯଦି କମ ସମୟରେ ଅଧିକ ଅମଳ କରିହେବାର କିଛି ଉପାୟ ଆସେ , ତେବେ ସେଥିପାଇଁ ସମସ୍ତେ ବ୍ୟଗ୍ର ହୋଇଉଠନ୍ତି। ଠିକ୍ ସେମିତି କୃଷି କ୍ଷେତ୍ରରେ ଏକ ଅଭିନବ ଉପାୟ ହାଇନ୍ରୋଫନିକ୍ସ। ବିନା ମାଟିରେ ଫସଲ ଉତ୍ପାଦନ କରିବାର ଏକ ନିଆରା ଉପାୟ। ପୋଷକତତ୍ତ୍ୱକୁ ସିଧାସଳଖ ଗଛରେ ପ୍ରୟୋଗ କରାଯାଏ। ଯାହା ଫଳରେ ଚେର ଆବଶ୍ୟକୀୟ ପୋଷକତତ୍ତ୍ୱକୁ ଗ୍ରହଣ କରିପାରେ। ଅଧିକାଂଶ ସ୍ଥାନରେ ଏହାକୁ ଯୁବବର୍ଗ ବି ଆ।ପଣେଇଲେର୍ଣ୍ଣ । ସେଂଚୁରିଆନ କୃଷି ବିଶ୍ୱବିଦ୍ୟାଳୟ ପାରଳାଖେମୁଣ୍ଡିରେ ଆରମ୍ଭ ହୋଇଛି ଏହି ହାଇଡ୍ରୋଫନିକ୍ସ ଫାର୍ମ। ପାଳଙ୍ଗ , ଟମାଟୋ, ବନ୍ଧାକୋବି ପରି ପରିବା ଉତ୍ପାଦନ କରି ଏହା ଏବେ ବେଶ ଚର୍ଚ୍ଚାରେ।



### ଚିନାବାଦାମ ଫସଲରେ ଗଳାପଚା ରୋଗ ବ୍ୟାପୁଥିଲେ ସମାଧାନ :

ବିହନ ଜମିରେ ବୁଣିବା ପୂର୍ବରୁ ବିହନକୁ କବକ ନାଶକ ୩ ଗ୍ରାମ ଥିରାମ କିମ୍ବା ୧.୫ ଗ୍ରାମ କାରବେଣ୍ଡଜୀମ ପ୍ରତି ଏକ କେ.ଜି ବିହନ ହିସାବରେ ମିଶାଇ ବିଶୋଧନ କରନ୍ତୁ ।

* ଜମିରେ ୧.୫ ଗ୍ରାମ କାରବେଣ୍ଡାଜୀମ କିମ୍ବା ୩.୫ ଗ୍ରାମ ମାନକୋଜଏ ପ୍ରତି ଲିଟର ପାଣିରେ ମିଶାଇ 'ସଲର ମୂଳ ଅଂଶରେ ଓ ମୂଳ ପାଖରେ ଥିବା ମାଟିରେ ସିଞ୍ଚନ କରନ୍ତୁ ।
* ଗଛ ଚାରା ଅବସ୍ଥାରେ ଥିବା ସମୟରେ ଜଳସେଚନ ନିୟନ୍ତ୍ରଣ କରନ୍ତୁ ।

### ଧାନରେ ମହିସା ରୋଗ ବ୍ୟାପୁଥିଲେ ସମାଧାନ

ଧାନ ବିହନକୁ ପ୍ରଥମେ ଥିରାମରେ ବୁଡ଼େଇ ରଖାଯିବା ଦରକାର ।
- ଅଧିକ ଯବକ୍ଷାରଜାନ ସାର ପ୍ରୟୋଗ କରିବା ବନ୍ଦ କରିବା ।
-ଏହି ରୋଗ ପ୍ରତିରୋଧ କ୍ଷମ କିସମ ବ୍ୟବହାର କରିବା ।
- କିଆରୀରେ ଥିବା ଅନାବନା ଘାସକୁ ଉପାଡ଼ିଦେବା ଆବଶ୍ୟକ ।

### ପଂଚଗବ୍ୟର ପ୍ରସ୍ତୁତି :

ଆବଶ୍ୟକ ସାମଗ୍ରୀ- ଗୋବର, ଗୋମୂତ୍ର, ଦୁଗ୍ଧ, ଦଧି, ଘିଅ, ଗୁଡ଼, ପଚିଲା କଦଳୀ, ନଡ଼ିଆପାଣି ଏବଂ ପାଣି ।

ପ୍ରଣାଳୀ :
୭ କି.ଗ୍ରା ଗୋବରରେ ୧ କି.ଗ୍ରା ଗାଈ ଘିଅକୁ ସକାଳ କିମ୍ବା ସନ୍ଧ୍ୟା ସମୟରେ ଭଲଭାବେ ମିଶାଯାଇ ତାହାକୁ ୩ ଦିନ ପର୍ଯ୍ୟନ୍ତ ରଖାଯାଏ । ରଖିବା ପାଇଁ ମାଟିପାତ୍ର କିମ୍ବା ଟିଣ ପାତ୍ର କିମ୍ବା ପ୍ଲାଷ୍ଟିକ ପାତ୍ର ମଧ୍ୟ ବ୍ୟବହାର କରାଯାଇ ପାରିବ । ୩ ଦିନ ପରେ ସେଥିରେ ୧୦ ଲିଟର ଗୋମୂତ୍ର ଓ ୧୦ ଲିଟର ପାଣି ମିଶାଇ ୧୫ ଦିନ ପର୍ଯ୍ୟନ୍ତ ରଖାଯାଇଥାଏ । ପ୍ରତିଦିନ ସକାଳେ ଏବଂ ସନ୍ଧ୍ୟାରେ ଏହାକୁ ଭଲଭାବରେ ଘାଣ୍ଟି ଦିଆଯାଏ । ୧୫ ଦିନ ପରେ ଏଥିରେ ଗୋ-ଦୁଗ୍ଧ ୩ ଲିଟର, ଦଧି ୩ ଲିଟର, ନଡ଼ିଆ ପାଣି ୩ ଲିଟର ଓ ଗୁଡ଼ ୩ କେ.ଜି. ଏବଂ ପଚିଲା କଦଳୀ ୧୨ଟି ଭଲଭାବରେ ମିଶାଯାଇ ୩୦ ଦିନ ପର୍ଯ୍ୟନ୍ତ ରଖାଯାଏ । ୩୦ ଦିନ ପର୍ଯ୍ୟନ୍ତ ପ୍ରତିଦିନ ସକାଳେ ଓ ସନ୍ଧ୍ୟାରେ ଏହାକୁ ଭଲ ଭାବରେ ଘାଣ୍ଟି ଦିଆଯାଇଥାଏ । ପଞ୍ଚଗବ୍ୟ ପ୍ରସ୍ତୁତି ପାଇଁ କେବଳ ଗୋଜାତ ଦ୍ରବ୍ୟ ହିଁ ବ୍ୟବହୃତ ହୋଇଥାଏ । ଜର୍ସି ଗାଈ ଅପେକ୍ଷା ଦେଶୀଗାଈର ଜାତ ପଦାର୍ଥ ବ୍ୟବହାର କରାଗଲେ ଅଧିକ ସୁଫଳ ମିଳିଥାଏ ।

## ଡାଲିଜାତୀୟ ଫସଲର ମୁଖ୍ୟ ରୋଗ ଓ ତାର ପ୍ରତିକାର

ଅଭିନନ୍ଦିତା ସାହୁ

ଓଡ଼ିଶାର ଚାଷ କରାଯାଉଥିବା ମୁଖ୍ୟ ଡାଲି ଜାତୀୟ ଫସଲ ମାନଙ୍କ ମଧ୍ୟରେ ହରଡ଼, ମୁଗ, ବିରି, ବୁଟ, ମଟର, କୋଳଥ, ମସୁର ଅନ୍ୟତମ ।

ଡାଲି ଜାତୀୟ ଫସଲରେ ହେଉଥିବା ମୁଖ୍ୟ ରୋଗ ମାନଙ୍କ ମଧ୍ୟରେ ଝାଉଁଳା ରୋଗ, ପାଉଁଶିଆ ରୋଗ, କଳଙ୍କି ରୋଗ, ସାହେବୀ ରୋଗ ଆଦି ଅନ୍ୟତମ ।

**ଝାଉଁଳା ରୋଗ :**

ଏହା ଏକ କବକ ଜନିତ ରୋଗ । ଏହା ହରଡ଼ ଓ ବୁଟ ଫସଲର ମୁଖ୍ୟ ରୋଗ ଅଟେ । ଏହି ରୋଗର ପ୍ରଥମ ଅବସ୍ଥାରେ ଗଛରୁ ପତ୍ର ଗୁଡ଼ିକ ହଳଦିଆ ପଡ଼ିବା ଆରମ୍ଭ କରେ ଏବଂ ଶେଷରେ ସମ୍ପୂର୍ଣ୍ଣ ଝାଉଁଳି ପଡ଼ି ମରିଯାଏ । ଆକ୍ରାନ୍ତ ଗଛର କାଣ୍ଡକୁ କାଟି ଦେଖିଲେ କାଣ୍ଡର ଭିତର ଅଂଶରେ କଳା ଗାର ଗାର ଦାଗ ଦେଖାଯାଏ ।

ପ୍ରତିକାର :
- ହରଡ଼ ଫସଲର ଝାଉଁଳା ରୋଗରୁ ରକ୍ଷା ପାଇବା ପାଇଁ ସୋରଗମ୍ ସହ ମିଶ୍ରିତ ଚାଷ କରନ୍ତୁ ।
- ଖରାଟିଆ ଗଭୀର ଚାଷ କରନ୍ତୁ ।
- ରୋଗ ପୋକ ନିରୋଧକ ଓ ସହନଶୀଳ ବିହନ କର୍ବାଚନ କରନ୍ତୁ ।
- ବିହନ ବୁଣିବା ପୂର୍ବରୁ ବିହନକୁ କୀଟନାଶକ କାର୍ବେଣ୍ଡାଜିମ୍ କିମ୍ବା ଥିରାମ ୩ ଗ୍ରାମ ପ୍ରତି ଏକ କେ.ଜି ବିହନ ହିସାବରେ ମିଶାଇ ବିଶୋଧନ କରନ୍ତୁ । କିମ୍ବା ଜୈବ ବିଶୋଧକ ଟ୍ରାଇକୋଡ଼ର୍ମା ୪ ଗ୍ରାମ ପ୍ରତି କେ.ଜି ବିହନ ହିସାବରେ ମିଶାଇ ବିଶୋଧନ କରନ୍ତୁ ।
- ଜମିରେ ରୋଗ ଦମନ ନିମନ୍ତେ ଏକର ପ୍ରତି ୩୦୦ ଗ୍ରାମ କାର୍ବେଣ୍ଡାଜିମ ୨୦୦ ଲିଟର ପାଣିରେ ମିଶାଇ ଗଛ ମୂଳରେ ସିଂଚନ କରନ୍ତୁ ।





**ପାଉଁଶିଆ ରୋଗ :**

ଏହା ଏକ କବକ ଜନିତ ରୋଗ । ଏହା ମୁଗ ଓ ବିରି ଫସଲର ଏକ ମୁଖ୍ୟ ରୋଗ । ଏହି ରୋଗର ପତ୍ର ଉପରେ ଧଳା ପାଉଁଶ ରଙ୍ଗର କବକ ମାଡ଼ିଯାଏ । ଫଳରେ ପତ୍ର ଶୁଖିଯାଏ ।

**ପ୍ରତିକାର :**
- ସହନଶୀଳ ବିହନ ବ୍ୟବହାର କରନ୍ତୁ ।
- ଏକ ଏକର ପ୍ରତି ୧ କିଗ୍ରା ସଲଫର କିମ୍ବା ୩୦୦ ଗ୍ରମେ କାର୍ବେଣ୍ଡାଜିମ୍ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

ସହପ୍ରାଧ୍ୟାପିକା, ଏମ୍.ଏସ୍ ସ୍ୱାମୀନାଥନ କୃଷି ବିଶ୍ୱବିଦ୍ୟାଳୟ, ପାରଳାଖେମୁଣ୍ଡି
ମୋ-୭୮୯୪୯୧୧୮୩୦



# ମୋ ସହର



## ବାହାର ଅ ଳର ଟ୍ରକ ଚଳାଚଳକୁ ନେଇ ଦୁଇସଂଘ ଧାରଣାରେ ମାଟୋଆ ସଂଘ ଧାରଣା ପରେ ଜେଟିଏ ସଂଘର ଧାରଣା ଆରମ୍ଭ



ଯୋଡ଼ା (ପିଏନ)- ଯୋଡା ଖଣିମଣ୍ଡଳ ଅଧୀନ ହେଁସାବେଡା ସ୍ଥିତ ଜୋରିବାହାଲ ଲୌହ ଖଣିରେ ଖଣିଜ ପରିବହନରେ ଡମ୍ପର ପରିବର୍ତ୍ତେ ବାହାର ଟ୍ରକକୁ ନିୟୋଜିତ କରିବାରୁ ଅ ଳରେ ଆନ୍ଦୋଳନାତ୍ମକ ପରିସ୍ଥିତି ସୃଷ୍ଟି ହେଲାଣି। ଯୋଡା ମାଇନିଂ ଏରିଆ ଟ୍ରକ ମାଲିକ ସଂଘ (ମାଟୋଆ)ର ଧାରଣା ୭ମ ଦିନରେ ପହ ୍ଥିବା ବେଳେ ରବିବାର ଦିନ ଠାରୁ ଜୁରୁଡି ଟ୍ରକ ଆସୋସିଏସନ (ଜେଟିଏ) ଧାରଣା ଦେଇଥିବା ଜଣାଯାଇଛି। ପ୍ରେସ ବିବୃ ି ମାଧ୍ୟମରେ ଜେଟିଏ ପକ୍ଷରୁ କୁହାଯାଇଛି ଯେ କାସଭି ଇ ରନେସନାଲ ଜୋରିବାହାଲ ଲୌହଖଣି ସ୍ଥାନୀୟ ଟ୍ରକକୁ କାମନଦେବା ଓ ପରିବହନର ମୂଲ୍ୟ ମନଇଚ୍ଛା ଦେବାରୁ ଏହାର ପ୍ରତିବାଦ କରି ଜୁରୁଡି ଟ୍ରକ ଆସୋସିଏସନ ଜରିବାହାଲ ଠାରେ ଧାରଣା ଦେଇଛି। ଏସମ୍ପର୍କରେ କାସଭି ଖଣିକୁ ଚିଠି ଦେଇ ଦାବି ସମ୍ପର୍କରେ ଜଣାଇଦେଇଛି। ଜୁରୁଡି ଟ୍ରକ ଆସୋସିଏସନର ସମ୍ପାଦକ ମହେନ୍ଦ୍ର ମହାନ୍ତି ଓ ବରିଷ୍ଠ ସଦସ୍ୟ ପ୍ରଭୁରଞ୍ଜନ ଶତପଥି କହିଛନ୍ତି ଯେ ମନମୁଖୀ କାର୍ଯ୍ୟକୁ ବନ୍ଦ ନକଲା ପର୍ଯ୍ୟନ୍ତ ଏବଂ ବାହାର ଅ ଳର ଗାଡିର ପରିବହନକୁ ବନ୍ଦ ନକଲା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଏହି ଧାରଣା ଜାରି ରହିବ ସୂଚନା ଦେଇଛନ୍ତି । ଯୋଡା,ଜୁରୁଡି ଏବଂ ଏହାର ଆଖପାଖ ଅ ଳରେ ଥିବା ହଜାର ହଜାର ଟ୍ରକ ମାଲିକ ଖଣି କମ୍ପାନୀର ଏହି ମନମୁଖୀ କାର୍ଯ୍ୟ ପାଇଁ ରଣଗ୍ରସ୍ତ ହୋଇ କ୍ଷତି ସହୁଛନ୍ତି ବୋଲି ସମ୍ପାଦକ ମହାନ୍ତି ପ୍ରକାଶ କରିଛନ୍ତି। ତେଣେ ପ୍ରଶାସନର ୨ଗୋଟି ସମସାମହୀକ ଧାରଣା ମୁଣ୍ଡବଥାର କାରଣ ପାଲଟିଛି। କିଛି ଟ୍ରକ ମାଲିକ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ ଗ୍ରେଡ ହେରଫେର କରି ଖଣିଜ ପରିବହନ ହେବାର ସମ୍ଭାବନା ଥିବାରୁ ସ୍ଥାନୀୟ ଟ୍ରକ ଗୁଡିକୁ ଖଣି କ ୍ପକ୍ଷ ନିୟୋଜିତ କରୁନାହିଁ। ଏନେଇ କାସଭି ଖଣିର ବରିଷ୍ଠ ଅଧିକାରୀ ଖଣିରେ କୌଣସି ଅନିୟମିତତା ନଥିବା କଥା କହି ପ୍ରକାଶ କରିଛନ୍ତି ଯେ ଦିନେ ଦୁଇଦିନ ମଧ୍ୟରେ ଦୁଇଟି ସଂଘ ସହ ଆଲୋଚନା କରାଯାଇ ଏହାର ସମାଧାନ କରାଯିବ। ସ୍ଥାନୀୟ ଟ୍ରକ ମାଲିକଙ୍କୁ ଉପେକ୍ଷା କରାନଯାଇ ସେମାନଙ୍କ ସମସ୍ତ ସ୍ୱାର୍ଥକୁ ଦୃଷ୍ଟିରେ ରଖି ନିଷ୍ପ ି ନିଆଯିବ।

## ଜଗନ୍ନାଥ ମନ୍ଦିର ଦାନ ହୁଣ୍ଡି ତାଡି ଲୁଟ

ଯୋଡ଼ା (ପିଏନ)- କେନ୍ଦୁଝର ଜିଲ୍ଲା ଯୋଡ଼ା ଥାନା ଅନ୍ତର୍ଗତ ଟାଉନସିପ ସ୍ଥିତ , ଶ୍ରୀ ଜଗନ୍ନାଥ ମନ୍ଦିର ହୁଣ୍ଡି ତାଡି ଲୁଟ ହୋଇଥିବା ଅଭିଯୋଗ ହୋଇଛି। ସୂଚନାରୁ ପ୍ରକାଶ ଗତକାଲି ଶନିବାର ସଂନ୍ଧ୍ୟାରେ ମନ୍ଦିର ପୂଜା କର୍ମ ସାରି ମନ୍ଦିର ଗ୍ରୀଲ କବାଟ ତାଲା ମାରି ଯାଇଥିଲେ। ତେବେ ଆଜି ରବିବାର ଭୋର ସମୟରେ ମଂଗଳ ଆଳତୀ ନୀତି କରିବାକୁ ଆସି ପୂଜକ ମନ୍ଦିର ଖୋଲିବା ସମୟରେ ମନ୍ଦିରରେ ଥିବା ଛୋଟ ଗେଟ ତାଲା ଭାଙ୍ଗି ଦୃବୃ ୍ ଭିତରେ ପଶିବା ପରେ ଦାନ ହୁଣ୍ଡିରେ ଲାଗିଥିବା ତାଲାକୁ ତାଡି ଲୁଟ କରି ଫେରାର ହୋଇଥିବା ଜାଣିବାକୁ ପାଇଥିଲେ । ତେବେ କିଛି ଖୁଚୁରେ ଟଙ୍କା ପଇସାକୁ ହୁଣ୍ଡିରେ ଛାଡି ଦେଇଥିବା ଦେଖିବାକୁ ମିଳିଥିଲା। ଏନେଇ ପୂଜକ ପକ୍ଷରୁ ମନ୍ଦିର ପରିଚାଳନା କମିଟିକୁ ସୂଚନା ଦେଇଥିଲେ। କୋଭିଡ କଟକଣା ଯୋଗୁଁ ମନ୍ଦିରେ ଭକ୍ତଙ୍କ ସମାଗମ ନଥିବା କାରଣରୁ ଦାନ ହୁଣ୍ଡିରୁ ପାଖାପାଖି ୮ରୁ ୧୦ ହଜାର ଟଙ୍କା ଲୁଟ ହୋଇଥିବା ମନ୍ଦିର କମିଟି ପରିଚାଳନା ବିଦ୍ୟାଧର ସାହୁ ସୂଚନା ଦେଇଛନ୍ତି। ତେବେ ଯୋଡା ଅ ଳରେ ଚୋର ଓ ଲୁଟେରା ମାନଙ୍କର ପ୍ରାର୍ଦୁଭାବ ବୃଦ୍ଧି ପାଉଥିବା ବେଳେ ଜଗନ୍ନାଥ ମନ୍ଦିର ହୁଣ୍ଡି ତାଡି ଲୁଟ୍ ଘଟଣା, ଭକ୍ତଙ୍କ ମଧ୍ୟରେ ତଥା ଜନସାଧାରଣରେ ତୀବ୍ର ଅସନ୍ତୋଷ ପକାଶ ପାଇଛି।



## ସାହାରା ଇଣ୍ଡିଆ ପରିବାର ପକ୍ଷରୁ ଗତ ୭୫ ଦିନରେ ନିବେଶକଙ୍କ ୩୨୨୬ କୋଟି ଟଙ୍କା ପଇଠ

ଭୁବନେଶ୍ୱର: ସାହାରା ଇଣ୍ଡିଆ ପରିବାର ପକ୍ଷରୁ ଆଜି ମିଡିଆରେ ଜାରି କରାଯାଇଥିବା ଏକ ବିବୃତି ଅନୁସାରେ, ଗତ ଦୁଇରୁ ଅଢେଇ ମାସ ମଧ୍ୟରେ ଏହି ଗ୍ରୁପ୍ ପକ୍ଷରୁ ଏହାର ୧୦,୧୭,୧୯୪ ଜଣ ସଦସ୍ୟଙ୍କୁ ମୋଟ ୩୨୨୬.୦୩ କୋଟି ଟଙ୍କା ପଇଠ କରାଯାଇଛି। ଏହି ଅବଧିରେ ପଇଠ କରାଯାଇଥିବା ମୋଟ ରାଶି ମଧ୍ୟରୁ ୨.୧୮% ରାଶି ବିଳମ୍ବିତ ଦେୟ ଅଭିଯୋଗକାରୀଙ୍କୁ ପଇଠ କରାଯାଇଥିଲା। ସମୁଦାୟ ବିଳମ୍ବିତ-ଦେୟ ଅଭିଯୋଗକାରୀ ବା ଡିଲେଡ୍-ପେମେଂଟ୍ସ କମ୍ପ୍ଲେନାଂଟ୍ସ ସଂଖ୍ୟା ମୋଟ ନିବେଶକଙ୍କର ୦.୦୭% ରହିଛି। ସାହାରା ନିକଟରେ ଦେଶବ୍ୟାପର ୮ କୋଟି ନିବେଶକ ରହିଛନ୍ତି। ସାହାରା ଗତ ୧୦ ବର୍ଷ ମଧ୍ୟରେ ଏହାର ୫,୭୬,୭୭,୩୩୯ ଜଣ ନିବେଶକଙ୍କୁ ମୋଟ ୧,୪୦,୧୫୭.୫୧ କୋଟି ଟଙ୍କା ପଇଠ କରିଛି। ଏହାମଧ୍ୟରୁ କେବଳ ୪୦% ମାମଲା ପୁନଃନିବେଶର ହୋଇଥିବା ବେଳେ ଅବବଶିଷ୍ଟଗୁଡିକୁ ନଗଦ ଅର୍ଥ ପଇଠ କରାଯାଇଛି। ଗ୍ରୁପ୍ ପକ୍ଷରୁ ପେମେଂଟ୍ରେ ବିଳମ୍ବ ହୋଇଥିବା ସ୍ୱୀକାର କରାଯାଇଛି , ଯାହାକି ମୁଖ୍ୟତଃ ସୁପ୍ରିମକୋର୍ଟଙ୍କ ଦ୍ୱାରା ଗତ ୮ ବର୍ଷ ହେବ ଲାଗୁ କରାଯାଇଥିବା ପ୍ରତିବନ୍ଧକ ଯୋଗୁଁ ଘଟିଥିଲା। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ, ଯଦି କୌଣସି ଅର୍ଥ ଗ୍ରୁପ୍ (କୋ-ଅପରେଟିଭ୍‌ଗୁଡିକ ସମେତ)ର ସମ୍ପତିକୁ ବିକ୍ରି କରି କିମ୍ବା ବନ୍ଧକ ରଖି କିମ୍ବା ମିଳିତ ଉଦ୍ୟୋଗରୁ ହାସଲ କରାଯାଉଛି ତେବେ ତାହାକୁ ସାହାରା-ସେବି ଆକାଉଂଟ୍‌ରେ ଜମା କରିବାକୁ ପଡୁଛି। ସାହାରା ଅଧିକାରୀ କହିଛନ୍ତି, ସାଂଗଠନିକ କାର୍ଯ୍ୟ ପାଇଁ କିମ୍ବା ନିବେଶକଙ୍କୁ ରିପେମେଂଟ୍ ପାଇଁ ଆମେ ଗୋଟିଏ ଟଙ୍କା ମଧ୍ୟ ବ୍ୟବହାର କରିପାରିବୁ ନାହିଁ। ଅନ୍ୟପକ୍ଷରେ ସାହାରା ବର୍ତମାନ ସୁଦ୍ଧା ସାହାରା-ସେବି ଖାତାରେ ସୁଧ ସମେତ ପ୍ରାୟ ୨୨,୦୦୦ କୋଟି ଟଙ୍କା ଜମା କରିସାରିଛି। ଅନ୍ୟପକ୍ଷରେ ଦେଶବ୍ୟାପୀ ଗତ ୮ ବର୍ଷ ମଧ୍ୟରେ ସେବି ଦ୍ୱାରା ୧୫୪ଟି ଖବରକାଗଜରେ ୪ଟି ପର୍ଯ୍ୟାୟର ବିଜ୍ଞାପନ ଦେଇଥିବା ବେଳେ ନିବେଶକଙ୍କୁ ମାତ୍ର ୧୦୬.୧୦ କୋଟି ଟଙ୍କା ପରିଶୋଧ କରିଛି। ପ୍ରାୟ ଏକ ବର୍ଷ ତଳେ ପ୍ରକାଶିତ ଏହାର ଶେଷ ବିଜ୍ଞାପନରେ ସେବି ସ୍ପଷ୍ଟ କରିଥିଲା ଯେ, ଏହା ଅନ୍ୟ କୌଣସି ପ୍ରକାରର ଦାବିକୁ ଗ୍ରହଣ କରିବ ନାହିଁ। ଏହାର ଅର୍ଥ ହେଉଛି ସେବି ପାଇଁ ଆଉ କୌଣସି ଦାବିଦାର ଦାହାନ୍ତି। ସେବି ଅନ୍ୟ କୌଣସି ଦାବି ଗ୍ରହଣ ନକରିବାର ଏକମାତ୍ର କାରଣ ହେଉଛି ସାହାରା ଗ୍ରୁପ୍ ସମସ୍ତ ନିବେଶକଙ୍କ ଅର୍ଥ ପରିଶୋଧ କରିସାରିଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ, ଏହି ୨୨,୦୦୦ କୋଟି ଟଙ୍କା ଉପଯୁକ୍ତ ଯାଂଚ ପରେ ପୁଣିଥରେ ସାହାରା ନିକଟକୁ ଫେରିବ। ସେହିପରି ସାହାରାର ପ୍ରବକ୍ତା ସ୍ପଷ୍ଟ କରିଛନ୍ତି ଯେ, କିଛି ମିଡିଆ ରିପୋର୍ଟ ସାହାରା ଚିଟ୍ ଫଣ୍ଡ ବ୍ୟବସାୟରେ ଅଛି ବୋଲି ଧାରଣା ସୃଷ୍ଟି କରୁଛନ୍ତି , ଯାହାକି ସମ୍ପୂର୍ଣ୍ଣ ରୂପେ ମିଥ୍ୟା ଓ ଭ୍ରମାତ୍ମକ ସୂଚନା। ସାହାରା ଅତୀତରେ କିମ୍ବା ବର୍ତମାନ କୌଣସି ପ୍ରକାରର ଚିଟ୍ ଫଣ୍ଡ ବ୍ୟବସାୟରେ ନାହିଁ। ସାହାରା ଇଣ୍ଡିଆ ପରିବାରର ସୂଚନା ଅନୁଯାୟୀ, ଗ୍ରୁପ୍ ଏହାର ସମସ୍ତ ଜମାକାରୀଙ୍କୁ ଦେୟ ପ୍ରଦାନ କରିଛି। ଗତ ୪୨ ବର୍ଷ ହେବ ଏହା ନିଜର ସଦସ୍ୟମାନଙ୍କୁ ସେବା ପ୍ରଦାନ କରୁଛି ଏବଂ ଆଗକୁ ଏହା ଜାରି ରଖିବ। ସମସ୍ତ ଆଇନ୍‌ଗତ ପ୍ରକ୍ରିୟାର ଅନୁସରଣ କରାଯାଇ ସଦସ୍ୟମାନଙ୍କଠାରୁ ଅର୍ଥ ସଂଗ୍ରହ କରାଯାଇଥିଲା। ତେବେ ଆମେ ବିଳମ୍ବିତ ଅବଧି ପାଇଁ ସୁଧ ମଧ୍ୟ ପ୍ରଦାନ କରୁଛି। ଏସମ୍ପର୍କରେ ଆମର ନିବେଶକମାନଙ୍କୁ ଖବରକାଗଜ ବିଜ୍ଞାପନ ମାଧ୍ୟମରେ ଅବଗତ କରାଯାଇଛି।

## ପଞ୍ଚାମୁଣ୍ଡାଇ ଡିଗ୍ରୀ ମହିଳା ମହାବିଦ୍ୟାଳୟର ଦୁର୍ନୀତି: ବେଆଇନ ନିଯୁକ୍ତି ଅଭିଯୋଗର ତଦନ୍ତ ଆରମ୍ଭ କଲେ ଲୋକାୟୁକ୍ତ ନିର୍ଦ୍ଦେଶାଳୟର ୨ଜଣିଆ ଟିମ



କେନ୍ଦ୍ରାପଡା, (ପିଏନ)- ବହୁ ଚର୍ଚ୍ଚିତ ପଞ୍ଚାମୁଣ୍ଡାଇ ଡିଗ୍ରୀ ମହିଳା ମହାବିଦ୍ୟାଳୟରେ ବେଆଇନ ନିଯୁକ୍ତି ଓ ଆର୍ଥିକ ଦୁର୍ନିତୀ ଅଭିଯୋଗର ତଦନ୍ତ କରିବାକୁ ସୋମବାର ମହାବିଦ୍ୟାଳୟରେ ପହଁଚି ତଦନ୍ତ ଆରମ୍ଭ କରିଛନ୍ତି ଓଡିଶା ଲୋକାୟୁକ୍ତ ନିର୍ଦ୍ଦେଶାଳୟର ଏକ ୨ଜଣିଆ ଟିମ। ମହାବିଦ୍ୟାଳୟରେ ବେଆଇନ ଭାବରେ ଆବଶ୍ୟକତା ଠାରୁ ଅଧିକ ସଂଖ୍ୟକ ଷ୍ଟାଫଙ୍କୁ ନିଯୁକ୍ତି ପ୍ରଦାନ ଓ ସେମାନଙ୍କ ମଧ୍ୟରୁ କେତେକ ଷ୍ଟାଫଙ୍କ ନିଯୁକ୍ତି ତାରିଖକୁ ବାରମ୍ବାର ବଦଳା ଯିବା ଏବଂ ଆର୍ଥିକ ଅନିୟମିତତା ଓ କଲେଜ ଜିମିକିଣା ଦୁର୍ନିତୀ ଅଭିଯୋଗର ତଦନ୍ତ କରିବାକୁ ଓଡିଶା ଲୋକାୟୁକ୍ତଙ୍କ କାର୍ଯ୍ୟାଳୟର ନିର୍ଦ୍ଦେଶକ ଓ ଅନ୍ୟ ଜଣେ ଅଧିକାରୀ ପଞ୍ଚାମୁଣ୍ଡାଇ ଡିଗ୍ରୀ ମହିଳା ମହାବିଦ୍ୟାଳୟରେ ପହଁଚି ତଦନ୍ତ ଆରମ୍ଭ କରିଥିବା ପଞ୍ଚାମୁଣ୍ଡାଇ +୨ କନିଷ୍ଠ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଅଜୟ କୁମାର ନାୟକ ସୂଚନା ଦେଇଛନ୍ତି । ଅଭିଯୋଗକାରୀ ପ୍ରତାପ ମହାନ୍ତି ଓ ରାଧାକାନ୍ତ ମହାନ୍ତି ଓଡିଶା ଲୋକାୟୁକ୍ତଙ୍କ ନିକଟରେ କରିଥିବା ଅଭିଯୋଗ ଅନୁଯାଇ ପଞ୍ଚାମୁଣ୍ଡାଇ ମହିଳା ମହାବିଦ୍ୟାଳୟର ତତକାଳିନ ଅଧ୍ୟକ୍ଷ ବିପିନ ବିହାରୀ ବାରିକ କେତେକ ଅଧ୍ୟାପକ,ଅଧ୍ୟାପିକା ଓ ଅଣଶିକ୍ଷକ କର୍ମଚାରୀମାନଙ୍କୁ ବେଆଇନ ନିଯୁକ୍ତି ପ୍ରଦାନ କରିବା ସହ ସେମାନଙ୍କ ନିଯୁକ୍ତି ତାରିଖକୁ ବାରମ୍ବାର ବଦଳାଯାଇଥିବା,କେତେକଙ୍କ ଆବଶ୍ୟକ ଶିକ୍ଷାଗତ ଯୋଗ୍ୟତା ନଥାଇ ସେମାନଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଥିବା,କେତେକଙ୍କୁ ୨ରୁ ୪ଥର ପର୍ଯ୍ୟନ୍ତ ନିଯୁକ୍ତି ପ୍ରଦାନ କରାଯାଇଥିବା,ଆବଶ୍ୟକତା ଠାରୁ ବହୁ ଅଧିକ ସଂଖ୍ୟାରେ ବିଭିନ୍ନ ପଦବୀରେ ବେଆଇନ ଭାବେ ନିଯୁକ୍ତି ପ୍ରଦାନ କରିଥିବା,ନିଯୁକ୍ତିରେ ଜାଲିଆତି କରିବା,ଆର୍ଥିକ ଅନିୟମିତତା କରିଥିବା ଓ ଶ୍ରୀ ବାରିକ ତୁଳସୀ ମହିଳା ମହାବିଦ୍ୟାଳୟରେ ଅଧ୍ୟାପକ ଭାବେ କାର୍ଯ୍ୟ କରିବା ସମୟରେ ବହୁ ଅନୀୟମିତତା ଓ ଅର୍ଥ ତୋଷରପାତରେ ଜଡିତ ଥିବା ସମ୍ପର୍କରେ ୨ଅଭିଯୋଗକାରୀ ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ କରିଥିଲେ। ଏଥିସହିତ ତୁଳସୀ ମହିଳା ମହାବିଦ୍ୟାଳୟରୁ ବଦଳି ହୋଇ ପଞ୍ଚାମୁଣ୍ଡାଇ ମହିଳା କଲେଜକୁ ଯିବା ପରେ ତାଙ୍କର ସର୍ଭିସବୁକ ତୁଳସୀ ମହିଳା କଲେଜରୁ ପଞ୍ଚାମୁଣ୍ଡାଇ ମହିଳା କଲେଜକୁ ପଠାଯାଇନଥିଲେ ମଧ୍ୟ ନିଜ ସର୍ଭିସବୁକକୁ ଜାଲିଆତି କରି ବିଭିନ୍ନ ସମୟରେ ଇନକ୍ରୀମେଂଟ ପ୍ରଭୃତି ସରକାରୀ ଅର୍ଥ ତୋଷରପାତ କରିଥିବା ମଧ୍ୟ ଅଭିଯୋଗ ହୋଇଛି। ଅଭିଯୋଗ ଗୁଡିକର ତଦନ୍ତ ପୂର୍ବକ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଭିଯୋଗକାରୀ ଦ୍ୱୟ ଲୋକାୟୁକ୍ତଙ୍କ ନିକଟରେ ପ୍ରାର୍ଥନା କରିଥିଲେ । ସେହି ଅଭିଯୋଗ ଅନୁଯାଇ ଲୋକାୟୁକ୍ତଙ୍କ କାଯ୍ୟାଳୟରୁ ଆଜି ଏକ ୨ଜଣିଆ ଟିମ କଲେଜରେ ପହଁଚି ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି। ଲୋକାୟୁକ୍ତଙ୍କ ନୋଟିସ ଅନୁଯାଇ ଉଭୟ ଅଭିଯୋଗକାରୀ ତଦନ୍ତ ସମୟରେ କଲେଜରେ ଉପସ୍ଥିତ ଥିଲେ।

## ଫ୍ୟୁଚର ଜେନେରାଲି ଇଣ୍ଡିଆ ଇନସ୍ୟୁରାନ୍ସ ଶୁଭାରମ୍ଭ କଲା 'ଟୋଟାଲ ହେଲ୍‌ଥ ସ୍କୋର'

ଭୁବନେଶ୍ୱର, (ପିଏନ): ଭାରତରେ ମାନସିକ ସ୍ୱାସ୍ଥ୍ୟଗତ ସମସ୍ୟା ଅଧିକ ପରିଲକ୍ଷିତ ହେଉଥିବା, ବିଶେଷକରି ସାମ୍ପ୍ରତିକ ମହାମାରୀ ସମୟରେ ଏହା ଅଧିକ ଉଗ୍ରତରୂପ ଧାରଣ କରିଥିବା ବିଷୟକୁ ଦୃଷ୍ଟିରେ ରଖି ଫ୍ୟୁଚର ଜେନେରାଲି ଇଣ୍ଡିଆ ଇନସ୍ୟୁରାନ୍ସ କମ୍ପାନୀ ଲିମିଟେଡ (ଏଫ୍‌ଜିଆଇଆଇ) ଏକ ଅନ୍‌ଲାଇନ ମାନସିକ ସ୍ୱାସ୍ଥ୍ୟ ଆକଳନ ପରୀକ୍ଷା – ଟୋଟାଲ ହେଲ୍‌ଥ ସ୍କୋର ଶୁଭାରମ୍ଭ କରିଛି। ଏହି ଅନନ୍ୟ ସ୍ୱ-ଆକଳନ ବ୍ୟବସ୍ଥା ଜଣେ ବ୍ୟକ୍ତିବିଶେଷଙ୍କୁ ତାଙ୍କର ମାନସିକ ସୁସ୍ଥତା ଆକଳନ କରିବାକୁ ସମର୍ଥ କରାଇବ। ଏଫ୍‌ଜିଆଇଆଇ ପ୍ରତ୍ୟେକଙ୍କୁ ସେମାନଙ୍କର ମାନସିକ ସ୍ୱାସ୍ଥ୍ୟଗତ ବିଷୟକୁ ଗୁରୁତ୍ୱର ସହିତ ବିବେଚନା କରିବାକୁ ପ୍ରୋତ୍ସାହିତ କରୁଛି ଏବଂ ଜଣଙ୍କର ଶାରୀରିକ ସ୍ୱାସ୍ଥ୍ୟଭଳି ଭିତରେ ସୁସ୍ଥ ରହିବାକୁ ହେଲେ ମାନସିକ ସ୍ୱାସ୍ଥ୍ୟ ଠିକ୍ ରଖିବା ଉପରେ ଗୁରୁତ୍ୱ ଦେଉଛି। ଟୋଟାଲ ହେଲ୍‌ଥ ସ୍କୋର ଏକ ପ୍ରଶ୍ନାବଳୀ ଏବଂ ଏପିଆଇ ଭିତ୍ତିକ ଆକଳନ ଯାହା ମାନସିକ ସ୍ୱାସ୍ଥ୍ୟଗତ ସମସ୍ୟାର ଆଦ୍ୟ ଉପସର୍ଗଗୁଡିକୁ ବୁଝିପାରୁଥିବା କାର୍ଯ୍ୟରତ ଚିକିତ୍ସକ ଏବଂ ପରାମର୍ଶଦାତାମାନଙ୍କ ଦ୍ୱାରା ଡିଜାଇନ କରାଯାଇଛି। ଜଣେ ବ୍ୟକ୍ତିବିଶେଷ ଏହି ବ୍ୟବସ୍ଥାରେ ନିଜର ମାନସିକ ସ୍ୱାସ୍ଥ୍ୟ ସମ୍ପର୍କରେ ଆକଳନ କରିବାପରେ ତାଙ୍କୁ ଏକ ସ୍କୋର ପ୍ରଦାନ କରାଯିବ ଯାହା ତାଙ୍କର ସାମ୍ପ୍ରତିକ ମାନସିକ ସ୍ୱାସ୍ଥ୍ୟ ଅବସ୍ଥା ସମ୍ପର୍କରେ ଅବଗତ କରାଇବ। ଏଥିସହିତ ସେ ମାନସିକ ଚାପ, ଉତ୍କଣ୍ଠା, ଅବସାଦ ଏବଂ ଅନ୍ୟ ତତ୍‌ସମ୍ପର୍କିତ ସମସ୍ୟା ଭଳି ମାନସିକ ସ୍ୱାସ୍ଥ୍ୟ ସହିତ ସଂଯୁକ୍ତ ସମସ୍ୟାଗୁଡିକୁ ବୁଝିବା ଏବଂ ସେଗୁଡିକୁ ପରିଚାଳନା କରିବା ସକାଶେ ନିଜର ଯତ୍ନନେବା ପାଇଁ ଉଦ୍ଦିଷ୍ଟ ବିଷୟବସ୍ତୁର ସୁଯୋଗ ନେଇପାରିବେ। ଏହି ସ୍ୱ-ଯତ୍ନ ବିଷୟବସ୍ତୁ ମାନସିକ ସ୍ୱାସ୍ଥ୍ୟ ବିଶାରଦମାନଙ୍କ ଦ୍ୱାରା ବିଶେଷଭାବେ ଫ୍ୟୁଚର ଜେନେରାଲି ପାଇଁ ବିକଶିତ କରାଯାଇଛି। ଫ୍ୟୁଚର ଜେନେରାଲି ଇଣ୍ଡିଆ ଇନସ୍ୟୁରାନ୍ସର ଏମ୍‌ଡି ତଥା ସିଇଓ ଅନୁପ ରାଉ କହିଛନ୍ତି, 'ଆମ ଗ୍ରାହକଙ୍କ ସହିତ ଆଜୀବନ ଭାଗିଦାର ହେବା ଏବଂ ମାନବୀୟ ସ୍ପର୍ଶ ସହ ବିଶେଷ ଜ୍ଞାନ ପ୍ରଦର୍ଶନ କରିବା ହେଉଛି ଆମର ଲକ୍ଷ୍ୟ। ଭାରତର ସାଂସ୍କୃତିକ ବିଧିବ୍ୟବସ୍ଥା ଏବଂ ପ୍ରତିବନ୍ଧକଗୁଡିକୁ ବାସ୍ତବିକତାର ସହିତ ବୁଝିବା ଏବଂ କେତେକ ଜଟିଳ କଥୋପକଥନକୁ ସମର୍ଥ କରାଇପାରିଲେ ଆମେ ଏହି ଲକ୍ଷ୍ୟ ହାସଲ କରିପାରିବୁ। ଆମେ ସମସ୍ତେ ଜାଣୁ ଯେ ମାନସିକ ସ୍ୱାସ୍ଥ୍ୟକୁ ଏକ ଅନାବଶ୍ୟକ ବିଷୟ ଭାବରେ ବିବେଚନା କରାଯାଏ। ଏକ ବ୍ରାଣ୍ଡ୍ ଭାବରେ ମାନସିକ ସୁସ୍ଥତା ଏବଂ ଏଥିପ୍ରତି ଜନସାଧାରଣଙ୍କ ଆଭିମୁଖ୍ୟକୁ ନେଇ ଏକ ସୁସ୍ଥ ଆଲୋଚନା ଆଗେଇନେବାକୁ ଆମେ ଚାହୁଁ। ମାନସିକତାରେ ପରିବର୍ତ୍ତନର ଆରମ୍ଭ ବିନ୍ଦୁ ହେଉଛି ଶାରୀରିକ ସ୍ୱାସ୍ଥ୍ୟ ଭଳି ମାନସିକ ସ୍ୱାସ୍ଥ୍ୟ ସମପରିମାଣରେ ଗୁରୁତ୍ୱପୂର୍ଣ୍ଣ ବୋଲି ଲୋକଙ୍କୁ ବୁଝାଇବା ଏବଂ ଏହା ପରିମାପ କରିବାକୁ ସେମାନଙ୍କୁ ପର୍ଯ୍ୟାପ୍ତ ଉପାୟ ଯୋଗାଇଦେବା। ଏଣୁ ଆମେ ଟୋଟାଲ ହେଲ୍‌ଥ ସ୍କୋର ସୃଷ୍ଟି କରିଛୁ, ଯାହା ଏକ ସରଳ ପ୍ରଶ୍ନାବଳୀ ଏବଂ ଏପିଆଇ ଭିତ୍ତିକ ସ୍କୋର ବ୍ୟବସ୍ଥା।

## ପୁନର୍ମିଳନ

ଶିବାନନ୍ଦ ଓ ସୁନନ୍ଦାଙ୍କର ଦୁଇଟି ପୁଅ ପ୍ରମୋଦ ଓ ପ୍ରଶାନ୍ତ। ଶିବାନନ୍ଦ ଗୋଟିଏ ସରକାରୀ ମହାବିଦ୍ୟାଳୟରେ ଅଧ୍ୟାପନା କରନ୍ତି। ସୁନନ୍ଦା ମଧ୍ୟ ଉଚ୍ଚଶିକ୍ଷିତା, କିନ୍ତୁ ସେ ଘର କାମ ସହ ପିଲା ଦୁଇଟିଙ୍କର କଥା ଟିକିନିଖି ଭାବରେ ବୁଝିବାପାଇଁ ଚାକିରି କରିବାକୁ ରାଜି ହେଲେନାହିଁ। ପିଲା ଦୁଇଟି ବାପା ମା'ଙ୍କର ସଂସ୍କାର ପାଇ ଶୃଙ୍ଖଳିତ ଭାବରେ ବଢ଼ିବାକୁ ଲାଗିଲେ। ଶିବାନନ୍ଦଙ୍କର ଦରମା ଏବଂ ଗାଁ ବନମାଳିପୁରରେ ଥିବା ଅପର୍ଯ୍ୟାପ୍ତ ଜମିବାଡ଼ିର ଉତ୍ପାଦନକୁ ନେଇ ଛୋଟ ପରିବାରଟି ସ୍ୱଚ୍ଛଳ ଭାବରେ ଚଳନ୍ତି, ଦାନ, ଧର୍ମ, ସେବା ମଧ୍ୟ କରନ୍ତି।

କାଳକ୍ରମେ ପିଲାମାନେ ବଡ଼ ହୋଇଗଲା ପରେ ବଡ଼ପୁଅ ପ୍ରମୋଦ ଶିକ୍ଷା ସମାପ୍ତ କରି ବ୍ୟାଙ୍କ୍ ଅଫିସର୍ ଏବଂ ସାନପୁଅ ପ୍ରଶାନ୍ତ ଓ.ଏ.ଏସ୍. ଅଫିସର୍ ହେଲା। ଶିବାନନ୍ଦ ଓ ସୁନନ୍ଦା, ଏ ଦୁଇଜଣଙ୍କର ବିବାହ ଏକା ସାଙ୍ଗରେ କରିଦେଲେ। ଦୁଇ ବୋହୂଙ୍କର ନାମକରଣ କଲେ, ମିତା ଓ ରୀତା। ସେମାନଙ୍କୁ ଏକଥା ବି ବୁଝାଇଦେଲେ ଯେ ବିବାହ କହିଲେ କେବଳ ସାଥୀ ସହିତ ରହିବା ନୁହେଁ, ସୁଖ, ଦୁଃଖ ବାଣ୍ଟିବାର ଅଙ୍ଗୀକାରବଦ୍ଧତା।

ଶିବାନନ୍ଦ ଅଧ୍ୟାପନାରୁ ଅବସର ନେଲେଣି। ଏବେ ଘରଟି ତାଙ୍କର ଛୋଟ ପିଲାଙ୍କର କୋଳାହଳରେ ଅହର୍ନିଶି ମୁଖରିତ। ପ୍ରମୋଦ ଓ ମିତାଙ୍କର ପୁଅଟିଏ ଝିଅଟିଏ, ଦୀପୁ ଓ ପିଙ୍କି ଏବଂ ପ୍ରଶାନ୍ତ, ରୀତାଙ୍କର ମଧ୍ୟ ପୁଅଟିଏ ଝିଅଟିଏ ପିଞ୍ଚୁ ଓ ବେବି। ହାତର ଆଙ୍ଗୁଠି ମାତ୍ର ଦଶଟି, ହେଲେ ମିଶିଯାଆନ୍ତି ବୋଲି ହାତ ହଜାରେ କାମ କରିପାରେ। ଦୁଇ ବୋହୂ ଚାରି ନାତି ନାତୁଣୀଙ୍କ ମେଳରେ ସୁଖ, ଶାନ୍ତି, ଆନନ୍ଦରେ ସମୟ କଟିଯାଏ ସୁନନ୍ଦା ଦେବୀଙ୍କର। ଦାଦିମା ହୋଇଗଲାଠୁ ଏବେ ତାଙ୍କର ଈଶ୍ୱର ଭକ୍ତି, ଆତ୍ମବିଶ୍ୱାସ ବେଳକୁ ବେଳ ବଢ଼ିବାର ଲାଗିଲା, ଭୁବନେଶ୍ୱରର ଗୌତମନଗରର 'ଶ୍ରୀୟା' କଲୋନୀରେ ରହୁଥିବା ଏହି ପରିବାରଟି ଉପରେ କଲୋନୀର ପ୍ରାୟ ସମସ୍ତ ଅଧିବାସୀ ବହୁତ ଖୁସି।

ବିଧିର ବିଧାନ ବଡ଼ ବିଚିତ୍ର। ସୁଖ ପରେ ଦୁଃଖ, ହସ ପରେ ଲୁହ, ଏ ସୃଷ୍ଟିର ନୀତି। ତାଙ୍କ ପରିବାରର ଏହି ସୁଖ, ଶାନ୍ତି, ଆନନ୍ଦରେ ହଠାତ୍ ଭଟ୍ଟା ପଡ଼ିଗଲା ଶିବାନନ୍ଦ ବ୍ଲଡ୍ କ୍ୟାନସର୍‌ରେ ପୀଡ଼ିତ ହେଲା ଦିନଠାରୁ। ପ୍ରାୟ ଛଅମାସ ହେଲା ହସ୍ପିଟାଲ୍‌ରେ ପଡ଼ିରହିଲେ। ଲକ୍ଷ ଲକ୍ଷ ଟଙ୍କାର ଆବଶ୍ୟକତା ପଡ଼ିଲା। ବାଧ ହୋଇ ଦୁଇ ଭାଇ ଗାଁର ସବୁ ଜମିବାଡ଼ିକୁ ବିକ୍ରି କରିଦେଇ ଟଙ୍କା ଆଣିଲେ ବାପାଙ୍କର ଚିକିତ୍ସା ପାଇଁ। ମାତ୍ର ବାପା ଗୋଟିଏ ବର୍ଷ ମୃତ୍ୟୁ ସହ ସଂଗ୍ରାମ କଲାପରେ ଆରପାରିକୁ ଚାଲିଗଲେ। ଏହି ଦାରୁଣ ଦୁଃଖରେ ଅତ୍ୟଧିକ ମ୍ରିୟମାଣ ହୋଇପଡ଼ି ସୁନନ୍ଦା ଦେବୀ ମଧ୍ୟ ଅଳ୍ପଦିନ ପରେ ହଠାତ୍ ହୃଦ୍‌ଘାତରେ ମୃତ୍ୟୁବରଣ କଲେ।

ବାପା ଓ ମାଆଙ୍କୁ ହରାଇଲା ପରେ ସମ୍ପୂର୍ଣ୍ଣ ଅଧୈର୍ଯ୍ୟ ହୋଇପଡ଼ିଲେ ଦୁଇଭାଇ। ଧୀରେ ଧୀରେ ଅଭାବ ଅନାଟନ ସେମାନଙ୍କୁ ଗ୍ରାସକଲା। ପିଲାମାନଙ୍କ ଉଚ୍ଚଶିକ୍ଷା ପାଇଁ ଯଥେଷ୍ଟ ଅର୍ଥ ସଂଗ୍ରହ ହୋଇପାରିଲାନି। ଦୁଇ ଭାଇଙ୍କ ଭିତରେ ଯେଉଁ ପବିତ୍ର ନିଃସ୍ୱାର୍ଥପର ସ୍ନେହ, ମମତା, ଭଲପାଇବା ଥିଲା ତାହା ଧୀରେ ଧୀରେ ତିକ୍ତ ହେବାକୁ ଲାଗିଲା। ବାରମ୍ବାର ମନାନ୍ତର ସୃଷ୍ଟି ହୋଇ ଧୀରେ ଧୀରେ ମତାନ୍ତର ରୂପ ନେଲା।

ବାପା ମାଆଙ୍କର ସ୍ୱର୍ଗାରୋହଣର ମାତ୍ର ଆଠ/ନଅ ମାସ ହୋଇଛି, ଦୁଇଭାଇ ଭିନ୍ନେ ହୋଇଗଲେ। ବାପା ତିଆରି କରିଥିବା ଘର ମଝିରେ ପାଚେରୀ ପଡ଼ିଲା। ପର୍ବପର୍ବାଣୀ, ରୋଷେଇବାସ ସବୁ ଭିନ୍ନ। ଏପରିକି କେହି କାହାର ମୁହଁ ମଧ୍ୟ ଚାହିଁବାକୁ ଘୃଣା କଲେ।

ଏ କଥା ଦେଖି କଲୋନୀ ଅଧିବାସୀ ସ୍ତବ୍ଧ। କାହାରି ପାଟିରେ କଥା ନାହିଁ। ଏପରି ଘଟଣା ଥିଲା ସମସ୍ତଙ୍କର କଳ୍ପନା ବହିର୍ଭୁତ।

ପ୍ରମୋଦ ଓ ପ୍ରଶାନ୍ତଙ୍କର ପିଲାମାନେ ବଡ଼ ହେଇଗଲେଣି। ପ୍ରମୋଦଙ୍କ ପୁଅ ଦୀପୁ ଓ ପ୍ରଶାନ୍ତଙ୍କ ପୁଅ ପିଞ୍ଚୁ ଭୁବନେଶ୍ୱରର ଗୋଟିଏ କମ୍ପାନୀରେ ଇଂଜିନିୟର ହୋଇଗଲେଣି। ପିଙ୍କି ଓ ବେବି ଦୁଇଜଣଯାକ ବାଣୀବିହାରରେ ପି.ଜି. କରୁଛନ୍ତି।

ଦିନକର କଥା। ରାତି ପ୍ରାୟ ନଅଟା ବାଜି ସାରିଲାଣି। ପ୍ରମୋଦଙ୍କ ପୁଅ ଝିଅ ଓ ପ୍ରଶାନ୍ତଙ୍କ ପୁଅ ଝିଅ କେହି ଘରକୁ ଫେରିନାହାନ୍ତି। ପ୍ରମୋଦ ଦାଣ୍ଡପିଣ୍ଡାରେ ଅପେକ୍ଷା କରି କରି ଅଧୈର୍ଯ୍ୟ ହୋଇପଡୁଛନ୍ତି। ସେପାଖେ ପ୍ରଶାନ୍ତ ମଧ୍ୟ ଗେଟ୍ ପାଖରୁ ଘର, ଘର ପାଖରୁ ଗେଟ୍ ଏହିପରି ଯାଆସ କରିଚାଲିଛନ୍ତି। ସମୟ ଯେତିକି ବିଳମ୍ବ ହେଉଛି ଆଶଙ୍କା ସେତିକି ବଢ଼ି ବଢ଼ି ଚାଲିଛି ଦୁଇଭାଇଙ୍କର। କେହି କାହାକୁ ଭରସିକରି କିଛି ପଚାରି ପାରୁନାହାନ୍ତି। କାରଣ ଦୁହିଁଙ୍କ ଭିତରେ କଥୋପକଥନ ହିଁ ନାହିଁ ଅନେକ ଦିନ ହେଲାଣି। ଆଜିକାଲି ଲୋକମାନେ ତ ବେଳକୁ ବେଳ ବେଶି ଅପରାଧପ୍ରବଣ ହୋଇପଡୁଛନ୍ତି। ଦିନ ଦ୍ୱିପ୍ରହରରେ ମଧ୍ୟ ମାଡ଼ପିଟ୍, ଲୁଟ୍‌ତରାଜ, ହତ୍ୟା ଘଟଣା ସାଧାରଣ ହୋଇଗଲାଣି। ପିଲାମାନେ କାହିଁକି ଏପର୍ଯ୍ୟନ୍ତ ଫେରିଲେନି? ଏହା ଭାବି ଭାବି ଉଭୟେ ପିତାମାତା ନ ଖାଇ ନ ପିଇ ସେମାନଙ୍କ ଅପେକ୍ଷାରେ ଥାଆନ୍ତି।

ରାତି ଠିକ୍ ଦଶଟା ବେଳକୁ ଦୁଇଟି ମଟରସାଇକେଲ୍‌ରେ ଦୀପୁ ଓ ପିଙ୍କି ଏବଂ ପିଞ୍ଚୁ ଓ ବେବି ଘରକୁ ଫେରିଲେ। ଗେଟ୍ ପାଖରେ ଥିଲେ ପ୍ରଶାନ୍ତ। ଖୁବ୍ ରାଗିଯାଇ ପଚାରିଦେଲେ ତାଙ୍କ ପୁଅ ପିଞ୍ଚୁକୁ "କୁଆଡ଼େ ଯାଇଥିଲ ଏତେ ରାତିଯାଏଁ? କହିକରି କାହିଁକି ଗଲନି?" ପିଞ୍ଚୁ ଡରି ଡରି କହିଲା, "ବାବା, ଦୀପୁଭାଇର କାଲି ଜନ୍ମଦିନ ତ। ଆଜି ସିଏ ଆମକୁ କ୍ରାଉନ୍ ହୋଟେଲ୍‌ରେ ଖାଇବାକୁ ଡାକିଥିଲେ। ତୁମକୁ ଏ କଥା କହିପାରିଲୁନି କାଳେ ତୁମେ ଆଉ ବଡ଼ବାପା ଆମକୁ ଏକାଠି ଛାଡ଼ିବାପାଇଁ ନାରାଜ ହୋଇଥାଆନ୍ତ। ସରି ବାବା, ଆଗକୁ ଆଉ ଏମିତି ଭୁଲ କରିବୁନି।" ପ୍ରକୃତରେ ଶିକ୍ଷା ଯଦି ବିବେକ ଜାଗ୍ରତ କରି ନ ପାରିଲା, ତେବେ ସେଭଳି ଶିକ୍ଷା ଦିଗଶୂନ୍ୟ।

ସତେ ଅବା ପ୍ରଶାନ୍ତବାବୁଙ୍କ ସବୁ ରାଗରେ ହଠାତ୍ କିଏ ପାଣି ପକାଇଦେଲା... ପ୍ରଶାନ୍ତବାବୁ ନିଜ ପୁଅ ପିଞ୍ଚୁକୁ ଜାକି କୁଣ୍ଢେଇ ପକାଇଲେ। ଦୀପୁକୁ ମଧ୍ୟ ଆଉଁସି ପକାଇଲେ ସଜଳ ଆଖିରେ। କିଛି କହିବେ କହିବେ ହୋଇ କିଛି ବି କହି ପାରିଲେନି। କଣ୍ଠ ବାଷ୍ପରୁଦ୍ଧ ହେଲା। ଧୀରେ ଧୀରେ ପୁଅ ଝିଅଙ୍କ ସହ ଘର ଭିତରକୁ ଗଲେ। ମନୁଷ୍ୟ ଜୀବନରେ ଭୁଲଭଟକା ହେବା ତ ସ୍ୱାଭାବିକ କଥା। ମାତ୍ର ଭୁଲକୁ ସ୍ୱୀକାର କରି ଯଥାଶୀଘ୍ର ଠିକ୍ ରାସ୍ତାକୁ ଫେରିଆସିଲେ ସବୁ ସମସ୍ୟାର ସମାଧାନ ଆପେ ଆପେ ହୋଇଯିବ। ସେ ପାଖେ ପ୍ରମୋଦବାବୁଙ୍କର ମଧ୍ୟ ସେହି ଅବସ୍ଥା। ସେ ମଧ୍ୟ ପିଲାଙ୍କ ସହ ଘର ଭିତରକୁ ଆସିଲେ। ବିଛଣାରେ ଶୋଇ ରହି ଛଟପଟ ହେବାକୁ ଲାଗିଲେ। ଭାବିଲେ; ସତେତ, ଆଗରୁ ପିଲାଙ୍କର ଜନ୍ମଦିନ ବଡ଼ ଧୂମ୍‌ଧାମ୍‌ରେ ପାଳିତ ହୁଏ। ବଡ଼ମାନଙ୍କର କଳିତକରାଳକୁ ନେଇ ପିଲାମାନେ କେତେ ଯେ ମର୍ମାହତ ତାହା ଆଜି ଜଣାପଡ଼ିଗଲା। ଆମ ପିଲାମାନଙ୍କର ପରସ୍ପର ପ୍ରତି ଥିବା ସ୍ନେହ, ଶ୍ରଦ୍ଧା, ଅନାବିଳ ଭଲ ପାଇବାକୁ ଆମେ ବଡ଼ମାନେ ହିଁ ପଙ୍କିଳ କରୁଛୁ। ପ୍ରମୋଦ ଭାବିଲେ, "ଆମ ପିଲାମାନଙ୍କ ମାଧ୍ୟମରେ ଖୋଦ୍ ଭଗବାନ ଆସି ସତେ ଯେପରି ଆମକୁ ଉଚିତ ଶିକ୍ଷା ଦେଇଯାଇଛନ୍ତି।" ବାସ୍ତବିକ୍ ଭାବନାରେ ବିଶାଳତା ଆସିଲେ କର୍ମ ବି ବିଶାଳ ହୁଏ।

ରାତି ପାହିଲା। ନୂଆ ସକାଳର ନୂଆ ଆଲୋକ ଆଣିଦେଲା ଅନେକ କିଛି ପରିବର୍ତ୍ତନ। ବର୍ତ୍ତମାନ ସମୟ ହିଁ ହେଉଛି ପ୍ରକୃଷ୍ଟ ସମୟ, ତାର ଯଥାର୍ଥ ଉପଯୋଗ ଜରୁରୀ। ପ୍ରମୋଦ ଆଉ କାଳବିଳମ୍ବ ନକରି ଗଲେ ସାନଭାଇ ପ୍ରଶାନ୍ତ ପାଖକୁ। ପ୍ରଶାନ୍ତ ହୃଦୟରେ ମଧ୍ୟ ଏକାଭଳି ଆଲୋଡ଼ନ ସୃଷ୍ଟି ହୋଇଥିଲା। ଅଗ୍ନିଶିଖା ଯେପରି ଅଗ୍ନିକୁ ପ୍ରଜ୍ୱଳିତ କରେ, ହୃଦୟ ସେହିପରି ହୃଦୟର ସଂସ୍ପର୍ଶରେ ଆସିଲେ ପ୍ରଜ୍ୱଳିତ ହୋଇଉଠେ। ଦୁଇଭାଇ ପରସ୍ପରକୁ ଆଲିଙ୍ଗନ କଲାବେଳେ ନିଜ ନିଜ ପିଲାମାନଙ୍କ ନିକଟରେ ହାର ମାନିଛନ୍ତି ବୋଲି ଅନୁଭବ କଲେ। ବେଳେବେଳେ ଗୋଟିଏ ଛୋଟିଆ ନିଷ୍ପତ୍ତି ବି ଜୀବନର ଗତିପଥ ବଦଳାଇ ଦେଇଥାଏ। ଅନେକ ଦିନ ପରେ ଦୁଇ ଭାଇ ବସି ପୁଣିଥରେ ଏକତ୍ର ଚା ପାନ କଲେ। ଏହା ଥିଲା ପୁନର୍ମିଳନର ଅୟମାରମ୍ଭ।

ମଧ୍ୟାହ୍ନ ଭୋଜନ ପ୍ରମୋଦଙ୍କ ଘରେ ହେଲା। ଦୁଇ ପିତାମାତଙ୍କ ଗହଣରେ ଚାରୋଟି ସନ୍ତାନ ବଡ଼ ଆନନ୍ଦ ଉଲ୍ଲାସରେ ରାତିରେ କ୍ୟାଣ୍ଡେଲ୍ ଲଗାଇଲେ, ଜନ୍ମଦିନ କେକ୍ କାଟିଲେ ଓ ଏକତ୍ର ଭୋଜନ କଲେ। ହୃଦୟର ମିଳନ ପାଇଁ ଇଟା, ସିମେଣ୍ଟ୍‌ର ପ୍ରାଚୀରଟି ଆଉ ପ୍ରତିବନ୍ଧକ ହୋଇପାରିଲା ନାହିଁ।

**ଡ. ପ୍ରତିଭା ମହାରଥୀ**
*ଖାରବେଳନଗର, ୟୁନିଟ୍-୩, ଭୁବନେଶ୍ୱର, ମୋ- ୯୪୩୭୦୩୭୮୦୯*

୨୬ତମ ପ୍ରତିଷ୍ଠା ଦିବସ ସମାରୋହ

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ

# ପର୍ଯ୍ୟବେକ୍ଷକ

Bhubaneswar Saturday September 20 2024 ଭୁବନେଶ୍ୱର ଶନିବାର, ସେପ୍ଟେମ୍ବର ୨୧,୨୦୨୪ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



## ବାରିପଦା ଠାରେ ଜିଲ୍ଲା ସ୍ତରୀୟ ହାକାଥନ -୨୦୨୪ ଆୟୋଜିତ

ବାରିପଦା,(ପି.ଏନ): ଜିଲ୍ଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ବୁଧବାର ଦିନ ବାରିପଦାର କାଠପାଳ ସ୍ଥିତ ସାଇ ବିଦ୍ୟା ମନ୍ଦିର ଠାରେ ଜିଲ୍ଲା ସ୍ତରୀୟ ହାକାଥନ -୨୦୨୪ର ଉଦ୍ଘାଟନ ହୋଇଯାଇଛି। ଏହି ହାକାଥନ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଲା ଶୀଘ୍ର ଏବଂ ବୁଦ୍ଧିମତାର ସହିତ ଛାତ୍ର, ଛାତ୍ରୀ ମାନେ କିଭଳି ଏକ ବୈଜ୍ଞାନିକ ପ୍ରକଳ୍ପକୁ ଉପସ୍ଥାପନ କରିପାରିବେ। ଆଜିର ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଯୋଗ ଦେଇଥିବା ବେଳେ ଚାନ୍ଦିପୁର ସ୍ଥିତ ପ୍ରତିରକ୍ଷା ଅନୁସନ୍ଧାନ ଏବଂ ବିକାଶ ସଂଗଠନର ନିର୍ଦ୍ଦେଶକ ଶ୍ରୀ ସୁବୋଧ କୁମାର ନାୟକ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳ ସମସ୍ତ ଛାତ୍ର ଛାତ୍ରୀଙ୍କୁ ଏହି ହାକାଥନ -୨୦୨୪ରେ ଅଂଶ ଗ୍ରହଣ କରିଥିବାରୁ ଶୁଭେଚ୍ଛା ଜ୍ଞାପନ କରିଥିବା ବେଳେ ସମସ୍ତ ବୈଜ୍ଞାନିକ ପ୍ରକଳ୍ପ ଗୁଡିକ ବୁଲିଦେଖିବା ସହିତ ସେମାନଙ୍କ ସହିତ ଆଲୋଚ୍ନା ମଧ୍ୟ କରିଥିଲେ। ମୁଖ୍ୟ ବକ୍ତା ଶ୍ରୀ ନାୟକ ଏହି ହାକାଥନର ଉଦ୍ଦେଶ୍ୟ, ବର୍ତ୍ତମାନ ଯୁଗ ଉପଯୋଗୀତା ଏବଂ କାର୍ଯ୍ୟକାରିତା ବିଷୟରେ ଆଲୋକପାତ କରିଥିଲେ।




ଏହି ଅଧିବେଶନରେ ସମ୍ମାନନୀୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ, ଶ୍ରୀ ଶଶୀଧର ସିଂ ଯୋଗ ଦେଇଥିବା ବେଳେ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ପବିତ୍ର ମୋହନ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଦିବସର ଶେଷ ତଥା ସ୍ୱସ୍ତିବାଚ୍ନିକ ଅଧିବେଶନରେ ମୁଖ୍ୟ ଅତିଥି ଭାବେ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ବିଭୁତି ଭୂଷଣ ନାୟକ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଡଃ ଏମ. ହିମବିନ୍ଦୁ, ପ୍ରଫେସର, ଶ୍ରୀରାମଚ଼ନ୍ଦ୍ର ଭଞ୍ଜ ବିଶ୍ୱ ବିଦ୍ୟାଳୟ ଯୋଗ ଦେଇଥିଲେ। ଏହି ଅଧିବେଶନରେ ଛାତ୍ର ଛାତ୍ରୀ ମାନଙ୍କ ପ୍ରକଳ୍ପ ଦକ୍ଷତା ତଥା ଏହି ହାକାଥନ ଆୟୋଜନର ଭବିଷ୍ୟତ ଲକ୍ଷ ବିଷୟରେ ମୁଖ୍ୟ ଅତିଥି ଓ ମୁଖ୍ୟ ବକ୍ତା ଆଲୋଚ୍ନା କରିଥିଲେ। ଏହି ଅଧିବେଶନରେ ସମ୍ମାନିତ ଅତିଥି ଭାବେ ଡଃ ଗାର୍ଗୀ ମହାନ୍ତି, ସହକାରୀ ପ୍ରଫେସର, ଶ୍ରୀରାମଚ଼ନ୍ଦ୍ର ଭଞ୍ଜ ବିଶ୍ୱ ବିଦ୍ୟାଳୟ ଯୋଗ ଦେଇଥିବା ବେଳେ ଏସ୍.ଭି.ଏମ୍ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍ସର ନିର୍ଦ୍ଦେଶକ ଡଃ ପ୍ରଭଞ୍ଜନ ରାଉତ ଏହି ସଭାରେ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଦିବସ ବ୍ୟାପି କାର୍ଯ୍ୟକ୍ରମ, ସମ୍ପୂର୍ଣ୍ଣ ରୂପରେ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ପୂର୍ଣ୍ଣଚ଼ନ୍ଦ୍ର ସେଠି ଙ୍କ ଦ୍ୱାରା ସଞ୍ଚାଳିତ ହୋଇଥିଲା ଏବଂ ବିଭିନ୍ନ ବର୍ଗର ଛାତ୍ର ଛାତ୍ରୀ ଏହି ହାକାଥନ କାର୍ଯ୍ୟକ୍ରମରେ ଯୋଗ ଦାନ କରି ନିଜର ପ୍ରକଳ୍ପ ପ୍ରଦର୍ଶନ କରିଥିଲେ।

## ଡ.ମୋହନ ଭାଗବତଙ୍କ ଓଡିଶା ଗସ୍ତ

ଭୁବନେଶ୍ୱର, (ପି.ଏନ): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସରସଂଘଚାଳକ ଡ.ମୋହନ ଭାଗବତ ୫ ଦିନିଆ ଓଡିଶା ଗସ୍ତରେ ଆସି ଅଗଷ୍ଟ ୮ ତାରିଖ ଦିନ ମଧ୍ୟାହ୍ନ ଘ୧. ୨୦ମିନିଟ ସମୟରେ ଭୁବନେଶ୍ୱରରେ ପହଁଚିବେ। ସେ ଓଡିଶା ପ୍ରବାସ ସାରି ଅଗଷ୍ଟ ୧୨ ତାରିଖ ମଧ୍ୟାହ୍ନ ସମୟରେ ଓଡିଶାରୁ ପ୍ରତ୍ୟାବର୍ତନ କରିବେ ବୋଲି ସଂଘର ଓଡିଶା ପୂର୍ବ ପ୍ରା'ର ପ୍ରା' ପ୍ରଚାର ପ୍ରମୁଖ ଶ୍ରୀ ସୁମ' କୁମାର ପଣ୍ଡା ପ୍ରକାଶ କରିଛନ୍ତି। ୍ର ପଣ୍ଡା କହିଛନ୍ତି ଯେ, ଡ. ଭାଗବତ ତାଙ୍କ ପ୍ରବାସ ସମୟରେ ଅଗଷ୍ଟ ୮ ତାରିଖ ଦିନ ଭୁବନେଶ୍ୱରରେ ଅବସ୍ଥାନ କରିବେ, ୯ ତାରିଖ ଦିନ ପୁରୀ ଯାଇ ମହାପ୍ରଭୂ ଜଗନ୍ନାଥଙ୍କୁ ଦର୍ଶନ କରିବା ସହିତ ଗୋବର୍ଦ୍ଧନ ପୀଠର ପୂଜ୍ୟ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀଙ୍କୁ ସାକ୍ଷାତ କରିବେ। ଅଗଷ୍ଟ ୧୦ ଓ ୧୧ ତାରିଖ ଦୁଇ ଦିନ ଧରି ଅଖିଳ ଭାରତୀୟ ପ୍ରା' ସେବାପ୍ରମୁଖ ମାନଙ୍କର ବୈଠକ ପୁରୀ ଠାରେ ଅନୁଷ୍ଠିତ ହେବ।

## ଜେଏସଡବ୍ଲ୍ୟୁ ପ୍ରତିଷ୍ଠାତା ଓ.ପି.ଜିନ୍ଦଲଙ୍କ ୭୪ ତମ ଜୟନ୍ତୀ ପାଳିତ

ପାରାଦୀପ,(ପି.ଏନ): ଜେଏସଡବ୍ଲ୍ୟୁ ଗ୍ରୁପ୍‌ର ପ୍ରତିଷ୍ଠାତା ଓ ପି ଜିନ୍ଦଲଙ୍କ ୭୪ତମ ଜନ୍ମତିଥି ପାରାଦୀପ ମଧୁବନସ୍ଥିତ କାର୍ଯ୍ୟାଳୟ ପରିସରରେ ପାଳିତ ହୋଇଯାଇଛି । ଏହି ଅବସରରେ ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ ସ୍ଥାନୀୟ କାର୍ଯ୍ୟାଳୟ ଜଟାଧାର ଭବନ ପରିସରରେ ବୃକ୍ଷରୋପଣ କରାଯାଇଥିଲା । ଜେଏସଡବ୍ଲ୍ୟୁ ଫାଉଣ୍ଡେସନ ପକ୍ଷରୁ ପାରାଦୀପ ପ୍ରାଇଭେଟ୍ ଲିମିଟେଡ୍ ସହଯୋଗରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଏହି ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ୧୦୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା । ପ୍ରକାଶଥାଉକି, ୧୯୩୦ ମସିହାରେ ଜନ୍ମ ଗ୍ରହଣ କରିଥିବା ଓ ପି ଜିନ୍ଦଲସାରା ଭାରତବର୍ଷରେ ଇସ୍ପାତ ଜଗତର ଜଣେ ଜଣାଶୁଣା ବ୍ୟକ୍ତିତ୍ୱ । ତାଙ୍କର



ଯୁଗାନ୍ତକାରୀ ପଦକ୍ଷେପ ପାଇଁ ଜିନ୍ଦଲ ଗ୍ରୁପ୍ କେବଳ ଭାରତ ନୁହେଁ ବିଶ୍ୱସ୍ତରରେ ବିଭିନ୍ନ କ୍ଷେତ୍ରରେ ବହୁ ସଫଳତା ହାସଲ କରିଛି । ତାଙ୍କର ୭୪ତମ ଜନ୍ମତିଥିରେ ଆୟୋଜିତ କାର୍ଯ୍ୟକ୍ରମରେ କମ୍ପାନୀର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଯୋଗ ଦେଇ ସ୍ୱର୍ଗତ ଓ ପି ଜିନ୍ଦଲଙ୍କ ଫଟୋଚିତ୍ରରେ ପୁଷ୍ପଗୁଚ୍ଛ ଦେଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

## ଚାଷଜମି ଜଳାର୍ଣ୍ଣବ, ବୁଲି ଦେଖିଲେ ଜିଲ୍ଲାପାଳ

କେନ୍ଦ୍ରାପଡ଼ା,(ପି.ଏନ): ୫୩ନମ୍ବର ଜାତୀୟ ରାଜପଥର ଚାରିଲେନ ବିଶିଷ୍ଟ ରାସ୍ତା ନିର୍ମାଣ ପରେ ଛଗରିଆ ନିକଟରେ ଚାଷଜମିରୁ ଉଦବୃ ଜଳ ନିଷ୍କାସନ ପାଇଁ ଥିବା ପଥକୁ ବନ୍ଦ କରି ଦିଆଯାଇଥିବାରୁ ବର୍ଷା ଦିନେ ପ୍ରାୟ ୨ଶହ ହେକ୍ଟର ଚାଷଜମି ପାଣିରେ ବୁଡି ରହୁଥିବାରୁ ସେହି ଜମିର ଫସଲ ନଷ୍ଟ ହୋଇଯାଉଛି। ଫଳରେ ସେହି ଅ ଳର ଚାଷୀମାନେ ବହୁ କ୍ଷତିର ସମ୍ମୁଖୀନ ହେଉଛନ୍ତି। ଏସମ୍ପର୍କରେ ଅଭିଯୋଗ ପାଇବା ପରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ ଆଜି ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ସେଠାରେ ଉପସ୍ଥିତ କଳପଡା, ବଗଡା ପ୍ରଭୃତି ଅ ଳର ଚାଷୀମାନଙ୍କ ସହ ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହିତ ଚାଷ ଜମି ସବୁ ପାଣିରେ ବୁଡି ରହିଥିବା ଦେଖିବାକୁ ପାଇଥିଲେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ସେଠାରେ ଉପସ୍ଥିତ ଥିବା ଜାତୀୟ ରାଜପଥ ବିଭାଗର ଅଧିକାରୀ, ଡ୍ରେନେଜ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ ଇଂ ସିଦ୍ଧାର୍ଥଶେଖର, କେନ୍ଦ୍ରାପଡା ଜଳସେଚନ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ ଇଂ ଉମେଶ ଚନ୍ଦ୍ର ସେଠୀ ପ୍ରମୁଖଙ୍କ ସହ ସମସ୍ୟାର ସମାଧାନ ସମ୍ପର୍କରେ ଆଲୋଚନା କରିବା ପରେ ଚାଷ ଜମିରୁ ତୁରନ୍ତ ଜଳ ନିଷ୍କାସନ ପାଇଁ ସଂପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଫଳରେ ସେଠାରୁ ଏସ୍କାଭେଟର ସାହାଯ୍ୟରେ ଜଳ ନିଷ୍କାସନ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଆବଶ୍ୟକ ବ୍ୟବସ୍ଥା କରିବାକୁ ଜିଲ୍ଲାପାଳ ଜାତୀୟ ରାଜପଥର ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ମେଟ୍ରୋନ୍‌ଙ୍କୁ ଚାକିରିରୁ ବହିଷ୍କାର କରି ପ୍ରଶାସନ ବାହାଦୁରୀ ନେଲେ : ମହାସଂଘ

ଭୁବନେଶ୍ୱର,(ପି.ଏନ) : ମାଲକାନାଗିରି ଜିଲ୍ଲା କାଲିମେଳା ବ୍ଲକ ସରକାରୀ ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟରତ ମେଟ୍ରୋନ୍ ସୁନୀତା ମହାକୁଡଙ୍କୁ ଜିଲ୍ଲା ମଙ୍ଗଳ ଅଧିକାରୀ ବେଆଇନ୍ ଭାବେ ଚାକିରିରୁ ବହିଷ୍କାର କରିଛନ୍ତି । ତା'ର ପ୍ରତିବାଦରେ ମହାସଂଘର ରାଜ୍ୟ ଆବାହକ ଶ୍ରୀଯୁକ୍ତ ଦିଗମ୍ବର ଜେନା ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଏକ ଚିଠି ଲେଖି ଜଣାଇଛନ୍ତି । ରାଜ୍ୟରେ ଅନୁସୂଚିତ ଜନଜାତି ଓ ଜାତି ବିଭାଗ ଦ୍ୱାରା ପରିଚାଳିତ ସେବାଶ୍ରମ ଗୁଡ଼ିକରେ ୩ ହଜାର ମେଟ୍ରୋନ୍ କାର୍ଯ୍ୟରତ ଅଛନ୍ତି । ବଡ଼ ଦୁଃଖର ବିଷୟ ୨୪ ଘ । କାର୍ଯ୍ୟରତ ଥାଇ କେତେକ ମୁଷ୍ଟିମେୟ ନଷ୍ଟ ଚରିତ୍ର ଅବିବେକୀ, ଭ୍ରଷ୍ଟାଚାରୀ ଶିକ୍ଷକ ଏବଂ ପ୍ରଧାନ ଶିକ୍ଷକ ଶିକ୍ଷାର ଅମର୍ଯ୍ୟାଦା ଘଟାଇ ଛାତ୍ରୀମାନଙ୍କୁ ଦୁଃବ୍ୟବହାର ଓ ଦୁଷ୍କର୍ମ କରିଚାଲିଛନ୍ତି । ଉକ୍ତ ଉଚ୍ଚ ବାଳିକା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦୀପକ ନାୟକ ନିଶାଗ୍ରସ୍ତ ଅବସ୍ଥାରେ ଛାତ୍ରୀ ନିବାସର ତିନିଜଣ ଛାତ୍ରୀଙ୍କୁ ଡାକିନେଇ ହଷ୍ଟେଲ୍ ଭିତରେ କ୍ୱାର୍ଟର ନେଇଥିବା ପ୍ରଧାନ ଶିକ୍ଷକ ଛାତ୍ରୀ ଦୁଇଜଣଙ୍କୁ ଛାଡିଦେଇ ଜଣେ ଛାତ୍ରୀଙ୍କୁ ଦୁଷ୍କର୍ମ କରିଥିଲେ । ପୀଡିତାଙ୍କୁ ମେଟ୍ରୋନ୍ ତାଙ୍କ ପାଖରେ ରଖି ଛାତ୍ରୀଙ୍କ ଠାରୁ ବୟାନ ନେଉଥିବା ବେଳେ ପ୍ରଧାନଶିକ୍ଷକ ହଷ୍ଟେଲ୍ ଭିତରକୁ ଜୋର୍‌ଜବରଦସ୍ତ ପଶି ମେଟ୍ରୋନ୍‌ଙ୍କୁ ଧମକାଇ ଛାତ୍ରୀ କୁଆଡ଼େ ଗଲା ବୋଲି ପାଟି କଲେ । ମେଟ୍ରୋନ୍ ଭୟଭୀତ ଅବସ୍ଥାରେ ପୀଡିତାକୁ ଲୁଚାଇ ରଖି ସକାଳେ ତାଙ୍କ ଅଭିଭାବକଙ୍କୁ ଖବର ଦେଲେ । ଖବର ପାଇ ଜିଲ୍ଲା ମଙ୍ଗଳ ଅଧିକାରୀ ଏକ ତିନିଜଣିଆ ଟିମ୍‌କୁ ନେଇ ତଦନ୍ତ ଆରମ୍ଭ କଲେ । ଦୋଷୀ ସାବ୍ୟସ୍ତ ଭାବେ ପ୍ରଧାନଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଥିବା ବେଳେ ନିର୍ଦୋଷୀ ଭାବେ ମେଟ୍ରୋନ୍‌ଙ୍କୁ କାର୍ଯ୍ୟରୁ ବହିଷ୍କାର କରିବା କେତେଦୂର ଯଥାର୍ଥ ବୋଲି ମହାସଂଘ ପ୍ରଶ୍ନ କରିଛନ୍ତି ? ଶିକ୍ଷକମାନେ ଜୋର୍ ଜବରଦସ୍ତ ଭାବେ ମେଟ୍ରୋନ୍ ମାନଙ୍କ ଠାରୁ ମେସ୍ ମାନେଜ୍‌ମେ ଛଡ଼ାଇ ନେଇ ପିଲାମାନଙ୍କୁ ଅଖାଦ୍ୟ ଏବଂ ନିମ୍ନମାନର ଖାଦ୍ୟ ପରିବେଷଣ କରି ମେଟ୍ରୋନ୍ ଏବଂ ରୋଷେୟା ମାନଙ୍କୁ ବିଭିନ୍ନ ପ୍ରକାରର ନିର୍ଯ୍ୟାତନା, ଧମକ ଚମକ ଦେଇ ରଜା ମହାରଜା ଭଳି ରାଜ ରାଜୋଡା ଶାସନ ଚଳାଇଛନ୍ତି । ଗତ ପା ବର୍ଷ ଭିତରେ ଏଭଳି ଅନେକ କେସ୍ ଦେଖିବାକୁ ମିଳୁଛି । କନ୍ଧମାଳ ଜିଲ୍ଲା ପୋକନା ଗାଁ ସେବାଶ୍ରମରେ ଏଭଳି ଘଟଣା ଘଟିଥିଲା ଏବଂ ମେଟ୍ରୋନକୁ ବହିଷ୍କାର କରାଯାଇଥିଲା । ଅନୁରୂପ ସୁନ୍ଦରଗଡ଼ ଜିଲ୍ଲାରେ ମଧ୍ୟ ଜଣେ ମହିଳା କର୍ମଚାରୀଙ୍କୁ ପ୍ରଧାନଶିକ୍ଷକ ଅତ୍ୟାଚାର କରି ଗ୍ରାମବାସୀଙ୍କ ହାତରେ ଧରାପଡ଼ିଥିଲେ । ବାରମ୍ବାର ଶିକ୍ଷାର ଅମର୍ଯ୍ୟାଦା ଘଟାଇ ପ୍ରଧାନଶିକ୍ଷକମାନେ ଏଭଳି ଅମାନୁଷିକ କାର୍ଯ୍ୟ କରିଚାଲିଛନ୍ତି ।

## ଓପିଟିସିଏଲ୍ ପକ୍ଷରୁ ୧୩୨/୩୩ କେ.ଭି. ଚ଼ିପିଲିମା ଗ୍ରୀଡ୍ ସବଷ୍ଟେସନରେ ରକ୍ଷଣାବେକ୍ଷଣ କାର୍ଯ୍ୟ ଲାଗି ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ

ସମ୍ବଲପୁର ,୨୦।୯(ପି.ଏନ): ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଞ୍ଚାରଣ ନିଗମ ଲିମିଟେଡ (ଓପିଟିସିଏଲ୍) ପକ୍ଷରୁ ୧୩୨/୩୩ କେ.ଭି. ଚ଼ିପିଲିମା ଗ୍ରୀଡ୍ ସବଷ୍ଟେସନରେ ରକ୍ଷଣାବେକ୍ଷଣ କାର୍ଯ୍ୟ ଲାଗି ସମ୍ବଲପୁର ଜିଲ୍ଲା ଅନ୍ତର୍ଗତ ହୁମା, ଧମା, ଚ଼ିପିଲିମା, ବସନ୍ତପୁର, ସହାସପୁର, ହାତୀବାରୀ, ଜୁଜୋମୁରା, ଗୁଣ୍ଡେରପୁର, ଗୋଶାଳା, ଗୋଡ଼ଭଗା ଓ ଝରେଇପାଲି ଆଦି ଅଞ୍ଚଳ ଏବଂ ଏହାର ଆଖପାଖ ଅଞ୍ଚଳରେ ଆସନ୍ତା ତା. ୨୧.୦୯.୨୦୨୪ ରିଖ (ଶନିବାର) ସକାଳ ୮ ଟାରୁ ଅପରାହ୍ନ ୨ ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ ।ଏହି ରକ୍ଷଣାବେକ୍ଷଣ କାର୍ଯ୍ୟ ସ୍ଥିର, ନିରବ୍ଛିନ୍ନ ତଥା ଗୁଣାତ୍ମକ ବିଦ୍ୟୁତ୍ ସେବା ପାଇଁ ଅତ୍ୟନ୍ତ ଜରୁରୀ ଅଟେ । ତେଣୁ ସାମୟିକ ସମୟ ପାଇଁ ବିଦ୍ୟୁତ୍ ସେବା ବ୍ୟାହତ ହେବା ଲାଗି ଟିପିଡବ୍ଲ୍ୟୁଓଡିଏଲ୍ କର୍ତୃପକ୍ଷ ଦୁଃଖ ପ୍ରକାଶ କରିବା ସହ ଉକ୍ତ ଅଞ୍ଚଳର ବିଦ୍ୟୁତ୍ ଗ୍ରାହକ ତଥା ଜନସାଧାରଣଙ୍କ ସହଯୋଗ କାମନା କରୁଅଛନ୍ତି ।

## ଇନ୍ଦୁପୁର ହତ୍ୟାକାଣ୍ଡରେ ସଂପୃକ୍ତ ୬ ଗିରଫ

କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଇନ୍ଦୁପୁର ବିରୂପା ନଦୀ ପୋଲ ଉପରେ ବାଡେଇ ବାଡେଇ ପୋଲ ଉପରୁ ନଦୀକୁ ଫିଙ୍ଗିଦେବା ଘଟଣାରେ ନିକିରାଇ ପୋଲିସକୁ ସଫଳତା ମିଳିଛି । ନିକିରାଇ ଥାନା ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ କରି ୬ଜଣ ଅଭିଯୁକ୍ତଙ୍କୁ ଗିରଫ କରି ଆଜି କୋର୍ଟଚାଲାଣ କରିଛି । ସେମାନଙ୍କ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବାରିମୂଳ ଉପକାରାଗାରକୁ ପଠାଇ ଦିଆଯାଇଛି। ଅଭିଯୁକ୍ତମାନେ ପୋଲିସ ନିକଟରେ ସେମାନଙ୍କ ଦୋଷ ସ୍ୱୀକାର କରିଛନ୍ତି । ପରକୀୟା ପ୍ରୀତିରୁ ଏଭଳି ଅଘଟଣ ଘଟିଛି ବୋଲି ପୋଲିସ ତଦନ୍ତରୁ ଜଣାପଡିଛି । ପ୍ରକାଶ ଥାଉକି ଗତ ୧୪ ତାରିଖରେ ନିକିରାଇର ମ ୁ ମଲ୍ଲିକକୁ ମାରି ପୋଲ ଉପରୁ ବିରୂପା ନଦୀକୁ ଫିଙ୍ଗି ଦିଆଯାଇଥିଲା। ଗିରଫ ହୋଇଥିବା ସମସ୍ତ ଅଭିଯୁକ୍ତ ଯାଜପୁର ଜିଲ୍ଲାର ବରୀ ଥାନା ଅନ୍ତର୍ଗତ କୃଷ୍ଣନଗର ଗ୍ରାମର । ସେମାନେ ହେଉଛନ୍ତି ଟିକିଲି ଜେନା, ଟିକିଲିଙ୍କ ପୁଅ ଲିଟୁନା ଜେନା, ବ ି ଜେନା, ଟିକିଲିଙ୍କ ସମ୍ପର୍କୀୟ ଦିପୁ



ଜେନା, ଅଶ୍ୱିନୀ ଜେନା ଓ କିଶୋର ଜେନା । ଗିରଫ ସମସ୍ତ ଅଭିଯୁକ୍ତ ଗୋଟିଏ ପରିବାରର ସଦସ୍ୟ ବୋଲି ଜଣାପଡିଛି । ଏହି ବିଭତ୍ସ ହତ୍ୟାକାଣ୍ଡ ପଛରେ ପରକୀୟା ପ୍ରିତି ଥିବା ପୋଲିସ ସୂଚନା ଦେଇଛି । ମିଳିଥିବା ସୂଚନା ଅନୁଯାୟୀ ମୃତ ଟ୍ରାକ୍ଟର ଚାଳକ ମ ୁ ମଲ୍ଲିକ ଅଗଷ୍ଟ ୧୪ ତାରିଖ ସକାଳେ ତାଙ୍କ ସାଙ୍ଗ କୃଷ୍ଣନଗର ଅ ଳର ଦିପୁ ଜେନାଙ୍କ ଘରକୁ ଯାଇ ତାଙ୍କ ସ୍ତ୍ରୀଙ୍କୁ ଭେଟିଥିଲେ । ଏହି ସମୟରେ ଦିପୁର ବାପା ଟିକିଲି ଜେନା ମ ୁଙ୍କୁ ତାଙ୍କ ବୋହୁ ସହ ଦେଖି ବିରକ୍ତ ପ୍ରକାଶ କରିବା ସହ ମାରଧର କରିଥିଲେ । ମ ୁ ସେଠାରୁ ପଳାଇ ଆସି ଇନ୍ଦୁପୁର ଛକରେ ବୁଲୁଥିବାବେଳେ ଦିନ ୨ଟା ବେଳେ ସେଠାରେ ଟିକିଲି ଜେନାଙ୍କ ସହ ଭେଟ ହୋଇଗଲା । ମ ୁ ରାଗ ଶୁଝାଇବାକୁ ଯାଇ ଟିକିଲିଙ୍କୁ ମାଡ ମାରିଥିଲା । ଟିକିଲି ମାଡ ଖାଇ ଘଟଣାସ୍ଥଳକୁ ତାଙ୍କର ଦୁଇପୁଅ ଲିଟୁନା ଓ ବ ିକୁ ଫୋନ କରି ଡାକିଥିଲା । ବାପ ପୁଅ ୩ଜଣ ମିଳିତ ଭାବେ ମ ୁକୁ ମାଡ ମାରି ସାଙ୍ଗରେ କୃଷ୍ଣନଗର ନେଇ ଯାଇଥିଲେ । ସେଠାରେ ଅନ୍ୟ ଅଭିଯୁକ୍ତମାନେ ମିଶି ମ ୁକୁ ମାଡ ମାରିବା ସହ ପୁନର୍ବାର ଆଣି ବିରୂପା ପୋଲ ଉପରୁ ନଦୀକୁ ଠେଲି ଦେଇଥିଲେ। ଘଟଣା ଘଟିବା ପରଦିନ ଅର୍ଥାତ୍ ଅଗଷ୍ଟ ୧୫ ତାରିଖ ଦିନ ବ୍ରାହ୍ମଣୀ ନଦୀରୁ ମ ୁଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା । ମୃତ ମ ୁ ମଲ୍ଲିକଙ୍କ ଭାଇ ଶରତ ମଲ୍ଲିକଙ୍କ ଅଭିଯୋଗ କ୍ରମେ ନିକିରାଇ ଥାନା ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି ।

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)



FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES for Std I to Std V

Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751<0 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ

EDITOR : Dr. Pabitra Mohan Samantaray